

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୩୧ ଜାନୁଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 31 JANUARY 2025

Vol.No. 36 ■ No.29 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ରେକର୍ଡ ଭାଙ୍ଗିଲା ଉତ୍କର୍ଷ ଓଡ଼ିଶା




ଭୁବନେଶ୍ୱର: , ୩୦/୧ (ନି.ପ୍ର): ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ପୁଞ୍ଜିନିବେଶର ପ୍ରତିଶ୍ରୁତି ପାଇଛନ୍ତି ସରକାର । ଏଥର ରେକର୍ଡ ଭାଙ୍ଗିଲା ଉତ୍କର୍ଷ ଓଡ଼ିଶା । ପୂର୍ବ ତିନୋଟି ମେକଇନ ଓଡ଼ିଶା କନକ୍ଲେଭରେ ମିଳିଥିଲା ୧୬ଲକ୍ଷ କୋଟିର ପ୍ରତିଶ୍ରୁତି । ଉତ୍କର୍ଷ ଓଡିଶା ସରିବା ପରେ ରାଜ୍ୟରେ ଶିଳ୍ପାୟନ ସ୍ୱପ୍ନ କେତେ ପୂରଣ ହେବ, ତାକୁ ନେଇ ଆରମ୍ଭ ହୋଇଯାଇଛି ଚର୍ଚ୍ଚା । ବିଜେଡି ସରକାର ଅମଳରେ ନୂଆ ଶିଳ୍ପ ଓ ନିଯୁକ୍ତି କିଛି ହୋଇନଥିଲା । ଏବେ ଏତେ ଘୋଷଣା ସତରେ ବାସ୍ତବ ରୂପ ନେବ ନା, ଘୋଷଣାରେ ରହିଯିବ ସେ ନେଇ ବଡ ପ୍ରଶ୍ନ ଉଠିଛି । ୨୦୧୬ରେ ୨ ଲକ୍ଷ କୋଟିର ନିବେଶ ପ୍ରସ୍ତାବ ମିଳିଥିବା ବେଳେ ୨୦୧୮ରେ ୪ ଲକ୍ଷ କୋଟିର ନିବେଶ ପ୍ରସ୍ତାବ ଓ ୨୦୨୨ରେ ୧୦ ଲକ୍ଷ କୋଟିର ପୁଞ୍ଜିନିବେଶ ପ୍ରସ୍ତାବ ଆସିଥିଲା । ଗତ ୩ ଥରର ମେକ ଇନ୍ ଓଡ଼ିଶାକୁ ଟପିଯାଇଛି ୨୦୨୫ର ଉତ୍କର୍ଷ ଓଡିଶା ସମ୍ମିଳନୀ । କାରଣ ୨ ଦିନରେ ୧୬ ଲକ୍ଷ ୭୩ ହଜାର କୋଟି ଟଙ୍କାର ନିବେଶ ପାଇଁ ବୁଝାମଣା ହୋଇଛି । ଯେଉଁଥିରେ ୧୨ ଲକ୍ଷ ୮୮ ହଜାରର ନିଯୁକ୍ତି ସୃଷ୍ଟି ହେବ । ଶିଳ୍ପ ପାଇଁ ୭ଲକ୍ଷ ୮୫ ହଜାର କୋଟି ୬ ଲକ୍ଷ ୨୦ ହଜାର, ଶକ୍ତି ପାଇଁ ଲକ୍ଷ ୨୫ ହଜାର କୋଟି ୧ଲକ୍ଷ ୨୩ ହଜାର ଓ ବାଣିଜ୍ୟ, ପରିବହନ ପାଇଁ ୬୨ହଜାର ୬୪୫ କୋଟି ୪୧ ହଜାର ୪୫୦ ଟଙ୍କାର ଏମଓୟୁ ସ୍ୱାକ୍ଷର ହୋଇଛି । ଏଥିପାଇଁ ଆଦାନୀ: ୨ଲକ୍ଷ ୨୮ ହଜାର କୋଟି, ବେଦାନ୍ତ: ୧ ଲକ୍ଷ କୋଟି, ଟାଟା ଗ୍ରୁପ: ୮୭ ହଜାର ୯୪୪ କୋଟି, ଜେଏସଡବ୍ଲୁ: ୭୫ ହଜାର କୋଟି, ଜେଏସପିଏଲ: ୨୫ ହଜାର ୫୭୦ କୋଟି ନିବେଶ କରିବେ । ପୂର୍ବ ବିଜେଡି ସରକାର ସମୟରେ ବହୁ ବଡ ବଡ ଶିଳ୍ପପତି ଓଡିଶା ମୁହାଁ ହୋଇଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ମୁହଁ ମୋଡି ଫେରି ଯାଇଥିଲେ । ହେଲେ ନୂଆ ସରକାର ଉତ୍କର୍ଷ ଓଡିଶାକୁ ନେଇ ଅନେକ ସ୍ୱପ୍ନ ଦେଖାଇଛନ୍ତି । କିନ୍ତୁ ପ୍ରକୃତରେ ଏହା ବାସ୍ତବ ରୂପ ନେବ ନା ପୂର୍ବ ସରକାର ଭଳି ଘୋଷଣାରେ ସୀମିତ ରହିଯିବ ତାକୁ ନେଇ ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇଛି ।

# ଆମେରିକା ବିମାନ ଦୁର୍ଘଟଣାରେ ୩୦ ଛୁଇଁଲା ମୃତ୍ୟୁ ସଂଖ୍ୟା

## ଦୁର୍ଘଟଣାକୁ ନେଇ ପ୍ରଶ୍ନ ଉଠାଇଲେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ



ନୂଆଦିଲ୍ଲୀ, ୩୦/୦୧ : ଆମେରିକା ୱାସିଂଟନ ଡିସିରେ ଏକ ବଡ଼ ବିମାନ ଦୁର୍ଘଟଣାରେ ୩୦ ଜଣଙ୍କ ଜୀବନ ଯାଇଛି । ଗୁରୁବାର ହ୍ୱାଇଟ୍ ହାଉସ୍ ?ରୁ ମାତ୍ର ୫ କିଲୋମିଟର ଦୂରରେ ମଝି ଆକାଶରେ ପାସେଞ୍ଜର ବିମାନକୁ ଧକ୍କା ଦେଇଛି ଆର୍ମି ହେଲିକପ୍ଟର । ଧକ୍କା ପରେ ଉଭୟ ହେଲିକପ୍ଟର ଓ ବିମାନ ପୋଟୋମାକ୍ ? ନଦୀକୁ ଖସି ପଡିଛି । ବ୍ୟବସାୟିକ ବିମାନ ଲ୍ୟାଣ୍ଡିଂ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ସାମ୍ନାକୁ ଆସୁଥିବା ଆର୍ମି ହେଲିକପ୍ଟର ସହ ଏହାର ମୁହାଁମୁହିଁ ଧକ୍କା ହୋଇଥିଲା । ବିମାନରେ ମୋଟ ୬୦ ଜଣ ଯାତ୍ରୀ ଓ ୪ ଜଣ କ୍ରିୟୁ ସଦସ୍ୟ ଥିଲେ । ତେବେ କାହିଁକି ସେନା ହେଲିକପ୍ଟର ନିଜର ଗତିପଥ ବଦଳାଇଲା ନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି । ଘଟଣାକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆର୍ମି ହେଲିକପ୍ଟର ଗତିପଥ ଉପରେ ପ୍ରଶ୍ନ ଉଠାଇଛନ୍ତି । ଟ୍ରମ୍ପ କହିଛନ୍ତି, ବିମାନଟି ଅବତରଣ ପାଇଁ ସଠିକ୍ ରୁଟରେ ଯାଉଥିଲା କିନ୍ତୁ ହେଲିକେପ୍ଟରଟି ନିୟମ ଉଲଙ୍ଘନ କରି ସେହି ଲାଇନରେ ଯିବାରୁ ଦୁର୍ଘଟଣା ଘଟିଥିଲା । ବିମାନର ଲାଇଟ ଜଳୁଥିଲେ ମଧ୍ୟ କିପରି ହେଲିକପ୍ଟର ପାଇଲଟ ଏହାକୁ ଦେଖି ପାରିଲେ ନାହିଁ ? କାହିଁକି କାହିଁକି ହେଲିକପ୍ଟରଟି ଉପରକୁ, ତଳକୁ କିମ୍ବା ଟର୍ଣ୍ଣ କଲା ନାହିଁ ? କଣ୍ଟ୍ରୋଲ ଟାୱାର କ'ଣ କରାଯିବ ନ କହି କାହିଁକି ହେଲିକପ୍ଟର ପାଇଲଟଙ୍କୁ ବିମାନ ଦେଖାଯାଉଛି କି ନାହିଁ ପ୍ରଶ୍ନ କରିଥିଲେ । ସବୁ କିଛିକୁ ଦେଖିଲେ ଲାଗୁଛି ଯେ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ପାରିଥାଆନ୍ତା । ଘଟଣାକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆର୍ମି ହେଲିକପ୍ଟର ଗତିପଥ ଉପରେ ପ୍ରଶ୍ନ ଉଠାଇଛନ୍ତି । ଟ୍ରମ୍ପ କହିଛନ୍ତି, ବିମାନଟି ଅବତରଣ ପାଇଁ ସଠିକ୍ ରୁଟରେ ଯାଉଥିଲା କିନ୍ତୁ ହେଲିକେପ୍ଟରଟି ନିୟମ ଉଲଙ୍ଘନ କରି ସେହି

▶▶ପୃଷ୍ଠା ୭

## ମଧ୍ୟପ୍ରଦେଶର ପନ୍ନା ଜିଲ୍ଲାରେ ସିମେଂଟ ପ୍ଲାଂଟରେ ବଡ ଦୁର୍ଘଟଣା

ଭୋପାଳ, ୩୦/୧ : ମଧ୍ୟପ୍ରଦେଶର ପନ୍ନା ଜିଲ୍ଲାରେ ଗୁରୁବାର ସକାଳେ ବଡଧରଣର ଦୁର୍ଘଟଣା ଘଟିଛି । ଜେକେ ସିମେଂଟ ଫ୍ୟାକ୍ଟ୍ରିରେ ନିର୍ମାଣଧୀନ ଛାତର ସ୍ଲାବ ଭୁଶୁଡି ପଡିଛି । ଘଟଣା ସମୟରେ ଶହଶହ ଶ୍ରମିକ କାମ କରୁଥିଲେ । ଦୁର୍ଘଟଣାରେ ୨ ଶ୍ରମିକ ଏହା ତଳେ ଦବି ଯାଇ ମୃତ୍ୟୁବରଣ କରିଥିବାର ସୂଚନା ମିଳିଛି । ତେବେ ପ୍ରଶାସନ ପକ୍ଷରୁ ଏନେଇ କୌଣସି ସୂଚନା ମିଳିନି । ଘଟଣାରେ ପ୍ରାୟ ୫୦ଜଣ ଶ୍ରମିକ ଆହତ ହୋଇଛନ୍ତି । ସୂଚନା ମିଳିବା ପରେ ପୋଲିସ ଓ ଆମ୍ବୁଲାନ୍ସ ବି ଘଟଣାସ୍ଥଳରେ ପଂହଚିଛନ୍ତି । ରେସକ୍ୟୁ ଅପରେସନ ଜାରି ରହିଛି ।

## ପ୍ରୟାଗରାଜ ରୁଟରେ ଫ୍ଲାଇଟ ଟିକେଟ ଉପରେ ୩୦-୫୦ ପ୍ରତିଶତ ଛାଡ କଲା ଇଣ୍ଡିଗୋ

ନୂଆଦିଲ୍ଲୀ, ୩୦/୧ : ମହାକୁମ୍ଭରେ ସାମିଲ ହେବାକୁ ଯାଉଥିବା ଶ୍ରଦ୍ଧାଳୁଙ୍କ ପାଇଁ ଖୁସି ଖବର । ଦେଶର ସବୁଠୁ ବଡ ଏୟାରଲାଇନ୍ସ ଇଣ୍ଡିଗୋ ପ୍ରୟାଗରାଜ ମହାକୁମ୍ଭ ପାଇଁ ନିଜ ଫ୍ଲାଇଟ ଟିକେଟରେ ୩୦ରୁ ୫୦ ପ୍ରତିଶତ ଯାଏ ଛାଡ କରିଛି । ଗୁରୁବାର ଇଣ୍ଡିଗୋ ପକ୍ଷରୁ ଜାରି ଏକ ବୟାନରେ କୁହାଯାଇଛି ଯେ, ପ୍ରୟାଗରାଜ ରୁଟରେ ଏୟାରଲାଇନ୍ସ ନିଜ ଭଡାରେ ୩୦-୫୦ ପ୍ରତିଶତ ହ୍ରାସ କରିଛି । ପ୍ରୟାଗରାଜରେ ଚାଲୁଥିବା କୁମ୍ଭମେଳାରେ ସାମିଲ ହେବାକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ବଢୁଥିବା ସଂଖ୍ୟାକୁ ଦେଖି କେନ୍ଦ୍ର ସରକାର ଫ୍ଲାଇଟ ଭଡାକୁ ନେଇ ଚିନ୍ତା ପ୍ରକଟ କରିବା ପରେ କିଛି ଏୟାରଲାଇନ୍ସ କଂପାନୀ ଏହା ଉପରେ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି ।

# ରାସନ କାର୍ଡ ଇ-କେୱାଇସି ସମୟ ସୀମା ୧୫ ଫେବୃଆରୀ ପର୍ଯ୍ୟନ୍ତ ବଢ଼ିଲା: ଯୋଗାଣ ମନ୍ତ୍ରୀ



ଭୁବନେଶ୍ୱର, ୩୦/୧(ନି.ପ୍ର) : ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ସୂଚନା ଦେଇଛନ୍ତି ଯେ ରାଜ୍ୟରେ ରାସନ କାର୍ଡ ଇ-କେୱାଇସି ଅପଡେଟ୍ ସମୟ ସୀମାକୁ ୧୫ ଫେବ୍ରୁଆରୀ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି । ପୂର୍ବରୁ ସରକାର ଜାନୁଆରୀ ୩୧ ତାରିଖକୁ ଶେଷ ତାରିଖ ଭାବେ ଘୋଷଣା କରିଥିଲେ । ଯଦି ଏହି ସମୟ ସୀମା ମଧ୍ୟରେ ଇ-କେୱାଇସି କରାଯାଇନଥିଲେ, ତେବେ ସରକାର ପରବର୍ତ୍ତୀ ପଦକ୍ଷେପ ନେବାକୁ ବିଚାର କରିବେ ବୋଲି ମନ୍ତ୍ରୀ କହିଥିଲେ । ପୂର୍ବରୁ ଘୋଷିତ ସମୟସୀମାର ଦିନକ ପୂର୍ବରୁ ରାସନ କାର୍ଡ ଇ-କେୱାଇସି ସମୟ ସୀମା ବୃଦ୍ଧି କରାଯାଇଛି । ରାଜ୍ୟରେ ୩୯ ଲକ୍ଷ ହିତାଧିକାରୀ ଇ-କେୱାଇସି ଅପଡେଟ୍ କରିନଥିଲେ । ଜାନୁଆରୀ ୨୯ ତାରିଖ ସୁଦ୍ଧା ୨ କୋଟି ୯୬ ଲକ୍ଷ ୯୭ ହଜାର ୩୩୨ ଜଣ ଇ-କେୱାଇସି ଅପଡେଟ୍ କରିଛନ୍ତି । ରାଜ୍ୟର ୨ କୋଟି ୯୫ ଲକ୍ଷ ୬୪ ହଜାର ୯୫୪ ଜଣ ଇ-କେୱାଇସି ଅପଡେଟ୍ କରିଛନ୍ତି । ରାଜ୍ୟ ବାହାରେ ୧ ଲକ୍ଷ ୩୨ ହଜାର ୩୭୮ ଜଣ ଇ-କେୱାଇସି ଅପଡେଟ୍ କରିଛନ୍ତି । ଜାନୁଆରୀ ୨୯ ତାରିଖ ସୁଦ୍ଧା ମୋଟ ୩୮ ଲକ୍ଷ ୩ ହଜାର ୨୩୮ ଜଣ ଇ-କେୱାଇସି ଅପଡେଟ୍ କରି ନାହାନ୍ତି ବୋଲି ମନ୍ତ୍ରୀ କହିଛନ୍ତି । କାର୍ଡରେ ଅଯୋଗ୍ୟ ଓ ମୃତ ବ୍ୟକ୍ତି ଥିବାରୁ ଇ-କେୱାଇସି କରିବାକୁ ବହୁ ହିତାଧିକାରୀ ଆସୁ ନାହାନ୍ତି ବୋଲି ଯୋଗାଣ ମନ୍ତ୍ରୀ କହିଛନ୍ତି ।

## ନ୍ୟାସନାଲ କ୍ରିଟିକାଲ ମିନେରାଲ୍ସ ମିଶନର ଉଦ୍ଦେଶ୍ୟ ଆମଦାନୀ ନିର୍ଭରତାକୁ କମ୍ କରିବ: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୩୦ ଜାନୁୟାରୀ - ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର କହିଛନ୍ତି ଯେ, ନ୍ୟାସନାଲ କ୍ରିଟିକାଲ ମିନେରାଲ ମିଶନର ଉଦ୍ଦେଶ୍ୟ ଆମଦାନୀ ଉପରେ ନିର୍ଭରତାକୁ କମ୍ କରିବା, ଘରୋଇ ମୂଲ୍ୟ ଶୃଙ୍ଖଳାକୁ ମଜୁତ କରିବା ଓ ଭାରତର '୨୦୭୦ ସୁଦ୍ଧା ଶୁଦ୍ଧ ଶୂନ୍ୟ' ଲକ୍ଷ୍ୟକୁ ସମର୍ଥନ ଦେବା । କେନ୍ଦ୍ରମନ୍ତ୍ରୀ ଜି କିଶନ ରେଡ୍ଡୀ ଦ୍ୱାରା ନ୍ୟାସନାଲ କ୍ରିଟିକାଲ ମିନେରାଲ ମିଶନ ଉପରେ ଲେଖାଯାଇଥିବା ଏକ ଆଲେଖ୍ୟ ଉପରେ ପ୍ରତିକ୍ରିୟା ଦେଇ ପ୍ରଧାନମନ୍ତ୍ରୀ ଏକ୍ସରେ ଲେଖିଛନ୍ତି ଯେ, କେନ୍ଦ୍ରମନ୍ତ୍ରୀ ଜି କିଶନ ରେଡ୍ଡୀ ବିସ୍ତାର ଭାବେ କହିଛନ୍ତି ଯେ, କିଭଳି ଜାତୀୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ମିଶନର ଉଦ୍ଦେଶ୍ୟ ଆମଦାନୀ ନିର୍ଭରତାକୁ କମ୍ କରିବା, ଘରୋଇ ମୂଲ୍ୟ ଶୃଙ୍ଖଳାକୁ ମଜବୁତ କରିବା ଓ ଭାରତର '୨୦୭୦ ସୁଦ୍ଧା ନେଟ ଜିରୋ' ଲକ୍ଷ୍ୟକୁ ସମର୍ଥନା କରିବା ଅଟେ ।

## ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିଲେ ଝାଡଖଣ୍ଡ ରାଜ୍ୟପାଳ

ନୂଆଦିଲ୍ଲୀ, ୩୦/୦୧ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିଛନ୍ତି ଝାଡଖଣ୍ଡ ରାଜ୍ୟପାଳ । ଏନେଇ ଏକ୍ସ ହ୍ୟାଣ୍ଡେଲରେ ସୂଚନା ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଆଜି ସକାଳେ ନୂଆଦିଲ୍ଲୀରେ ଝାରଖଣ୍ଡର ରାଜ୍ୟପାଳ ସନ୍ତୋଷ ଗଙ୍ଗୱାରଙ୍କ ସହ ସାକ୍ଷାତ ହୋଇଛି । ଏହି ଅବସରରେ ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ଆହୁରି ଅଧିକ ପ୍ରଭାବୀ ଏବଂ ସୁଦୃଢ କରିବା ପାଇଁ ବିଭିନ୍ନ ବିଷୟ ଉପରେ ବିଚାର-ବିମର୍ଷ ହୋଇଛି ।

# ରାଜୀବ କୁମାରଙ୍କୁ କେଜ୍ରିୱାଲଙ୍କ ଚ୍ୟାଲେଞ୍ଜ : ତିନି ବୋତଲ ପାଣି ପିଇକି ଦେଖାଅ



ନୂଆଦିଲ୍ଲୀ, ୩୦/୦୧ : କେଜ୍ରୀୱାଲ କହିଛନ୍ତି, ନିର୍ବାଚନ କମିଶନ ପାତରଅନ୍ତର କରୁଛନ୍ତି । ଦିଲ୍ଲୀରେ ଖୋଲାଖୋଲି ଭାବେ ଟଙ୍କା ବଣ୍ଟା ହେଉଛି । କିନ୍ତୁ ମୁଖ୍ୟ ନିର୍ବାଚନ ଅଧିକାରୀ ରାଜୀବ କୁମାର ଅବସର ପରେ ଭଲ ପୋଷ୍ଟିଂ ପାଇଁ ରାଜନୀତି କରୁଛନ୍ତି । କିନ୍ତୁ ଇତିହାସ ତାଙ୍କୁ କେବେ କ୍ଷମା ଦେବନି । ଯମୁନା ନଦୀ ପାଣିକୁ ନେଇ ଆରମ୍ଭ ହୋଇଥିବା ବିବାଦ ବଢିବାରେ ଲାଗିଛି । ଯମୁନା ପାଣିରେ ବିଷ ମିଶୁଥିବା ନେଇ ଅରବିନ୍ଦ କେଜ୍ରିୱାଲଙ୍କ ଅଭିଯୋଗ ଉପରେ ବିସ୍ତୃତ ତଥ୍ୟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ ନିର୍ବାଚନ କମିଶନ । ଏଭଳି କିଛି ପ୍ରଶ୍ନର ଉତ୍ତର ଦେବାକୁ କହିଥିଲେ ନିର୍ବାଚନ କମିଶନ । ଯାହାର ଯବାବ ରଖିଛି ଆପ । ଆପ ପକ୍ଷରୁ କୁହାଯାଇଛି ଯେ, ଦିଲ୍ଲୀ ଜଳ ବୋର୍ଡର ତଥ୍ୟା ଅନୁଯାୟୀ ଯମୁନା ପାଣିରେ 'ଆନୋନିଆ' ଭାଗ ୭୦୦ ଗୁଣା ଅଧିକ ରହିଛି । ଯାହା ମଣିଷ ଶରୀରପ୍ରତି ଅତ୍ୟନ୍ତ କ୍ଷତିକାରକ । କେଜ୍ରୀୱାଲ କହିଛନ୍ତି, ନିର୍ବାଚନ କମିଶନ ପାତରଅନ୍ତର କରୁଛନ୍ତି । ଦିଲ୍ଲୀରେ ଖୋଲାଖୋଲି ଭାବେ ଟଙ୍କା ବଣ୍ଟା ହେଉଛି । କିନ୍ତୁ ମୁଖ୍ୟ ନିର୍ବାଚନ ଅଧିକାରୀ ରାଜୀବ କୁମାର ଅବସର ପରେ ଭଲ ପୋଷ୍ଟିଂ ପାଇଁ ରାଜନୀତି କରୁଛନ୍ତି । କିନ୍ତୁ ଇତିହାସ ତାଙ୍କୁ କେବେ କ୍ଷମା ଦେବନି । ଘଟଣାକୁ ନେଇ ରାଜନୀତି ଜୋର ଧରିଥିବା ବେଳେ ମୁଖ୍ୟ ନିର୍ବାଚନ ଅଧିକାରୀ ରାଜୀବ କୁମାରଙ୍କୁ ଚ୍ୟାଲେଞ୍ଜ ଦେଇଛନ୍ତି କେଜ୍ରିୱାଲ । ଆପ ସୁପ୍ରିମୋ କହିଛନ୍ତି, ମୁଁ ଇସିକୁ ୭୦୦ପିପିଏମ ଯୁକ୍ତ ଆମୋନିଆ ଏବଂ କ୍ଲୋରିନ ମିଶ୍ରିତ ତିନି ବୋତଲ ପାଣି ପଠାଇବି । ଯଦି ସାମ୍ବାଦିକ ସମ୍ମିଳନୀରେ ତିନି ନିର୍ବାଚନ ଅଧିକାରୀ ଏହି ପାଣି ପିଇଦେଲେ ତେବେ ସେ ତାଙ୍କର ଦୋଷ ସ୍ୱୀକାର କରିବେ । ସେପେଟ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ପ୍ରଦୂଷିତ ପାଣି ପାଇଁ ଆପ ଓ ବିଜେପିକୁ ଦାୟୀ କରିଛନ୍ତି । ରାହୁଲ କହିଛନ୍ତି, ୫ ବର୍ଷ ମଧ୍ୟରେ ଯମୁନା ପାଣିରେ ଗାଧୋଇବା ସହ ପିଇବା ଉପଯୋଗୀ କରିବାକୁ କେଜ୍ରିୱାଲ ପ୍ରତିଶ୍ରୁତି ଦେଇଥିଲେ । ତେଣୁ ଏବେ ତାଙ୍କୁ ଯମୁନା ପାଣି ପିଇବାକୁ ଚ୍ୟାଲେଞ୍ଜ ଦେଇଛନ୍ତି ରାହୁଲ ।

▶▶ପୃଷ୍ଠା ୭

# ଆଗାମୀ ୩ ଦିନ ରାଜ୍ୟର କେତେକ ସ୍ଥାନରେ ଘନ କୁହୁଡ଼ି ସମ୍ଭାବନା

## ଆସନ୍ତା ୨୪ ଘଂଟା ପାଇଁ ୧୦ ଜିଲ୍ଲାକୁ ଚେତାବନୀ

ଭୁବନେଶ୍ୱର, ୩୦ /୦୧ :- ଆଗାମୀ ୩ ଦିନ ରାଜ୍ୟର କେତେକ ସ୍ଥାନରେ ଘନ କୁହୁଡ଼ି ଦେଖାଦେବାର ସମ୍ଭାବନା ରହିଛି । ଏନେଇ ଆସନ୍ତା ୨୪ ଘଂଟା ପାଇଁ ୧୦ଟି ଜିଲ୍ଲାକୁ ଚେତାବନୀ ଜାରୀ କରିଛି ପାଣିପାଗ ବିଭାଗ । ସେହି ଜିଲ୍ଲା ଗୁଡିକ ହେଲା କେନ୍ଦୁଝର, ଢ଼େଙ୍କାନାଳ, ଅନୁଗୁଳ, କଟକ, ଖୋର୍ଦ୍ଧା, ନୟାଗଡ, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, କୋରାପୁଟ । ଏସବୁ ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ଘନ କୁହୁଡ଼ି ନେଇ ଚେତାବନୀ ରହିଛି । ଏସବୁ ସ୍ଥାନରେ କୁହୁଡ଼ିର ଦୃଶ୍ୟମାନ ଦୂରତା ୫୦ରୁ ୨୦୦ ମିଟର ମଧ୍ୟରେ ରହିପାରେ । ସେହିପରି ୩୧ ତାରିଖ ସକାଳ ୮ଟା ୩୦ରୁ ୧ ତାରିଖ ସକାଳ ୮ଟା ୩୦ ପର୍ଯ୍ୟନ୍ତ ଘନ କୁହୁଡ଼ି ନେଇ ୮ଟି ଜିଲ୍ଲାକୁ ଚେତାବନୀ ଜାରି ହୋଇଛି । ସେହି ଜିଲ୍ଲା ଗୁଡିକ ହେଲା ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଅନୁଗୁଳ, ବୌଦ୍ଧ, କନ୍ଧମାଳ ଏବଂ କଳାହାଣ୍ଡି । ଏସବୁ ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ଘନ କୁହୁଡ଼ି ନେଇ ଚେତାବନୀ ରହିଛି । ଏସବୁ ସ୍ଥାନରେ କୁହୁଡ଼ିର ଦୃଶ୍ୟମାନ ଦୂରତା ୫୦ରୁ ୨୦୦ ମିଟର ମଧ୍ୟରେ ରହିପାରେ । ସେହିପରି ଫେବୃଆରୀ ୧ ତାରିଖ ସକାଳ ୮ଟା ୩୦ରୁ ୨ ତାରିଖ ସକାଳ ୮ଟା ୩୦ ପର୍ଯ୍ୟନ୍ତ ଘନ କୁହୁଡ଼ି ନେଇ ୫ଟି ଜିଲ୍ଲାକୁ ଚେତାବନୀ ଜାରି ହୋଇଛି । ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା ଏବଂ କୋରାପୁଟ । ଏସବୁ ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ଘନ କୁହୁଡ଼ି ନେଇ ଚେତାବନୀ ରହିଛି । ଏସବୁ ସ୍ଥାନରେ କୁହୁଡ଼ିର ଦୃଶ୍ୟମାନ ଦୂରତା ୫୦ରୁ ୨୦୦ ମିଟର ମଧ୍ୟରେ ରହିପାରେ । ତେବେ ଫେବୃଆରୀ ୨ ତାରିଖ ଠାରୁ ୪ ତାରିଖ ସକାଳ ପର୍ଯ୍ୟନ୍ତ କୌଣସି ଚେତାବନୀ ନାହିଁ । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

# ସାଉଦୀ ଆରବରେ ସଡକ ଦୁର୍ଘଟଣାରେ ୯ଜଣ ଭାରତୀୟଙ୍କ ମୃତ୍ୟୁ

## ଦୂତାବାସ ଜାରି କରିଛି ହେଲ୍ପଲାଇନ ନମ୍ବର

ଜେଦ୍ଦା ୩୦/୦୧ : ଜାନୁଆରୀ (ହି.ସ)-ସାଉଦୀ ଆରବର ଜୀଜାନ ସହରରେ ଏକ ଭୟଙ୍କର ସଡକ ଦୁର୍ଘଟଣାରେ ନଅଜଣ ଭାରତୀୟ ନାଗରିକଙ୍କ ଦୁଃଖଦ ମୃତ୍ୟୁ ଘଟିଛି ।ଏହି ଦୁର୍ଘଟଣାରେ ଜେଦ୍ଦା ସ୍ଥିତ ଭାରତୀୟ ମହାବାଣିଜ୍ୟ ଦୂତାବାସ ଗଭୀର ସମବେଦନା ଜଣାଇଛନ୍ତି ଏବଂ ପୀଡିତଙ୍କ ପରିବାରକୁ ସମସ୍ତ ସାହାଯ୍ୟ ଯୋଗାଇ ଦେବାକୁ ନିଶ୍ଚିତ କରିଛନ୍ତି ।ଭାରତ ଦୂତାବାସ ସମ୍ପୃକ୍ତ ଅଧିକାରୀଙ୍କ ସହ ସମନ୍ୱୟ ରକ୍ଷା କରିଛି ଏବଂ ଦୁର୍ଘଟଣାରେ ପ୍ରଭାବିତ ପରିବାରକୁ ସହାୟତା ପାଇଁ ଏକ ସ୍ୱତନ୍ତ୍ର ହେଲ୍ପଲାଇନ ନମ୍ବର ଜାରି କରାଯାଇଛି ।ଏହି ଘଟଣାରେ ବିଦେଶ ମନ୍ତ୍ରୀ ଏସ. ଜୟଶଙ୍କର ଗଭୀର ସମବେଦନା ଜଣାଇଛନ୍ତି ଏବଂ ଆଶ୍ୱାସନା ଦେଇଛନ୍ତି ଯେ ଭାରତ ସରକାର ପ୍ରଭାବିତ ପରିବାରକୁ ସମ୍ପୂର୍ଣ୍ଣ ସହାୟତା ପ୍ରଦାନ କରିବେ ।

## ନବ ଦାସଙ୍କ ହତ୍ୟାକାଣ୍ଡରେ ବହୁ ମୁଣ୍ଡ ସମ୍ପୃକ୍ତ : ଜୟ ନାରାୟଣ ମିଶ୍ର

ଭୁବନେଶ୍ୱର, ୩୦/୧(ନି.ପ୍ର) : ନବ ଦାସ ହତ୍ୟାକାଣ୍ଡ ନେଇ ବିଜେପି ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ବଡ଼ ବୟାନ । ନବ ଦାସଙ୍କ ହତ୍ୟାକାଣ୍ଡରେ ବହୁ ମୁଣ୍ଡ ସମ୍ପୃକ୍ତ । ତେଣୁ ରାଜ୍ୟ ସରକାରଙ୍କ ତଦନ୍ତ ଲୋକଙ୍କୁ ସନ୍ତୁଷ୍ଟ କରିପାରିବ ନାହିଁ ବୋଲି ଜୟ ନାରାୟଣ ମିଶ୍ର କହିଛନ୍ତି । ସେ କହିଛନ୍ତି ସରକାର ସ୍ୱମୋଟୋ ତଦନ୍ତ କରିପାରିବେ କି ନାହିଁ ବିଚାର ଚାଲିଛି । ଆଇନ ଅନୁଯାୟୀ ଯଦି ସ୍ୱମୋଟା ତଦନ୍ତ ସରକାର କରିପାରିବେ ତେବେ କରାଯିବ । ନବ ଦାସ ହତ୍ୟାକାଣ୍ଡର ସିବିଆଇ ତଦନ୍ତ ନେଇ ପରିବାର ଲେଖିକି ଦେଲେ ମୁଁ ନିଜେ ସରକାରଙ୍କ ପାଖରେ ଅନୁରୋଧ କରିବି ଏବଂ ତାଙ୍କ ପରିବାରର ଅନୁରୋଧକୁ ସରକାର ସ୍ୱୀକାର କରିବେ ।

# ଜିଲ୍ଲାସ୍ତରୀୟ ମାଧ୍ୟମିକ ସ୍କୁଲ ଶିକ୍ଷକ ଓ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ

କେନ୍ଦୁଝର, ୩୦/୧ (ନି.ପ୍ର): ଓଡିଶା ମାଧ୍ୟମିକ ସ୍କୁଲ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ କେନ୍ଦୁଝରର ସଭାପତି ସଞ୍ଜୟ ବସନ୍ତ ଚକ୍ରଙ୍କ ସଭାପତିତ୍ୱରେ ବୁଧବାର ଦିନ କେନ୍ଦୁଝର ଶିକ୍ଷକ ଭବନ ଠାରେ ସଂଘର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମା' ତାରିଣୀ ଓ କେନ୍ଦୁଝର ରାଷ୍ଟ୍ର ଦେବତା ଶ୍ରୀ ଶ୍ରୀ ବଳଦେବଜୀଉ ଫଟୋଚିତ୍ରରେ ଅବସରପ୍ରାପ୍ତ ବରିଷ୍ଠ ପ୍ରଧାନଶିକ୍ଷକ କହ୍ନେଇଚରଣ ମହାନ୍ତି ମାଲ୍ୟାର୍ପଣ ପୂର୍ବକ ଏହାକୁ ଉଦ୍‌ଘାଟନ କରିଥିଲେ। ଏହାପରେ ସଂଘର ସଭାପତି ଶ୍ରୀ ଚକ୍ର ଶୋକ ପ୍ରସ୍ତାବ ଆଗତ କରିଥିଲେ ଏବଂ ଆମ ଗହଣରୁ ଚାଲି ଯାଇଥିବା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କ ଉଦ୍ଦେଶରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସଂପାଦକ ରବିନ୍ଦ୍ର କୁମାର ପଣ୍ଡା ଅତିଥିଙ୍କ ପରିଚୟ ପ୍ରଦାନ ପୂର୍ବକ ସଭାରେ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ପଣ୍ଡା ଏହି ସଂଗଠନର ଜନ୍ମ ଓ ତା'ର ଉଦେ୍‌ଦଶ୍ୟ ସଂପର୍କରେ ଆଲୋକପାତ କରିବା ସହ ବର୍ତମାନ ପର୍ଯ୍ୟନ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କ ବହୁବିଧ ସମସ୍ୟା ଉପରେ ଆଲୋଚନା କରି ଆଗାମୀ କାର୍ଯ୍ୟପନ୍ଥା ସମ୍ବନ୍ଧରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ ଓ ଉପସ୍ଥିତ ସଭ୍ୟଙ୍କୁ ସେମାନଙ୍କର ସମସ୍ୟା ଉପସ୍ଥାପନ ପାଇଁ ପ୍ରସ୍ତାବ ଆଗତ କରିଥିଲେ। କାର୍ଯ୍ୟରତ ଏଡିଇଓ ଅଜୟ କୁମାର ପାତ୍ର ଅତିଥି ଭାବରେ ସଭାରେ ଉପସ୍ଥିତ ହୋଇ ବିଭିନ୍ନ ସମସ୍ୟା ଉପସ୍ଥାପନ ପାଇଁ ପ୍ରସ୍ତାବ ଆଗତ କରିଥିଲେ। ଏହି ଅବସରରେ ଉପସ୍ଥିତ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଉଦାସୀନତାକୁ ଭିତିକରି ଗଭୀର କ୍ଷୋଭ ପ୍ରକାଶ କରିଥିଲେ ଓ ଏହାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଅଭିଯୋଗ ପତ୍ର ମାଧ୍ୟମରେ ଜଣାଇବାକୁ ଗୃହରେ ନିଷ୍ପତି ଗ୍ରହଣ କରିଥିଲେ। ଦୀର୍ଘ ଦିନର ଦାବୀ ଗୁଡିକୁ କାର୍ଯ୍ୟାଳୟ ଉପେକ୍ଷା କରିବା ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ଏହାବ୍ୟତୀତ ୬୫ ବର୍ଷ ବୟସରୁ ୫% ଲେଖାଏଁ ପର୍ଯ୍ୟାୟକ୍ରମେ ୮୦ ବର୍ଷ ପର୍ଯ୍ୟନ୍ତ ସମୁଦାୟ ୨୦ ପ୍ରତିଶତ ପେନସନ ବୃଦ୍ଧି,ସମସ୍ତ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ଆୟୁଷ୍ମାନ ଯୋଜନାରେ ସାମିଲ, ସ୍ୱାସ୍ଥ୍ୟ ଭତା ପ୍ରଦାନ, କମ୍ୟୁଟେଡ ପେନସନ ସୀମା ୧୦ ବର୍ଷ, ରେଳ ଓ ବିମାନ ଭଡା ରିହାତି ଓ ପେନସନକୁ କରମୁକ୍ତ କରିବାକୁ ପ୍ରସ୍ତାବ ଗ୍ରହଣ ପୂର୍ବକ ଏହା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ନିଷ୍ପତି ଗ୍ରହଣ କରାଗଲା। ବରିଷ୍ଠ ଶିକ୍ଷକ ଶରତ ଚନ୍ଦ୍ର ମିଶ୍ର, ଭାଗିରଥି ମହାନ୍ତ, କାର୍ଯ୍ୟକାରୀ ସଭାପତି ଚିନ୍ତାମଣି ଜେନା ଓ କୋଷାଧ୍ୟକ୍ଷ ମଦନ ମୋହନ ଦ୍ୱିବେଦୀ ପ୍ରମୁଖ ଅତିଥି ରୂବେ ମଂଚାସୀନ ଥିଲେ। ପରିଶେଷରେ ସଂଘର କୋଷାଧ୍ୟକ୍ଷ ମଦନ ମୋହନ ଦ୍ୱିବେଦୀ ବାର୍ଷିକ ଆୟବ୍ୟୟ ବିବରଣୀ ପ୍ରଦାନ ପୂର୍ବକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନନ୍ତ ବଳିଆ ଶିଶୁ ଶିକ୍ଷା ମନ୍ଦିରର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, ୩୦/୧ (ନି.ପ୍ର): ଜିଲ୍ଲା ଅନ୍ୟତ ଘରୋଇ ଶିକ୍ଷାନୁଷ୍ଠାନ ଭାବରେ ପରିଚିତ ଅନନ୍ତ ବଳିଆ ଶିଶୁ ଶିକ୍ଷା ମନ୍ଦିରର ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପରମାନନ୍ଦ ଥାଟୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଭା ପ୍ରାରମ୍ଭରେ ସ୍ଥାନୀୟ ସମିତି ସଭ୍ୟ ଅକ୍ଷୟ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତୋଳନ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଉକ୍ତ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୂଳମଣି ସାହୁ, ସଭ୍ୟ ବଟକୃଷ୍ଣ ସାମଲ, ପୂର୍ବତନ ସରପଂଚ ରାଜନ ଥାଟୋଇ ପ୍ରମୁଖ ଉପସ୍ଥିତ ଥିଲେ ।

# କୋରାପୁଟରୁ ୩ ଜଣ 'ଓ୍ୱି ସର୍ଭ ଇଣ୍ଡିଆ ପୁରସ୍କାର-୨୦୨୪' ବିଜେତା

ଜୟପୁର, ୩୦/୧ (ନି.ପ୍ର): ଆନ୍ତର୍ଜାତୀୟ ଲାୟନ୍ସ କ୍ଲବ, ନ୍ୟୁଜ୍ ୧୮ ଏବଂ ଫୋର୍ବସ୍ ଇଣ୍ଡିଆ ଦ୍ୱାରା ଗୌହାଟୀରେ 'ଓ୍ୱି ସର୍ଭ ଇଣ୍ଡିଆ ପୁରସ୍କାର-୨୦୨୪' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ କୋରାପୁଟରୁ ୬ ଜଣ ବିଶେଷ ବ୍ୟକ୍ତିତ୍ୱକୁ ଏମ. ଏସ. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ପ୍ରାତ୍ସାହନ ଦେଇଥିଲା। ଏହି ଭଳି ସହ ସହ ପ୍ରତିଯୋଗୀଙ୍କ ମଧ୍ୟରୁ 'ମିଲେଟ୍ କୁଇନ୍' ଭାବରେ ଜଣାଶୁଣା କୋରାପୁଟର କୁନ୍ଦ୍ରା ବ୍ଲକର ଜଣେ ସଂରକ୍ଷକ ଚାଷୀ ଡକ୍ଟର ରାଇମତୀ ଘିଉରିଆ କୃଷି କ୍ଷେତ୍ରରେ ତାଙ୍କର ଅତୁଳନୀୟ ଅବଦାନ ପାଇଁ 'ଓ୍ୱି ସର୍ଭ ଇଣ୍ଡିଆ ପୁରସ୍କାର-୨୦୨୪' ବିଜେତା ହୋଇଥିବା ବେଳେ ସ୍ୱାମୀନାଥନ କୃଷକ ଉତ୍ପାଦକ କମ୍ପାନୀର ମହିଳା ନିର୍ଦ୍ଦେଶକ ଶ୍ରୀମତୀ ଦୋନା ଭୋଇ ଏକ ଅଗ୍ରଣୀ ବିହନ ଉତ୍ପାଦକ ଚାଷୀ ମହିଳାମାନଙ୍କ ଅର୍ଥନୈତିକ ଏବଂ ସାମାଜିକ ବିକାଶ କରିବା ସହିତ ଉନ୍ନତ ମାନର ମାଣ୍ଡିଆ ବିହନ ଉତ୍ପାଦନ କରି ଚାଷୀଙ୍କୁ ବିହନ ଯୋଗାଇଆସୁଅଛନ୍ତି। ସେଥିପାଇଁ ତାଙ୍କୁ 'ମହିଳା ସଶକ୍ତିକରଣ' କ୍ଷେତ୍ରରେ ପୁରସ୍କୃତ ହୋଇଅଛନ୍ତି। ସେହିଭଳି ଏମ. ଏସ. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନର ବରିଷ୍ଠ ବୈଜ୍ଞାନିକ ଡକ୍ଟର କାର୍ତିକ ଚରଣ ଲେଙ୍କା 'ବନ୍ୟପ୍ରାଣୀ ଓ ଜୈବ-ବିଭିଦତା ସଂରକ୍ଷଣ' କ୍ଷେତ୍ରରେ ତାଙ୍କର ଅକ୍ଳାନ୍ତ ପ୍ରଚେଷ୍ଟା ପାଇଁ ଉପବିଜେତା ଭାବରେ ପୁରସ୍କାର ପାଇଛନ୍ତି। ସୂଚନା ଥାଉ ଯେ ଏହି ୩ ଜଣ ଏମ. ଏସ. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ଚୟନ କରାଯାଇଥିଲା। ପରବର୍ତୀ ପର୍ଯ୍ୟାୟରେ ଜାତୀୟ ସ୍ତରରେ ବିଶେଷଜ୍ଞଙ୍କ ଦ୍ୱାରା ୩ ଥର ଇଂଟରଭିଉ ଦ୍ୱାରା ସହ ସହ ପ୍ରତିଦ୍ୱନ୍ଦୀଙ୍କ ମଧ୍ୟରୁ ୧୨ ଜଣ ବିଜେତାଙ୍କ ମଧ୍ୟରେ କୋରାପୁଟର ୩ ଜଣ 'ଓ୍ୱି ସର୍ଭ ଇଣ୍ଡିଆ ପୁରସ୍କାର-୨୦୨୪' ପୁରସ୍କାରରେ ପୁରସ୍କୃତ ହୋଇ କୋରାପୁଟ କୁ ଗୌରବ ଆଣିଛନ୍ତି।

# ଲିଙ୍ଗେଶ୍ୱର ବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରଜତ ଜୟନ୍ତୀ ସମାରୋହ ଉଦ୍‌ଯାପିତ

କୋରେଇ, ୩୦/୧ (ନି.ପ୍ର): କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳସ୍ଥିତ ଲିଙ୍ଗେଶ୍ୱର ବିହାର ସରସ୍ୱୀ ଶିଶୁ ବିଦ୍ୟା ମନ୍ଦିରର ରଜତ ଜୟନ୍ତୀ ସମାରୋହ ଆଜି ଉଦ୍‌ଯାପିତ ହୋଇଛି । ୨୫ ବର୍ଷ ପୂର୍ତି ଉପଲକ୍ଷେ ବିଦ୍ୟାଳୟ ରଜତ ଜୟନ୍ତୀ ପାଳନ କରୁଥିଲା । ଉଦ୍‌ଯାପନୀ ଉତ୍ସବ ସନ୍ଧ୍ୟା ବିଦ୍ୟାଳୟର ସଭାପତି ବୃନ୍ଦାବନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍ଘାଟନୀ ସଭାରେ ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ତ୍ରିପାଠୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ଶ୍ରୁତିନ୍ୟାସ ବେଦଧାମ କଟକର ଅଧ୍ୟକ୍ଷ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ସମ୍ମାନୀତ ଅତିଥି ଭାବେ ଶ୍ରୀ ଚୈତ୍ୟନ ଆଶ୍ରମ ଭଦ୍ରକର ଓ ଅମୃତ ଦର୍ଶନ ପତିକ୍ରାର ସମ୍ପାଦକ ସଂଗ୍ରାମ ଆଚାର୍ଯ୍ୟ, ମୁଖ୍ୟ ବକ୍ତାଭାବେ ଶିକ୍ଷା ବିକାଶ ସମିତି ଓଡିଶାର ସଭାପତି କିଶୋର ଚନ୍ଦ୍ର ମହାନ୍ତି ଲିଂଗେଶ୍ୱର ଉନ୍ନୟନ କମିଟିର ସଭାପତି ବିଷ୍ଣୁ ଚରଣ ଧଳ ପ୍ରମୁଖ ଯୋଗଦେଇଥିଲେ । ପରିଚାଳନା କମିଟିର ସମ୍ପାଦକ ଦିଲ୍ଲୀପ କୁମାର ଧଳ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଶିକ୍ଷା ବିକାଶ ସମିତି ସମ୍ପାଦକ କମଳାକାନ୍ତ ମିଶ୍ର, ସମ୍ଭାଗ ସଂଯୋଜକ ତୁଷାର ରଂଜନ ଦାଶ, ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ପ୍ରଧାନ, ଭାଗିରଥି ମହଲା ସମେତ ବିଦ୍ୟାଳୟର ପ୍ରତିଷ୍ଠାତା, ପୂର୍ବତନ ସଭାପତି ଓ ସମ୍ପାଦକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟର ଛାତ୍ର/ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଓ ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲେ। ଏହି ଅବସରରେ ପତ୍ରିକା ବାଗେଶ୍ୱରୀ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିବା ବେଳେ ବିଭିନ୍ନ ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଉଭୟ ଲିଙ୍ଗେଶ୍ୱର ଉନ୍ନୟନ କମିଟି ଓ ବିଦ୍ୟାଳୟ ପରିଚାଳନା କମିଟି ସମସ୍ତ କର୍ମକର୍ତା ଓ ସଦସ୍ୟ, ବିଦ୍ୟାଳୟର ସମସ୍ତ ଗୁରୁଜୀ/ଗୁରୁମା, ପୁରାତନ ଛାତ୍ର/ଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହ ଯୋଗ କରିଥିଲେ । ପରେ ବିଦ୍ୟାଳୟର ଛାତ୍ର/ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ସମସ୍ତ ଅଭିଭାବକ/ଅଭିଭାବିକା, ସ୍ଥାନୀୟ ବାସିନ୍ଦା ସର୍ବୋପରି ଲିଙ୍ଗେଶ୍ୱର ଉନ୍ନୟନ କମିଟି ପକ୍ଷରୁ ସମସ୍ତ ସହଯୋଗ କରାଯାଇଥିବା ବେଳେ ପାଣିକୋଇଲି ପୁଲିସ ଶାନ୍ତି ଶୃଂଖଳା ନିମନ୍ତେ ସହଯୋଗ କରିଥିଲେ ।

# ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

ସମ୍ବଲପୁର, ୩୦/୧ (ନି.ପ୍ର): ସମ୍ବଲପୁର ଦାନୀପାଳି ସ୍ଥିତ ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ବୁଧବାର ପ୍ରତିଷ୍ଠା ଉତ୍ସବ ଅବସରରେ ସ୍ୱତନ୍ତ୍ର ପୂଜା ଆନୁଷ୍ଠିତ ହୋଇଯାଇଛି । ରଣେଶ୍ୱର ରାମଚଣ୍ଡୀଙ୍କ ମନ୍ଦିର ପୂଜକ ଦେବୀ ଭୋଇ, ବସୁଦେବ ଭୋଇ, ସୁଦାମ ପ୍ରଧାନଙ୍କ ଦ୍ୱାରା ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ସକାଳୁ ବାବା ରଣେଶ୍ୱର ଏବଂ ମାଁ ରାମଚଣ୍ଡୀ ଏବଂ ସମସ୍ତ ପାର୍ଶ୍ୱର୍ ଦେବା ଦେବୀଙ୍କ ସ୍ନାନ କରାଯାଇ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା ବାବା ରଣେଶ୍ୱର ଏବଂ ମାଁ ରାମଚଣ୍ଡୀଙ୍କୁ ବିଭିନ୍ନ ପ୍ରକାର ଫୁଲ ରେ ସୁନ୍ଦର ଭାବରେ ସଜା ଯାଇଥିଲା । ଦାନୀପାଲି ଅଂଚଳର ମହିଳା ମାନଙ୍କ ଦ୍ୱାରା ଛପନ ଭୋଗ ଅର୍ପଣ କରା ଯାଇଥିଲା । କୁଲତା ସମାଜ ର ସଦସ୍ୟ ତଥା ଏହି ଅଂଚଳ ର ଭକ୍ତମାନେ ଏହି କାର୍ଯ୍ୟକ୍ରମ ରେ ସାମିଲ ହୋଇଥିଲେ । ଏହି ଅବସରରେ ସ୍ୱତନ୍ତ୍ର୍ ଛପନ ଭୋଗ ଅର୍ପଣ ସହ ଆଳତି କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ ହାରାଧନ ପ୍ରଧାନ, ମୁରଲୀ ପ୍ରଧାଙ୍କ୍ତ, ସରୋଜ ପ୍ରଧାନ, ଭକ୍ତବନ୍ଧୁ ପ୍ରଧାନ, ଜଟା ଭୂଷଣ ସାହୁ, ଅଭିରାମ ଖମାରୀ, ମୁରଲୀଧର ପ୍ରଧାନ, ନିର୍ମଳ ପ୍ରଧାନ, ଆନନ୍ଦ ପ୍ରଧାନ, ଛେଲିଆ ପ୍ରଧାନ,ଦୟାନିଧି ବିଶ୍ୱାଳ, ଟଙ୍କଧର ବାରିକ, କ୍ଷୀରୋଦ ପ୍ରଧାନ, ଅକ୍ଷୟ ପ୍ରଧାନ ଚୁଲଧର ପ୍ରଧାନ, ରବି ପ୍ରଧାନ, ଭବାନୀ ପ୍ରଧାନ,ଭବାନୀଶ ଭୋଇ ଆଜିର ଏହି କାର୍ଯ୍ୟକ୍ରମ ରେ ହାରାଧନ ପ୍ରଧାନ, ମୁରଲୀ ପ୍ରଧାନ,ନିର୍ମଳ ପ୍ରଧାନ, ଆନନ୍ଦ ପ୍ରଧାନ,ଟଙ୍କଧର ବାରିକ, ଦୟାନିଧି ବିଶ୍ୱାଳ, ଚୁଲଧର ପ୍ରଧାନ, ଛେଲିଆ ପ୍ରଧାନ,ସରୋଜ ପ୍ରଧାନ, ଅଭିରାମ ଖମାରୀ ଅକ୍ଷୟ ପ୍ରଧାନ, ରବି ପ୍ରାଧନ ଜଟାଭୂଷଣ ସାହୁ, ଭକ୍ତ ପ୍ରଧାନ, ଅଶୋକ ଭୋଇ, ସମ୍ପାଦକ ରଞ୍ଜନ ପାତ୍ର ଭବାନୀଷ ଭୋଇ, ଭବାନୀ ପ୍ରଧାନ କ୍ଷୀରୋଦ ପ୍ରଧାନ, ସମ୍ପାଦକ ରଞ୍ଜନ ପାତ୍ର, ମହିଳା ମାନଙ୍କ ମଧ୍ୟରେ ଯଶୋବନ୍ତି ନାୟକ, ପୁଷ୍ପାଞ୍ଜଳି, ଉର୍ମିଳା, ନଳିନୀ, ଭୂମିସୁତା, ଗୀତାଞ୍ଜଳି ପ୍ରମୁଖଙ୍କ ସହିତ ରାମଚଣ୍ଡୀ ଛାତ୍ରବାସ ର ସମସ୍ତ ଛାତ୍ର ମଧ୍ୟ ସହଯୋଗ କରି ଥିଲେ ।

# ବୌଦ୍ଧରୁ ୧୩୧୩ କେଜି ଗଂଜେଇ ଜବତ: ୪ ଗିରଫ

ବୌଦ୍ଧ, ୩୦/୧ (ନି.ପ୍ର): ବୌଦ୍ଧ ଜିଲ୍ଲା ପୋଲିସ ଦୁଇଟି ପୃଥକ ମାମଲାରେ ମୋଟ ୧୩୧୩ କେଜି ଗଞ୍ଜେଇ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ଥିବା ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହା ସହ ଅଭିଯୁକ୍ତଙ୍କ ନିକଟରୁ ଦେଶୀ ବନ୍ଧୁକ, ଜୀବନ୍ତ ଗୁଳି, ଗଞ୍ଜେଇ ଚୋରା ଚାଲାଣ ପାଇଁ ବ୍ୟବହୃତ ହେଉଥିବା ବାଇକ ଏବଂ ପିକ ଅପ୍ ଭ୍ୟାନକୁ ମଧ୍ୟ ପୋଲିସ ଜବତ କରିଛି । ଗୋଟିଏ ମାମଲା ବୌଦ୍ଧ ଆଦର୍ଶ ଥାନା ଅଂଚଳରେ ହୋଇଥିବା ବେଳେ ଅନ୍ୟ ମାମଲାଟି ଘଂଟପଡା ଥାନାରେ ପଞ୍ଜିକୃତ ହୋଇଛି । ବୌଦ୍ଧ ଆଦର୍ଶ ଥାନା ପୋଲିସ ଟିମ୍ ଅମ୍ବାଝରୀ ଗ୍ରାମ ପଂଚାୟତ ଅଧୀନ ବଣ୍ଡାବଳଦିଆ ଗାଁରେ ମିଥୁନ ହାତୀ ଓ ତାଙ୍କର ଅନ୍ୟ ଜଣେ ସହଯୋଗୀ ନିଶା ଦ୍ରବ୍ୟ ରଖି ଚୋରା ଚାଲାଣ କରୁଥିବା ଖବର ପାଇ ଚଢ଼ାଉ କରିଥିଲା। ସମ୍ପୃକ୍ତ ଅଭିଯୁକ୍ତଙ୍କ ନିକଟରୁ ୫୬୦ କେଜି ଗଞ୍ଜେଇ ଓ ଏକ ମୋଟର ସାଇକେଲ ଜବତ କରାଯାଇଛି । ସେହିପରି ଘଂଟପଡ଼ା ଥାନା ଅଂଚଳରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୭୪୯ କେଜି ଗଞ୍ଜେଇ, ଗୋଟିଏ ଦେଶୀ ବନ୍ଧୁକ,୫ ରାଉଣ୍ଡ ଜୀବନ୍ତ ଗୁଳି, ଗୋଟିଏ ମହିନ୍ଦ୍ରା ବୋଲେରୋ ପିକ୍ ଅପ୍ ଗାଡ଼ି, ୫ଟି ମୋଟର ସାଇକେଲ ଜବତ କରିଛି। ଏହା ସହ ଘଟଣାସ୍ଥଳରୁ ୩ ଜଣ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ, ଉଦୟ ଚନ୍ଦ୍ର ଭୋଇ, ଶ୍ରୀକାନ୍ତ ମୁଦୁଲି ଏବଂ ନୀଳକଣ୍ଠ ଭୋଇ। ଉଭୟ ଘଟଣାର ତଦନ୍ତ ଜାରି ରହିଛି ଏବଂ ଚୋରା ଚାଲାଣରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଛି।

# ଆଂଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ଚକ୍ଷୁ ପରୀକ୍ଷା ଶିବିର

କୋରେଇ, ୩୦/୧ (ନି.ପ୍ର): ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଯାଜପୁର ଅଂଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ପାଣିକୋଇଲିସ୍ଥିତ ମା ତାରିଣୀ ଟ୍ୟାକ୍ସି ଷ୍ଟାଣ୍ଡ ଠାରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଆଂଚଳିକ ପରିବହନ ଅଧିକାରୀ ନୀଳକଣ୍ଠ ପ୍ରଧାନଙ୍କ ଉଦ୍ୟମ କ୍ରମେ ଆୟୋଜିତ ଉକ୍ତ ଶିବିରକୁ ମଟର ଭେଇକିଲ ଇନିସପେକ୍ଟର ଦୀପକ କୁମାର ସେଠୀ ଉଦ୍‌ଘାଟନ କରିଥିଲେ। ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚକ୍ଷୁ ବିଶେଷଜ୍ଞ ବିଶ୍ୱରଂଜନ ମଲ୍ଲିକ ଯୋଗଦେଇ ଷ୍ଟାଣ୍ଡର ଚାଳକ ମାନଙ୍କ ସମେତ ଶିବିରକୁ ଆସିଥିବା ବ୍ୟକ୍ତି ମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ । ପରିବହନ କାର୍ଯ୍ୟାଳୟ ତରଫରୁ ଅତିରିକ୍ତ ଟ୍ରାଫିକ ଇନିସପେକ୍ଟର ରାଜେଶ ମଙ୍ଗରାଜ, କନେଷ୍ଟବଳ, ବିଜନ ସେଠୀ, ଷ୍ଟାଣ୍ଡର ସଭାପତି ନିରଂଜନ ନାୟକ, ଉପସଭାପତି ରାମଚନ୍ଦ୍ର ଦାଶ, ସମ୍ପାଦକ ଦିପ୍ତିରଂଜନ ପରିଡ଼ା, ଅବଦୁଲ ମଜିଦ ଖାନ, ଶେଷଦେବ ଜେନା ପ୍ରମୁଖ ଶିବିର ଆୟୋଜନରେ ସହାୟତା କରିଥିଲେ। ଉକ୍ତ ଶିବିରରେ ୩୦ ଜଣ ବ୍ୟକ୍ତି ଚକ୍ଷୁ ପରୀକ୍ଷା କରିଥିଲେ।

# ୧୭୭ ମଣ୍ଡି ମାଧ୍ୟମରେ ୩୭୨୭୨୨ କୁଇଂଟାଲ ଧାନ କ୍ରୟ

ପୁରୀ, ୩୦/୧ (ନି.ପ୍ର): ପୁରୀ ଜିଲ୍ଲାର ସମସ୍ତ ୧୧ ଗୋଟି ବ୍ଲକରେ ଧାନ ସଂଗ୍ରହ କୁ ତ୍ୱରାନ୍ୱିତ କରାଯାଇଛି ।ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ବରିଷ୍ଠ ଅଧିକାରୀ ମାନେ ବିଭିନ୍ନ ବ୍ଲକ ଦାୟିତ୍ୱରେ ରହି ଧାନ ସଂଗ୍ରହ କୁ ଶୃଙ୍ଖଳିତ ପରିଚାଳନା ପାଇଁ ତଦାରଖ କରୁଛନ୍ତି। ଯୋଗାଣ ଅଧିକାରୀ, ସମବାୟ ସମିତିର କର୍ମକର୍ତା ଓ ଆର ଏମ ସି ପକ୍ଷରୁ କୃଷକ ମାନଙ୍କୁ ସମସ୍ତ ସହଯୋଗ ଯୋଗାଇ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାର କୃଷକ ମାନେ ଧାନ ବିକ୍ରି ରେ ଯେପରି କୌଣସି ସମସ୍ୟା ର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ସଜାଗ ରହି ପଦକ୍ଷେପ ନେବାକୁ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଯୋଗାଣ ବିଭାଗ କୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ଖରିଫ ଋତୁରେ ପଞ୍ଜିକୃତ ୪୮୯୬୪ କୃଷକ ଙ୍କ ଠାରୁ ୧୧୬୮୬୦୨ କୁଇଂଟାଲ ୯୪ କି.ଗ୍ରା ଧାନ ସଂଗ୍ରହ ର ଲକ୍ଷ୍ୟ ଧାର୍ଯ୍ୟ ଥିବା ବେଳେ ଚଳିତ ମାସ ୨୯ ତାରିଖ ସୁଦ୍ଧା ୧୮୭ ଟି ମଣ୍ଡି ମଧ୍ୟରୁ ଖୋଲାଯାଇଥିବା ୧୭୭ ଟି ମଣ୍ଡିରେ ୮୫୪୨ କୃଷକ ଙ୍କ ଠାରୁ ୩୭୨୭୨୨ କୁଇଂଟାଲ ୧୩ କି.ଗ୍ରା ଧାନ ସଂଗ୍ରହ ହୋଇଛି ।୬୫୯୯ କୃଷକ ଙ୍କୁ ୬୬୬୪୨୯୩୭୦ ଟଙ୍କା ବ୍ୟାଙ୍କ ତରଫରୁ ପ୍ରେରଣ କରାଯାଇଥିବା ବେଳେ ୫୬୮୬ ଜଣ କୃଷକ ୫୭୭୫୬୧୨୮୦ ଟଙ୍କା ପ୍ରାପ୍ତ ହୋଇଛନ୍ତି । ପର୍ଯ୍ୟାୟ କ୍ରମେ ପ୍ରତ୍ୟେକ କୃଷକ ମାନେ ସେମାନଙ୍କ ପ୍ରାପ୍ୟ ପାଇବେ ବୋଲି ଯୋଗାଣ ଅଧିକାରୀ ସୂଚନା ଦେଇଛନ୍ତି ।ଆଜି ସତ୍ୟବାଦୀ ଓ ପିପିଲି ବ୍ଲକ ର ବିଭିନ୍ନ ମଣ୍ଡି କୁ କୋ ଅପରେଟିଭ ସୋସାଇଟିର ଅତିରିକ୍ତ ରେଜିଷ୍ଟର ଭକ୍ତ ବନ୍ଧୁ ସାହୁ ପରିଦର୍ଶନ ସହ ଧାନ ସଂଗ୍ରହର ସମୀକ୍ଷା କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ପୁରୀ ଡି ଆର ସି ଏସ,ଏ ଆର ସି ଏସ ଓ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ରହି ସମୀକ୍ଷାରେ ସହଯୋଗ କରିଥିଲେ।

# ପାଣିପମ୍ପ ଚୋରି ଅଭିଯୁକ୍ତକୁ ୧ ବର୍ଷ ଜେଲ ଦଣ୍ଡାଦେଶ

କେନ୍ଦୁଝର, ୩୦/୧ (ନି.ପ୍ର): ବୁଧବାର ଏକ ପାଣିପମ୍ପ ଚୋରି ମାମଲାର ବିଚାର କରି କେନ୍ଦୁଝର ଏସ୍ ଡି ଜେଏମ୍ ସୁମିତ୍ରା କୁମାରୀ ଦାଶ ଟାଉନ ଥାନା ଅନ୍ତର୍ଗତ ଠାକୁର ପାଟଣା ଗ୍ରାମର ଅଭିଯୁକ୍ତ ହେମନ୍ତ ନାଏକ(୩୮)ଓରଫ କାଳିଆଙ୍କୁ ଦଫା ୩୦୩(୨)ଭାରତୀୟ ନ୍ୟାୟ ସଂଘିତାରେ ୧ବର୍ଷ ସଶ୍ରମ କାରାଦଣ୍ଡ ସହ ପାଂଚ ହଜାର ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ଅଧିକ ୨ମାସ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି ।ସୂଚନା ମୁତାବକ, ଠାକୁରପାଟଣା ଗ୍ରାମର ଆଶିଷ ପ୍ରିୟଦର୍ଶୀ ତାଙ୍କର ଚାଷ ଜମିରେ ଏକ ବୋରୱେଲ ଖୋଳି ସବମରିସିବୁଲ ପମ୍ପ ଲଗାଇଥିଲେ। ତେବେ ଏହାକୁ ୨୦୨୪ ମସିହା ସେପଟ୍ମ୍ବର ମାସ ୨୭ ତରିଖ କଂକ୍ରିଟ ତାଡି ହେମନ୍ତ ପାଣି ପମ୍ପକୁ ଚୋରି କରିଥିଲା ।୨୯ତାରିଖ ଖବର ପାଇ ଟାଉନ ଥାନାରେ ଅଶିଷ ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ୪୯୨/୨୪ ଏକ ଚୋରି ମାମଲା ରୁଜୁ କରିବା ସହିତ ପାଣିପମ୍ପ ହେମନ୍ତଙ୍କ ଘରୁ ଜବତ କରି ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବୁଧବାର ଏସ୍‌ଡିଜେଏମ୍ କେନ୍ଦୁଝର ୪ଜଣ ସାକ୍ଷୀ ଓ ବୟାନକୁ ଭିତିକରି ଅଭିଯୁକ୍ତ ହେମନ୍ତଙ୍କୁ ଉପରୋକ୍ତ ଦଣ୍ଡାଦେଶ ରାୟ ଶୁଣାଇଥିଲେ। ସରକାରଙ୍କ ପକ୍ଷରୁ ଏପିପି ସତ୍ୟବ୍ରତ ମହାନ୍ତି ଓ ହିମାଂଶୁ ଶେଖର ମହାନ୍ତି କେଶ ପରିଚାଳନା କରୁଥିଲେ।

## ଧାନ କଳ ବ୍ୟବସାୟୀ କୁଳମଣି ପରିଡାଙ୍କ ବିୟୋଗ

କେନ୍ଦ୍ରାପଡ଼ା, ୩୦/୧ (ନି.ପ୍ର): କେନ୍ଦ୍ରାପଡ଼ାର ବାରୁଅ ବଜାରର ବିଶିଷ୍ଟ ଧାନକଳ ମାଲିକ ତଥା ବ୍ୟବସାୟୀ କୁଳମଣି ପରିଡା(୧୦୧) ମଙ୍ଗଳବାର ରାତି ୧୦ଟା ବେଳେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ସେ ଜଣେ ସରଳ, ଅମାୟିକ ଏବଂ ଧର୍ମପ୍ରାଣା ବ୍ୟକ୍ତି ଥିଲେ। ଭଜନ ସମ୍ରାଟ ଭିକାରୀ ବଳଙ୍କର ସେ ଜ୍ୟେଷ୍ଠ ଶାଳକ ଥିଲେ। ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଯୋଗୁଁ କିଛିଦିନ ହେବ ସେ ଶଯ୍ୟାଶାୟୀ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ଝିଅ ଜ୍ୟୋତ୍ସ୍ନା, ପୁଅ ସତ୍ୟାନନ୍ଦ ପରିଡା, ପୁତ୍ରବଧୂ ସୁଶୀଳା ପରିଡା, ନାତି, ନାତୁଣୀ, ନାତୁଣୀ ଜ୍ୱାଇଁ ଏବଂ ଅନ୍ୟାନ୍ୟ ଜ୍ଞାତି ପରିଜନମାନେ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଭାବଗ୍ରାହୀ କଳା ନିକେତନର ପ୍ରତିଷ୍ଠାତା ସଂପାଦକ ବିମଳ ପ୍ରସାଦ ପରିଡା ଉପସ୍ଥିତ ରହି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ବାସଗୃହରେ ପ୍ରିୟ ପରିଜନମାନେ ଶେଷ ଦର୍ଶନ କଲା ପରେ ତାଙ୍କ ମର ଶରୀରକୁ ଏକ ବିଶାଳ ଶୋଭାଯାତ୍ରାରେ ବାରୋ ଗ୍ରାମ ଏବଂ ବାରୁଅ ବଜାର ପରିକ୍ରମା କଲା ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା। ପୁତ୍ର ସତ୍ୟାନନ୍ଦ ମୁଖାଗ୍ନି ଦେଇଥିଲେ। ଭଣଜା ଅଶୋକ ବଳ, ଅମୀୟ ବଳ, ରବି ନାୟକ, ସମାଜସେବୀ ସମୀର ଚାନ୍ଦ, ନାତି ପିଲୁ, ବାବୁ, ବୁନୁ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଶ୍ମଶାନରେ ଉପସ୍ଥିତ ଥିଲେ।

# ଏସୟୁଜେ କୋରାପୁଟ ଶାଖାର ନିର୍ବାଚନ: ତରୁଣ କୁମାର ହେଲେ ସଭାପତି

ଜୟପୁର, ୩୦/୧ (ନି.ପ୍ର): ଜୟପୁର ଜୟନଗର ସ୍ଥିତ ଏକ କଲ୍ୟାଣ ମଣ୍ଡପ ପରିସରରେ ଏସୟୁଜେ କୋରାପୁଟ୍ ଜିଲ୍ଲା ଶାଖାର ନୂତନ କର୍ମକର୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ଭାବେ ପବନ ପାଣିଗ୍ରାହୀ ଓ ସଂଘ କର୍ମକର୍ତା ଉପସ୍ଥିତ ରହି ସମସ୍ତ କର୍ମକର୍ତା ଚୟନ କରିଥିଲେ। କୋରାପୁଟ ଜିଲ୍ଲା ଶାଖାର ସଦସ୍ୟା/ସଦସ୍ୟଙ୍କ ଉପସ୍ଥିତିରେ ନୂତନ କର୍ମକର୍ତା ଚୟନ କରାଯାଇଥିଲା। ଜିଲ୍ଲା ସଭାପତି ଭାବେ ତରୁଣ କୁମାର ମହାପାତ୍ର ଓ କାର୍ଯ୍ୟକାରୀ ସଭାପତି ଭାବେ ବବୁଲ ସିଂ ମନୋନୀତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ରମେଶ ସାହୁ ,କାଳି ପଟନାୟକ, ଅନୀଲ ସୁବୁଦ୍ଧି ଏବଂ ମୋନୋଜ ହିଆଲ ନିର୍ବାଚିତ ହୋଇଛନ୍ତି । ସାଧାରଣ ସମ୍ପାଦକ ଭାବେ ଶିଶିର ଆଚାର୍ଯ୍ୟ, ସଙ୍ଗଠନ ସମ୍ପାଦକ ଭାବେ ଗୋପାଳ କୃଷ୍ଣ ପାଢ଼ୀ ଏବଂ ସମ୍ପାଦକ ହେଲେ ପ୍ରଶାନ୍ତ କୁମାର ବିଶୋଇ, ହାବିଲ ଡଙ୍ଗରୀ, ଏନ୍.ପିମ୍ପସ କୁମାର ଓ ଗିରିଧର ଖରା । କୋଷାଧ୍ୟକ୍ଷ ରୂପେ ନିର୍ବାଚିତ ହୋଇଛନ୍ତି ବସମୀର ରଂଜନ ପାତ୍ର ଓ ଯୁଗ୍ମ ସମ୍ପାଦକ ଭାବେ ଗଜେନ୍ଦ୍ର କୁମାର ସାହୁ ଓ ଉତମ ନାୟକ । ମହିଳା ସାମୁଖ୍ୟ ବର୍ଗରେ ଜିଲ୍ଲାସଭାପତି - ସ୍ମିତାରାଣୀ ପାତ୍ର ଓ ସାଧାରଣ ସମ୍ପାଦକ -ଅନୀତା ଦାସ ନିର୍ବାଚିତ ହୋଇଛନ୍ତି । ସାମ୍ବାଦିକ କଲ୍ୟାଣ ପାଣ୍ଠିର ଅଧକ୍ଷ -ପଦ୍ମନାଭ ହୋତା ,ଟ୍ରିବୁନାଲ ଅଧକ୍ଷ -ଗୌରୀ ପ୍ରସାଦ ପଟନାୟକ ଏବଂ ଆଇନ ପରାମର୍ଶଦାତା -ଅଶୋକ ଷଡ଼ଙ୍ଗୀଙ୍କୁ ଚୟନ କରାଯାଇଛି । ଉପଦେଷ୍ଟା ମଣ୍ଡଳୀରେ କିର୍ତୀ ଚନ୍ଦ୍ର ସାହୁ , ବିଦ୍ୟାଧର ଚୈଧୁରୀ , ସତ୍ୟ ନାରାୟଣ ପଟନାୟକ ଏବଂ ପବନ ପାଣିଗ୍ରାହୀଙ୍କୁ ଚୟନ କରାଯାଇଛି । ରାଜ୍ୟ କାର୍ଯ୍ୟକାରିଣୀ କୁ ଜୟପୁରରୁ ନୃସିଂହ ଚୈଧୁରୀ ସୁଦର୍ଶନ ରଣା, କମଳ ପାତ୍ର ମନୋନୀତ ହୋଇଛନ୍ତି। ଏହାସହ ଜିଲ୍ଲା କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ସମସ୍ତ ବ୍ଲକ୍ ରୁ ୧୪ ଜଣ ସଦସ୍ୟ ମନୋନୀତ ହୋଇଛନ୍ତି ।

# ଢୁଲୁସର ବିନୋଦ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଂଟ ଚତୁର୍ଥ ଦିବସ : କାଲସାଏପାଲି ବିଜୟୀ

ବଲାଙ୍ଗିର, ୩୦/୧ (ନି.ପ୍ର): ବଲାଙ୍ଗିର ବ୍ଲକ ସ୍ଥିତ ଢୁଲୁସର ଖେଳ ପଡିଆରେ ଜବାହାରଲାଲ ଫୁଟବଲ ଏସୋସିଏସନ ତରଫରୁ ଅନୁଷ୍ଠିତ ବିନୋଦ ସ୍ମାରକୀ ଫୁଟବଲ ଚତୁର୍ଥ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି । ଜେକେଓ୍ୱାଇଏସ୍ କାଲସାଏପାଲି ବନାମ ଫୌଜି କ୍ଲବ ଲୁଚକିବନ୍ଧ ଖେଳ ୧-୧ ଗୋଲରେ ଡ୍ର ରହିଥିଲା । ଟ୍ରାଇବ୍ରେକର ୪-୩ ଗୋଲରେ କାଲସାଏପାଲି ବିଜୟୀ ହେଲା । ଅତିଥି ଭାବେ ପୂର୍ବତନ ଖେଳାଳି ସୌମେନ୍ଦ୍ର ପରିଚ୍ଛା, ଗୋପାଳ ପଟେଲ ଓ ରାଜେଶ୍ୱର କୁମୁରା ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ସ୍ୱର୍ଗତ ବିନୋଦ କୁମୁରା ଙ୍କ ବାପା ରାମ କୁମାର କୁମୁରା ଓ ଟୁର୍ଣ୍ଣାମେଂଟ କମିଟି ଅଧ୍ୟକ୍ଷ ଶରତ କୁମାର ନନ୍ଦ ମଂଚାସିନ ଥିଲେ । ଖେଳକୁ ସଞ୍ଜନ କୁଦେଇ, ମଂଟୁ ବେହେରା, ପୁରୁଷୋତ୍ତମ ବୁଡେକ, ସଂଜିବ ମହାରଣା ଓ ଜଳନ୍ଧର ସାହୁ ପରିଚାଳନା କରିଥିବା ବେଳେ ଦେବରାଜ ନାହାକ ମ୍ୟାଚ କମିଶନର ଏବଂ ମନୋଜ ବେହେରା ସଂଯୋଜକ ଦାୟିତ୍ୱ ତୁଲାଇଥିଲେ ।

# କଣାସରେ ଓଆରଏସ ଓ ବଟିକା ବଂଟନ

ପୁରୀ, ୩୦/୧ (ନି.ପ୍ର): କଣାସ ଅଂଚଳରେ କ୍ରମାଗତ ୨ ଦିନ ଧରି ନିୟନ୍ତ୍ରଣ ରେ ଥିବା ଡାଇରିଆ ରୋଗ ଲୋକଙ୍କ ସତର୍କତା ଅଭାବ ରୁ ଆଜି ପୁଣି ତା କାୟା ବିସ୍ତାର କରିଛି। ଗତ ୨ ଦିନ ହେଲା ସଂପୃକ୍ତ ଅଂଚଳରୁ କୌଣସି ରୋଗୀ ଚିହ୍ନଟ ହୋଇନଥିଲେ ମଧ୍ୟ ଆଜି ପୁଣି ଜଗୁଲେଇ ପଦର ରୁ ୨ ଜନ ଡାଇରିଆ ରୋଗୀ ଚିହ୍ନଟ ହୋଇଛନ୍ତି। ଏଥି ସହିତ ମୋଟ ଡାଇରିଆ ରୋଗୀ ସଂଖ୍ୟା ୯୪ ରେ ପହଂଚିଛି। ସେଥି ମଧ୍ୟରୁ ୮୬ ଜନ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ଓ ୫ ଜନ ବର୍ତମାନ ବିଭିନ୍ନ ଚିକିତ୍ସାଳୟ ରେ ଚିକିତ୍ସିତ ହେଉଛନ୍ତି। ଆଜି ପୁଣି ଥରେ ପୁରୀ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିରଜା ଶଙ୍କର ରଥ ବର୍ତମାନର ଡାଇରିଆ ରୋଗ ର ପରିସ୍ଥିତି ଉପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ସେ ପୁଣି ଥରେ ସ୍ୱାସ୍ଥ୍ୟ ବିଭାଗ ର ବ୍ଲକ ସ୍ତରୀୟ ଅଧିକାରୀ ମାନଙ୍କୁ ଘରକୁ ଘର ବୁଲି ରୋଗୀ ଚିହ୍ନଟ, କଂଟ୍ରାକ୍ଟ ଡୋଜ ପ୍ରଦାନ,ଙଜଝ ଓ ହଲୋଜେନ ବଟିକା ପ୍ରଦାନ ଇତ୍ୟାଦି ପଦକ୍ଷେପ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ।

# ମା' ମଙ୍ଗଳା କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ: ଜୟ ଶ୍ରୀରାମ ଜହ୍ନାକୋଣା ଚମ୍ପିଅନ

କୋରେଇ, ୩୦/୧ (ନି.ପ୍ର): କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଂଚାୟତର ଖୋସାଲପୁର ଗ୍ରାମରେ ଚାଲୁଥିବା କ୍ରିକେଟ ଟୁର୍ଣ୍ଣାମେଂଟ ଆଜି ଉଦଯାପିତ ହୋଇଛି । ମା ମଙ୍ଗଳା କ୍ରିକେଟ କ୍ଲବ ଅନୁକୂଲ୍ୟରେ ଆୟୋଜିତ ୮ଦିନ ବ୍ୟାପି ୮ମ ବାର୍ଷିକ କ୍ରିକେଟ ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ ଥାନପତି କ୍ରିକେଟ କ୍ଲବ ବର୍ତମଣା ବନାମ ଜୟ ଶ୍ରୀରାମ କ୍ରିକେଟ କ୍ଲବ ଜହ୍ନାକୋଣା ମଧ୍ୟରେ ଅନଷ୍ଠିତ ହୋଇଥିଲା । ଜହ୍ନାକୋଣା ଟସ ଜିତି ବୋଲିଂଗ କରିବାକୁ ନିଷ୍ପତି ନେଇଥିଲା । ବର୍ତମଣା ପ୍ରଥମେ ବ୍ୟାଟିଙ୍ଗ କରିବାକୁ ଯାଇ ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ୱିକେଟ ହରାଇ ୮୭ ରନ ସଂଗ୍ରହ କରିଥିଲା । ଜବାବରେ ଜହ୍ନାକୋଣା ୧୧ ଓଭରରେ ୫ ୱିକେଟ ହରାଇ ୮୮ ରନ କରି ବିଜୟୀ ହୋଇ ଚଳିତ ବର୍ଷର ଚମ୍ପିଅନ ହୋଇଥିଲା । ଏହି ଖେଳକୁ ଅମ୍ପେୟାର ଭାବେ ରୁଦ୍ରଦେବ ବାରିକ ଓ ରାଜା ସାହୁ ପରିଚାଳନା କରିଥିବା ବେଳେ ବସନ୍ତ କୁମାର ଧାରାବିବରଣୀ ପ୍ରଦାନ କରିଥିଲେ । ସ୍କୋରର ଭାବେ ମଂଟୁ ମଲିକ ଯୋଗଦାନ କରିଥିଲେ । ଶେଷରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ସୁବାସ ଧଳ ଓ ସମ୍ମାନୀତ ଅତିଥିଭାବେ ଆଇନଜିବୀ ବିଜୟ କୁମାର ସାହୁ ଯୋଗଦେଇ ବିଜୟୀ ଓ ରନରସ ଅପ ଦଳକୁ ପୁରସ୍କୃତ କରିଥିଲେ । କ୍ଲବର ସଭାପତି ଅଜୟ ସାହୁ ସମ୍ପାଦକ ରମେଶ ସାହୁ ସଭା ପରିଚଳନା କରିଥିବା ବେଳେ ସଦସ୍ୟ ସେମାନାଥ ସାହୁ, ଶିବ ସାହୁ, ମଧୁ ମଲିକ ଓ ଗଦାଧର ମଲିକ ଟୁର୍ଣ୍ଣାମେଂଟ ପରିଚାଳନାରେ ସହଯୋଗ କରିଥିଲେ ।

# ସ୍ୱାଧୀନତା ସଂଗ୍ରାମର ଏନ୍ତୁଡ଼ିଶାଳ ସାବରମତୀ ଆଶ୍ରମ



ସୁଷମା ପରିଜା



ଦକ୍ଷିଣ ଆଫ୍ରିକାକୁ ବାରିଷ୍ଟର ହେବାକୁ ଯାଇଥିବା ମୋହନ ଦାସ କରମଚାନ୍ଦ ଗାନ୍ଧୀ ସେଠାରେ ବର୍ଣ୍ଣଭେଦର ଭାବନା ବିରୁଦ୍ଧରେ ଦୃଢ ସ୍ୱର ଉତ୍ତୋଳନ କରି କେବଳ ସୁପ୍ରିମକୋର୍ଟର ଓକିଲଟିଏ ହୋଇ ରହିଗଲେ। ଭାରତରେ ସେତେବେଳକୁ ଇଂରେଜ ଶାସନ। ଦେଶବାସୀଙ୍କ ଉପରେ ଇଂରେଜମାନଙ୍କ ଅତ୍ୟାଚାର ପଢି ଶୁଣି ଦେଶ ପ୍ରେମରେ ଉଦ୍‌ବୁଦ୍ଧ ହୋଇ ଭାରତର ସ୍ୱାଧୀନତାର ଲକ୍ଷ୍ୟ ନେଇ ୧୯୧୫ ମସିହା ଜାନୁଆରୀ ୯ ତାରିଖରେ ଦକ୍ଷିଣ ଆଫ୍ରିକା ରୁ ଫେରିଆସିଲେ ଭାରତ । ତାଙ୍କରି ଭଳି ଦେଶ ପ୍ରାଣ କିଛି ସାଥୀ ସଂଗ୍ରହ କରି ୧୯୧୫ ମସିହା ମଇ ମାସ ୧୫ ତାରିଖ ରେ ଅହମଦାବାଦ ଜିଲ୍ଲାର କୋଚରବା ଠାରେ ତାଙ୍କର ପ୍ରଥମ ଆଶ୍ରମ ସ୍ଥାପନା କଲେ। କ୍ରମେ କ୍ରମେ ସାଥୀଙ୍କ ସଂଖ୍ୟା ବୃଦ୍ଧି ହେବାରୁ ତା'ର ଦୁଇ ବର୍ଷ ପରେ ସାବରମତୀ ନଦୀ କୂଳରେ ଏକ ବିସ୍ତୀର୍ଣ୍ଣ ସ୍ଥାନରେ ଆଶ୍ରମଟିଏ ପ୍ରତିଷ୍ଠା କରି ସେଠାରେ ରହି ସାଥୀମାନଙ୍କ ସହିତ କୃଷି ଏବଂ ଗୋପାଳନ କରିବା ସହିତ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସଂଗଠିତ କରିବାକୁ ମନସ୍ଥ କଲେ। ୧୯୧୭ ମସିହା ଜୁନ୍ ମାସ ସତର ତାରିଖରେ ଆଶ୍ରମ ପ୍ରତିଷ୍ଠା ହେଲା ।ଏହି ସ୍ଥାନର ପୌରାଣିକ ମହତ୍ତ୍ୱ ମଧ ରହିଥିଲା କାରଣ ଏହି ସ୍ଥାନଟି ସଂସାରର ମଙ୍ଗଳ ପାଇଁ ନିଜର ଅସ୍ଥି ଦାନ କରିଥିବା ଦଧୀଚି ମୁନିଙ୍କ ଆଶ୍ରମ ନିକଟରେ ଥିଲା। ଏହାର ଗୋଟିଏ ପଟରେ କାରାଗାରଟିଏ ଥିଲା ବେଳେ ଅନ୍ୟ ପଟରେ ଥିଲା ଶ୍ମଶାନଟିଏ। ଗାନ୍ଧିଜୀ କହୁଥିଲେ ସ୍ୱାଧୀନତା ସଂଗ୍ରାମୀର ଜୀବନ ଏଇ ଦୁଇଟି ସ୍ଥାନ ମଧ୍ୟରେ ସୀମାବଦ୍ଧ । ସାବରମତୀ ଆଶ୍ରମଟି ଗାନ୍ଧିଜୀଙ୍କ ପାଇଁ ନିଜର ଘରଟିଏ ଭଳି ଥିଲା । ସେ ଏହି ସ୍ଥାନରେ ୧୯୧୭ ରୁ ୧୯୩୦ ମସିହା ପର୍ଯ୍ୟନ୍ତ ରହି ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ଶାରିରୀକ, ମାନସିକ ସ୍ତରରେ ସଶକ୍ତ କରି ଗଢିଥିଲେ । ଏଣୁ ଏହି ଆଶ୍ରମକୁ "ସ୍ୱାଧୀନତା ସଂଗ୍ରାମର ଏନ୍ତୁଡ଼ିଶାଳ" କହିଲେ ଅତ୍ୟୁକ୍ତି ହେବ ନାହିଁ। ଗାନ୍ଧିଜୀ ଏହି ଆଶ୍ରମର ଅନ୍ତେବାସୀମାନଙ୍କୁ ଏକତା, ସତ୍ୟ ଏବଂ ଅହିଂସାର ପଥ ଅନୁସରଣ କରି ଭାରତର ସ୍ୱାଧୀନତା ସଂଗ୍ରାମରେ ଜିଣିବାର ମନ୍ତ୍ର ଶିଖାଇ ଥିଲେ। ଏଠାରେ ସେ ବିଦ୍ୟାଳୟଟିଏ ଗଢିଥିଲେ ଯେଉଁଠି ମୌଳିକ ଶିକ୍ଷା, ସ୍ୱପରିଶ୍ରମରେ କୃଷି, ଗୋପାଳନ କରି ଶୃଙ୍ଖଳିତ ଜୀବନଯାପନ କରିବା ସହିତ ସେମାନଙ୍କୁ ନିଜ ହାତରେ ରାନ୍ଧିବାଢି ଖାଇବାକୁ ଦେଉଥିଲେ। ସମସ୍ତେ ମିଶି କୋର୍ଟରେ ସୂତା କାଟି ଖଦୀ ତିଆରି କରୁଥିଲେ, ନିୟମିତ ପ୍ରାର୍ଥନା ସଭା ଚାଲୁଥିଲା ଏବଂ ମୋଟାମୋଟି କହିବାକୁ ଗଲେ ସତ୍ୟାଗ୍ରହୀ ମାନେ ସନ୍ଥ ମାନଙ୍କ ଭଳି ସାତ୍ତ୍ୱିକ ଶୃଙ୍ଖଳିତ ଜୀବନଯାପନ କରୁଥିଲେ।

ଏହି ଠାରୁ ହିଁ ଆରମ୍ଭ ହୋଇଥିଲା ଇଂରେଜ ଶାସନ ବିରୁଦ୍ଧରେ ଗାନ୍ଧିଜୀଙ୍କ ସହ ଅଠସ୍ତରୀ ଜଣ ସତ୍ୟାଗ୍ରହୀଙ୍କ ୨୪୭ ମାଇଲ୍ ବ୍ୟାପୀ " ଦାଣ୍ଡି ଯାତ୍ରା" ବା "ଲବଣ ସତ୍ୟାଗ୍ରହ" ଯାହା ସେ ସମୟରେ ଚହଳ ପକାଇଥିଲା ସାରା ଭାରତରେ । ସେହି ଯାତ୍ରା ସହିତ ଯୋଡ଼ି ହୋଇଥିଲେ ଲକ୍ଷ ଲକ୍ଷ ସତ୍ୟାଗ୍ରହୀ ଏବଂ ଷାଠିଏ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ଇଂରେଜ ଶାସନ ଗିରଫ କରିଥିଲା। ଇଂରେଜ ଶାସନ ଏହି ଅବମାନନା ନିମନ୍ତେ ଗାନ୍ଧିଜୀଙ୍କୁ ଦାୟୀ କରି ସାବରମତୀ ଆଶ୍ରମକୁ ଭାଙ୍ଗି ରୁଜି ଚୁରମାର କରିବା ପାଇଁ ଏବଂ ଗିରଫ ହୋଇଥିବା ସତ୍ୟାଗ୍ରହୀମାନଙ୍କ ଜମିବାଡ଼ିକୁ ବ୍ୟାଜାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସେଥିରେ ଗାନ୍ଧିଜୀ ଡରି ଯାଇନଥିଲେ ବରଂ ଆନ୍ଦୋଳନକୁ ଆହୁରି ଅଧିକ ବ୍ୟାପକ କରି ନିଷ୍ପତ୍ତି ନେଇଥିଲେ ଯେ ଭାରତ ସମ୍ପୂର୍ଣ୍ଣ ସ୍ୱାଧୀନନହେବା ପର୍ଯ୍ୟନ୍ତ ସେ ଆଉ ସାବରମତୀ ଆଶ୍ରମକୁ ଫେରିବେ ନାହିଁ। ତାଙ୍କରି ନେତୃତ୍ୱ ରେ ଚାଲିଥିବା "ଭାରତ ଛୋଡୋ" ଆନ୍ଦୋଳନ ଶେଷରେ ସଫଳ ହୋଇଥିଲା ଏବଂ ୧୯୪୭ ମସିହା ଅଗଷ୍ଟ ପନ୍ଦର ତାରିଖରେ ଭାରତ ସ୍ୱାଧୀନ ହୋଇଥିଲା। ତା'ପରେ ମଧ ଗାନ୍ଧିଜୀ ଆଉ ସାବରମତୀ ଆଶ୍ରମ ଫେରିନଥିଲେ। ବିରଳା ଭବନରେ ରହି ସ୍ୱାଧୀନତ୍ତୋର ଭାରତର ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇପଡିଥିଲେ। ସେହି ଅବସ୍ଥାରେ ୧୯୪୮ ମସିହା ଜାନୁଆରୀ ତିରିଶି ତାରିଖରେ ଏକ ଦୁଃଖଦ ପରିସ୍ଥିତିରେ ଗାନ୍ଧିଜୀଙ୍କର ମୃତ୍ୟୁ ଘଟିଥିଲା ।

୧୯୩୦ ମସିହାରୁ ଗାନ୍ଧିଜୀ ପାଦ ଦେଇନଥିବା ଏହି ବିରାଟ ଆଶ୍ରମଟି କେବଳ କିଛି ସତ୍ୟାଗ୍ରହୀ ମାନଙ୍କ ରହଣୀ ସ୍ଥଳ ହୋଇ ରହି ଯାଇଥିଲା। ପରବର୍ତ୍ତୀ ସମୟରେ ସ୍ଥାନୀୟ ଲୋକମାନେ ଏହି ପବିତ୍ର ସ୍ଥାନଟିକୁ ଏକ ସ୍ମାରକ ରୂପେ ସାଇତି ରଖିବା ନିମନ୍ତେ ସ୍ଥିର କରିଥିଲେ।





ଗାନ୍ଧିଜୀଙ୍କ ପ୍ରତ୍ୟେକ ବ୍ୟବହାର୍ଯ୍ୟ ଜିନିଷ, ତାଙ୍କର ଚରଖା, ଅରଟ ଠାରୁ ଆରମ୍ଭ କରି ଟେବୁଲ୍ ଚୌକି ବାସନ କୁସନ ପର୍ଯ୍ୟନ୍ତ ଏବଂ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ସ୍ମୃତି ବିଜଡ଼ିତ ସମସ୍ତ ଆସବାବପତ୍ର କୁ ସାଇତି ରଖି ପରବର୍ତ୍ତୀ ପିଢ଼ିକୁ ଗାନ୍ଧିଜୀଙ୍କ ଆଦର୍ଶ ରେ ଅନୁପ୍ରାଣିତ କରିବାର ଉଦ୍ଦେଶ୍ୟ ନେଇ ଗଢ଼ା ହୋଇଥିଲା "ଗାନ୍ଧୀ ସ୍ମାରକ ସଂଗ୍ରହାଳୟ" ।ଏହା ଗାନ୍ଧିଜୀ ରହୁଥିବା ଗୃହ "ହୃଦୟ କୁଞ୍ଜ"ରେ ଥିଲା ଏବଂ ୧୯୫୧ ମସିହାରୁ ଏକ ଟ୍ରଷ୍ଟ ଦ୍ୱାରା ପରିଚାଳିତ ହେଉଥିଲା। ସଂଗ୍ରହାଳୟର ନୂତନ ଗୃହଟି ବିଖ୍ୟାତ ସ୍ଥପତି ଚାର୍ଲସ୍‌ଙ୍କ ଦ୍ୱାରା ନିର୍ମିତ ହେଇଥିଲା ଏବଂ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀ ଜବାହରଲାଲ ନେହେରୁ ୧୯୬୩ ମସିହା ମଇ ମାସ ଦଶ ତାରିଖରେ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସ୍ଥାନିତ ହୋଇଛି ଗାନ୍ଧିଜୀ ଏବଂ କସ୍ତୁରବାଙ୍କର ଫଟୋ ସହିତ ଅନେକ ସହଯୋଗୀ ସଂଗ୍ରାମୀମାନଙ୍କ ଫଟୋଚିତ୍ର, ସେମାନଙ୍କ ଜୀବନ କାଳରେ ସଂଘଟିତ ହୋଇଥିବା ଅନେକ ଐତିହାସିକ ଘଟଣାବଳୀର ଫଟୋଚିତ୍ର, ଅନେକ ପୁସ୍ତକ, ନଥି, ଗାନ୍ଧିଜୀଙ୍କ ହାତ ଲେଖା ଚିଠି ପତ୍ର, ଚରଖା, ଚଷମା, ପଢା ଟେବୁଲ୍ ଇତ୍ୟାଦି ଅନେକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯାହା କାଳ କାଳକୁ ଗାନ୍ଧିଜୀଙ୍କ ସନ୍ଥତୁଲ୍ୟ ଜୀବନ ଏବଂ ଭାରତର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନକୁ ଅମର ରଖିବ ।

ବର୍ତ୍ତମାନ ସୁଦ୍ଧା ଏହି ଆଶ୍ରମଟି ସାରା ବିଶ୍ୱର ପର୍ଯ୍ୟଟକମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇ ରହିଛି।

ସଡ଼କପଥରେ ଏହା ରାଜ୍ୟର ସମସ୍ତ ସ୍ଥାନରୁ ସୁରମ୍ୟ । ରେଳପଥରେ ଏହି ଆଶ୍ରମର ନିକଟତମ ଷ୍ଟେସନ୍ ହେଉଛି ଅହମ୍ମଦାବାଦ ରେଲୱେ ଜଙ୍କସନ୍ ଯାହା ଏଠାରୁ ମାତ୍ର ୬.୫ କି.ମି ଦୂରରେ ଅବସ୍ଥିତ ଏବଂ ଆକାଶ ପଥରେ ଏହାର ନିକଟତମ ଏୟାରପୋର୍ଟ୍ ହେଉଛି ଅହମ୍ମଦାବାଦ ଏୟାରପୋର୍ଟ୍ ଯାହା ଏଠାରୁ ମାତ୍ର ୪ କି.ମି. ଦୂର।

ଝଅଅ ଶାରଳା ଭବନ , ପୋତାପୋଖରୀ , କଟକ-୪

# ଶିଶୁ ପାଇଁ ମାଲିସ



ମାଲିସ ଦ୍ୱାରା ନବଜାତ ଶିଶୁର ଶାରୀରିକ୍ ବିକାଶ ଓ ଅଭିବୃଦ୍ଧି ଘଟେ। ମାଂସପେଶୀ, ଅସ୍ଥି ମଜଭୁତ ହଏ। ଚର୍ମ କୋମଳ ହୁଏ ଏବଂ ଚର୍ମଜନିତ ରୋଗ, ବିକୃତି ଆଶଙ୍କା କମେ। ମାଆ ଓ ଶିଶୁ ମଧ୍ୟରେ ମାନସିକ ଆକର୍ଷଣ ବଢ଼େ। ଶିଶୁର ମାଲିସ ସମୟରେ କେତେକ ନିର୍ଦ୍ଦିଷ୍ଟ ଦିଗ ପ୍ରତି ସଚେତନତା ଜରୁରୀ। ଜନ୍ମର କୋଡ଼ିଏ ଦିନ ପରେ ମାଲିସ କରନ୍ତୁ। ପ୍ରଥମେ ଧୀରେ, ହାଲୁକା ମାଲିସ କରିବା ୁଚିତ। ସାକଳେ, ସନ୍ଧ୍ୟାରେ ମଶଲିସ କରିପାରିବେ। ଏହା ଦ୍ୱାରା ଶିଶୁ ଆରାମ ଓ ଆନନ୍ଦ ପାଏ। ସହଜରେ ନିଦ ଆସିଯାଏ। ଶିଶୁକୁ ଖୁଆଇବା ପରେ ସଙ୍ଗେ ସଙ୍ଗେ ମାଲିସ କରନ୍ତୁ ନାହିଁ। ଏହା ଦ୍ୱାରା ବାନ୍ତି ହୋଇପାରେ। ଭିଟାମିନ୍ ଡି କ୍ୱିବା ଇ ଯୁକ୍ତ ତୈଳ ଦ୍ୱାରା ମାଲିସ କରିବା ଭଲ। ଖୋଲା ସ୍ଥାନ, କଅଁଳିଆ ସୂର୍ଯ୍ୟକିରଣ ପଡ଼ିଥାବ ସ୍ଥାନରେ ଶିଶୁକୁ ଗୋଡ଼ରେ ଶୁଆଇ ମାଲିସ କରନ୍ତୁ। ଦୁଇ ହାତରେ ତେଲ ନେଇ ଛାତି, ବେକ ଆଦିରେ ଘଷନ୍ତୁ। ପେଟା ମାଲିସ କରୁଥିବା ବେଳେ ଅଧିକ ସାବଧାନ ରୁହନ୍ତୁ। କାନ୍ଧରୁ କହୁଣି ଓ ବଳାଗଣ୍ଠିଯାଏ ମାଲିସ କରନ୍ତୁ। ଜଂଘରୁ ଆଣ୍ଠୁ ପର୍ଯ୍ୟନ୍ତ ଓ ଆଣ୍ଠୁରୁ ପାଦଯାଏ ଅଙ୍ଗୁଳି ଟିପ ଦ୍ୱାରା ଘଷନ୍ତୁ। ପିଠି ମାଲିସ ସମୟରେ ଶିଶୁକୁ ପେଟେଇ ଶୁଆଇ ଦିଅନ୍ତୁ। ଶିଶୁର ମେରୁଦଣ୍ଡ ଅସ୍ଥି ଖୁବ୍ କୋମଳ ଏଣୁ ଅତି ଧୀରେ ଘଷନ୍ତୁ। ଅସୁସ୍ଥ ଥିବା ସମୟରେ ମାଲିସ କରନ୍ତୁନାହିଁ।

# ବିରଳ ଯମଜ ମନ୍ଦିର ଗନ୍ଧରାଡ଼ୀ



ବୌଦ୍ଧ ସହର ଠାରୁ ୧୫ କିଲୋମିଟର ଦୂରରେ ମହାନଦୀ କୂଳରେ ଅବସ୍ଥିତ ମନ୍ଦିର ପ୍ରକୃତରେ ଦୁଇଟି ମନ୍ଦିରର ସମାହାର ଯାହାକୁ ଦ୍ୱୈତ ମନ୍ଦିର ବା ଯମଜ ମନ୍ଦିର କୁହାଯାଏ ଏବଂ ତତ୍କାଳୀନ ଭଞ୍ଜ ବଂଶୀୟ ବୌଦ୍ଧ ରାଜାଙ୍କ ଦ୍ୱାରା ଏହା ନିର୍ମିତ ହୋଇଥିଲା। ଗୋଟିଏ ଆଧାର ଶୀଳା ଉପରେ ନିର୍ମିତ ହରି ଓ ହରଙ୍କ ଏଭଳି ଦ୍ୱୈତ ମନ୍ଦିର ସମଗ୍ର ଭାରତରେ ଏକ ବିରଳ ମନ୍ଦିର।

ପର୍ଯ୍ୟଟନ କଥା ଭାବିବା ବେଳେ ଯଦିଓ ବେଳାଭୂମି, ହିଲ ଷ୍ଟେସନ, ଜାତୀୟ ଉଦ୍ୟାନ, ଅଭୟାରଣ୍ୟ ଅଥବା ଇକୋ-କଟେଜ, ବୋଟ୍ ହାଉସ ଇତ୍ୟାଦି କଥା ମନକୁ ଆସେ ତଥାପି ଓଡ଼ିଶାରେ ମନ୍ଦିରକୁ ବାଦ ଦେଇ ପର୍ଯ୍ୟଟନ କଥା କେବେ ଚିନ୍ତା କରାଯାଇନପାରେ। ବୌଦ୍ଧର ଗନ୍ଧରାଡୀ ମନ୍ଦିର ହେଉଛି ଏକ ପ୍ରାଚୀନ ଏବଂ ବିରଳ ମନ୍ଦିର। ନବମ ଶତାବ୍ଦୀରେ ନିର୍ମିତ ଏହି ମନ୍ଦିର ତତ୍କାଳୀନ ବୌଦ୍ଧ ରାଜ୍ୟର ରାଜଧାନୀ ଏବଂ ଅଧୁନା ଜଗତି ଗ୍ରାମରେ ଅବସ୍ଥିତ। ଏହି ସ୍ଥାନର ପ୍ରାଚୀନ ନାମ ଗନ୍ଧରାଡୀ ଅନୁସାରେ ମନ୍ଦିରର ନାମ ମଧ ଗନ୍ଧରାଡୀ ରହିଛି। ଗୋଟିଏ ଆଧାର ଶୀଳା ଉପରେ ନିର୍ମିତ ହରି ଓ ହରଙ୍କ ଏଭଳି ଦ୍ୱୈତ ମନ୍ଦିର ସମଗ୍ର ଭାରତରେ ଏକ ବିରଳ ମନ୍ଦିର। କାରଣ ଏଭଳି ଗୋଟିଏ ଆଧାର ଶୀଳାରେ ଉଭୟ ହରି ଏବଂ ହରଙ୍କ ମନ୍ଦିର ସାଧାରଣ ଭାବେ ଅନ୍ୟତ୍ର ଦେଖାଯାଏ ନାହିଁ। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ଦ୍ୱାରା ସଂରକ୍ଷିତ ଏହି ଯମଜ ମନ୍ଦିର ବର୍ତ୍ତମାନ ଚାରିଶମ୍ଭୁ ନାମରେ ମଧ ନାମିତ। ୨୦.୮୭୪୯୮୨° ଉତ୍ତର ଅକ୍ଷାଂଶ ଏବଂ ୮୪.୨୦୫୩୮୦° ପୂର୍ବ ଦ୍ରାଘିମାରେ ଅବସ୍ଥିତ ଏହି ମନ୍ଦିରରେ ଉଚ୍ଚ କୋଟୀର ପ୍ରାଚୀନ ସ୍ଥାପତ୍ୟ କାରୁକାର୍ଯ୍ୟ ଦେଖିବାକୁ ମିଳେ ଏବଂ ଦୁଇଟି ଯାକ ମନ୍ଦିରର ନିର୍ମାଣ ଶୈଳୀ ଅବିକଳ ସମାନ। ଏହି ମନ୍ଦିର ଆଉ ଗୋଟେ ଦୃଷ୍ଟିରୁ ମଧ ବିରଳ କାରଣ ଶିବ ମନ୍ଦିର ଚୂଡାରେ ଲିଙ୍ଗ ସ୍ଥାନିତ ହୋଇଛି, ହେଲେ ଅନ୍ୟ କୌଣସି ଶିବ ମନ୍ଦିର ଚୂଡାରେ ଲିଙ୍ଗ ସ୍ଥାନିତ ହେବାର ନଜିର ନାହିଁ। ଏଠାରେ ଭଗବାନ ଶିବ ସିଦ୍ଧେଶ୍ୱର ଏବଂ ଭଗବାନ ବିଷ୍ଣୁ ନୀଳମାଧବ ଭାବେ ନାମିତ। ଆଧୁନିକ କୋଳାହଳମୟ ପରିବେଶଠାରୁ ଦୂରରେ ଶାନ୍ତ, ନିରୋଳା, ଆଧ୍ୟାତ୍ମିକ ପର୍ଯ୍ୟଟନର ରୁଚି ରଖୁଥିବା ପର୍ଯ୍ୟଟକଙ୍କୁ ପ୍ରାୟ ୧୨ ଶହ ବର୍ଷ ପୂର୍ବେ ନିର୍ମିତ ଏହି କୀର୍ତ୍ତି ବେଶ ଆକୃଷ୍ଟ କରିଥାଏ।

# ଅଗ୍ନିମାନ୍ଦ୍ୟ: କାରଣ ଓ ଆୟୁର୍ବେଦ ଉପଚାର



ଅନୁଚିତ ଖାଦ୍ୟ, ଅସମୟରେ ଭୋଜନ, କଞ୍ଚା ବା ଅଧା ସିଝା ଖାଦ୍ୟ, ଅତ୍ୟଧିକ ଭୋଜନ, ଅନିଦ୍ରା ଥଣ୍ଡା, ଗରିଷ୍ଠ ଓ ଶୁଖିଲା ଖାଦ୍ୟ, କମ୍ ଜଳ ସଚେନ, ଦୀର୍ଘସ୍ଥାୟୀ ରୋଗ, ମଳ-ମୂତ୍ରର ବେଗରୋଧ, କଫବର୍ଦ୍ଧକ ଖାଦ୍ୟ, ଈର୍ଷା, ଭୟ, ଶୋକ, ଲୋଭ ଆଦି ଦ୍ୱାରା ପାଚକାଗ୍ନି ଦୁର୍ବଳ ବା ମନ୍ଦ ହୁଏ। ଏହା ଅଗ୍ନିମାନ୍ଦ୍ୟର କାରଣ। ଭୋକ ନହେବା ବା କମ୍ ହେବା, ପାଟି ମିଠା ଲାଗିବା, ବାନ୍ତି ଲାଗିବା କିମ୍ବା ବାନ୍ତି ହେବା, ପେଟ ଫାମ୍ପିବା, କୋଷ୍ଠକାଠିନ୍ୟ, ପେଟ ଦରଜ, ଅରୁଚି, ଅମ୍ଳ ହାକୁଟି, ଶରୀର ଓଜନିଆ ଲାଗିବା, ଆଖି ପତା ଓ ମୁହଁ ଫୁଲିବା, କ୍ଳାନ୍ତି, ଆଳସ୍ୟ, ଦେହହାତ ଘୋଳବିନ୍ଧା ହେବା, ଦୁର୍ବଳତା, ମୁଣ୍ଡ ବୁଲାଇବା ଆଦି ଅଗ୍ନିମାନ୍ଦ୍ୟର ଲକ୍ଷଣ। ଏ ପରି ଲକ୍ଷଣ ପ୍ରକାଶ ପାଇଲେ ଆୟୁର୍ବେଦ ଉପଚାର କରନ୍ତୁ, ଉପଶମ ମିଳିବ।

- ଖାଇବାର ଠିକ୍ ପୂର୍ବରୁ ସୈନ୍ଧବ ଲବଣ ସହ ଖଣ୍ଡେ ଅଦା ଚୋବାନ୍ତୁ।
- ଅଧା ଚାମଚ ଅମୃତଭଣ୍ଡା କ୍ଷୀରରେ ଚିନି ଫେଣ୍ଟି ଖାଦ୍ୟ ଖାଇବା ପୂର୍ବରୁ ଖାଆନ୍ତୁ।
- ଏକ ଚାମଚ ଜୁଆଣିର ଚଉଠ ଭାଗ ସୈନ୍ଧବ ଲବଣ ସହ ଗୁଣ୍ଡ କରନ୍ତୁ। ଉଷୁମ ପାଣିରେ ଫେଣ୍ଟି ସକାଳେ ଓ ସନ୍ଧ୍ୟାରେ ସମାନ ଭାଗ କରି ସେବନ କରନ୍ତୁ।



# ମାତ୍ରାଧିକ କେଶ ଝଡୁଛି କି ?: ଦୈନିକ ଖାଆନ୍ତୁ ଏହି ସବୁ ଖାଦ୍ୟ



ଆଜିକାଲି କେଶ ଝଡ଼ିବା ସମସ୍ୟା ପ୍ରାୟ ସମସ୍ତଙ୍କର। କେଶ ଝଡ଼ିବାର ଅନେକ କାରଣ ଥାଏ। ଅତ୍ୟଧିକ ପ୍ରଦୂଷଣ, ହରମୋନ୍ ପରିବର୍ତ୍ତନ, କିମ୍ବା ଭିଟାମିନ୍ ଅଭାବରୁ କେଶ ଝଡ଼ିଥାଏ। ଶରୀରର ଆଉ କିଛି ସମସ୍ୟା ହେଲେ ଯେତିକି ଚିନ୍ତା ହୋଇନଥାଏ କେଶ ଝଡ଼ିଥିଲେ କିନ୍ତୁ ଗଭୀର ମାତ୍ରାରେ ଦୁଃଖ ଲାଗିଥାଏ। କିପରି ଭାବେ ଏହି ସମସ୍ୟାକୁ ରୋକାଯାଇ ପାରିବ ସେ ବିଷୟରେ ଚିନ୍ତା କରି କରି ବେଳ ସରିଯାଏ। କେଶ ଝଡ଼ିବା ଦୁଃଖରେ ଆସି ଆମେ ଅନେକ ପ୍ରକାରର ଜିନିଷ କେଶରେ ପ୍ରୟୋଗ କରିଥାଉ। ମାତ୍ର ମନେ ରଖନ୍ତୁ କେଶ ଝଡ଼ିବା ସମସ୍ୟା ଉପରୁ ନୁହେଁ; ବରଂ ଭିତରୁ ହୋଇଥାଏ। ପ୍ରୋଟିନ୍‌ର ଅଭାବରେ ହିଁ କେଶ ଝଡ଼ିଥାଏ। ତେବେ ଚାଲନ୍ତୁ ଜାଣିବା କେଉଁ ସବୁ ଖାଦ୍ୟ ଖାଇଲେ କେଶ ଝଡ଼ିବା ସମସ୍ୟା କମ୍ ହୋଇଥାଏ। ମାତ୍ର ଏପରି କିଛି ଖାଦ୍ୟ ଅଛି, ଯାହାକୁ ଦୈନିକ ଖାଇବା ଦ୍ୱାରା କେଶ ଝଡ଼ିବା ସମସ୍ୟାକୁ କିଛି ମାତ୍ରାରେ ନିୟନ୍ତ୍ରଣ କରାଯାଇପାରେ। ଦିନକୁ ଅତି କମ୍‌ରେ ଗୋଟିଏ ପାଚିଲା କଦଳୀ ଖାଆନ୍ତୁ। କଦଳୀରେ ପ୍ରଚୁର ପରିମାଣର ଆଇରନ୍ ରହିଛି। ଆଇରନ୍ ଅଭାବରୁ ବି କେଶ ଝଡ଼ିଥାଏ। ପାରୁଛନ୍ତି ଯଦି ସକାଳେ କିମ୍ବା ସଂଧ୍ୟାରେ ଗୋଟାଏ ସିଝା ଅଣ୍ଡା ଖାଆନ୍ତୁ। ସିଝା ଅଣ୍ଡାରେ ପ୍ରୋଟିନ୍ ରହିଛି। ଶରୀରରେ ପ୍ରୋଟିନ୍ ଭରପୂର ରହିଲେ କେଶ ଝଡ଼ିବା ସମସ୍ୟା ଦୂର ହୋଇଯିବ। ମୌସମୀ ଜୁସ୍ ପିଅନ୍ତୁ। ମୌସମ୍ବୀ ଜୁସ୍ ଉଭୟ କେଶ ଓ ତ୍ୱଚା ପାଇଁ ଭଲ ହୋଇଥାଏ। ଏହି ଜୁସ୍ ପିଇଲେ କେଶ ଝଡ଼ିବା ସମସ୍ୟା କମ୍ ହେବା ସହ ତ୍ୱଚା ବି ଭଲ ରହିଥାଏ। କାଜୁ ବାଦାମ ଖାଇବା ବି କେଶ ପାଇଁ ଭଲ ହୋଇଥାଏ। କାଜୁ ବ୍ୟତୀତ ଆଲମଣ୍ଡ, ବାଦାମ, କିସ୍‌ମିସ୍ ଆଦି ଦୈନିକ ଖାଇଲେ କେଶ ଝଡ଼ିବା କମ ହୋଇଥାଏ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୩୧ ଜାନୁଆରୀ ୨୦୨୫, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ତ୍ରିବେଣୀ ସଙ୍ଗମ ଓ ଗାନ୍ଧୀଙ୍କ ଚିତାଭସ୍ମ...

[illegible] ତିରିଶ ମିନିଟ, ଜାନୁଆରୀ ୩୦ ତାରିଖ, ୧୯୪୮ ମସିହା। ମହାତ୍ମା ଗାନ୍ଧୀଙ୍କ ମୃତ୍ୟୁର ପ୍ରାୟ ୬ ଘଣ୍ଟା ପରର କଥା। ବିଶ୍ୱମାନବଙ୍କ ପାର୍ଥିବ ଶରୀରକୁ ସର୍ବସାଧାରଣଙ୍କ ଶେଷଦର୍ଶନ ପାଇଁ ଆଲବକର କ୍ୟୁ ରୋଡ୍ ସ୍ଥିତ ବିରଳା ଭବନର ବାଲକୋନିରେ ରଖାଯାଇଥିଲା। ଭିଡ଼ କ୍ରମାଗତ ଭାବେ ବଢୁଥିଲା। ଏହାମଧ୍ୟରେ ଆଲୋଚନା ଚାଲିଲା ଯେ ଗାନ୍ଧୀଙ୍କ ପାର୍ଥିବ ଶରୀରକୁ ପନ୍ଦରଦିନ ଯାଏଁ କୃତ୍ରିମ ଭାବେ ସଂରକ୍ଷିତ ରଖାଯିବ। ଏହି ପ୍ରସ୍ତାବ ପ୍ରତି ନେହେରୁ ଓ ମାଉଣ୍ଟବ୍ୟାଟନଙ୍କର ଆପତ୍ତି ନଥିଲା। କିନ୍ତୁ ଏହିଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ଅତି ସମ୍ମାନର ସହ ଏଡ଼ାଇ ଯାଇ ଗାନ୍ଧିଜୀଙ୍କ ସଚିବ ପ୍ୟାରେଲାଲ କହିଲେ 'ମୃତ୍ୟୁପରେ ଶରୀରକୁ ସୁବାସିତ ଓ ରାସାୟନିକ ପ୍ରଲେପ ଦେଇ ସତେଜ ରଖିବା ଗାନ୍ଧୀଙ୍କ ଇଚ୍ଛାର ପରିପନ୍ଥୀ'। ପରିଶେଷରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଗଲା ଯେ ଜାନୁଆରୀ ୩୧ ତାରିଖରେ ଯମୁନା କୂଳର ରାଜଘାଟରେ ଗାନ୍ଧିଜୀଙ୍କ ଅନ୍ତିମ ସଂସ୍କାର କରାଯିବ। ମାଉଣ୍ଟବ୍ୟାଟନଙ୍କ ନିର୍ଦ୍ଦେଶକ୍ରମେ ଅନ୍ତିମ ସଂସ୍କାର ବ୍ୟବସ୍ଥାର ଉତ୍ତରଦାୟିତ୍ୱ ନ୍ୟସ୍ତ ଥିଲା ଭାରତର ନୂଆ ସେନାଧ୍ୟକ୍ଷ ଜେନେରାଲ ଆର. ବୁଚରଙ୍କ ଉପରେ। ଯୋଜନା ଅନୁଯାୟୀ ଗାନ୍ଧିଜୀଙ୍କ ଶବାଧାର ଶୋଭାଯାତ୍ରା ଜାନୁଆରୀ ୩୧ ପୂର୍ବାହ୍ନ ୧୧.୩୦ରେ ବାହାରି ବେଲାରୋଡ – ଦିଲ୍ଲୀଗେଟ – ଜାତୀୟ ଆଭେନ୍ୟୁ – ଲର୍ଡ ଜର୍ଜ ପ୍ରତିମୂର୍ତ୍ତି ଛକ ଦେଇ ପହଞ୍ଚିବ ଯମୁନାକୂଳରେ। ମୁଖାଗ୍ନି ସମୟ ରହିବ ଅପରାହ୍ନ ୪ଟାରୁ ୫ ମଧ୍ୟରେ। ଗାନ୍ଧିଜୀଙ୍କ ପାର୍ଥିବ ଶରୀରକୁ ଏକ ବିଶାଳ ମିଲିଟାରୀ ଟ୍ରକ ଉପରେ ନବନିର୍ମିତ ପ୍ଲାଟଫର୍ମରେ ରଖାଯିବ। ପ୍ଲାଟଫର୍ମ ପାଖରେ ଅଳ୍ପ ଲୋକ ବସିବା ପାଇଁ ଏକ ଛୋଟ କୋଠରି ନିର୍ମିତ ହେବ। ଇଞ୍ଜିନ ବନ୍ଦ ଥିବା ଟ୍ରକକୁ ଟାଣିବେ ୨୦୦ ସୈନିକ। ଜଳ, ସ୍ଥଳ ଓ ଆକାଶ ବାହିନୀର ସମୁଦାୟ ୬ ହଜାର ସୈନ୍ୟ ଶୋଭାଯାତ୍ରାର ଆଗରେ ଓ ପଛରେ ଚାଲିବେ। ଆକାଶରୁ ହେଲିକପ୍ଟରରେ ପୁଷ୍ପ ବୃଷ୍ଟି ହେବ। ଟ୍ରକ ସହ ଏକ ସୁରକ୍ଷା ଗାଡ଼ି ମଧ୍ୟ ଯିବ। ସମୟ ବଡ଼ିଭୋର ୩ଟା, ଜାନୁଆରୀ ୩୧ ତାରିଖ ୧୯୪୮ ମସିହା। ଗାନ୍ଧିଜୀଙ୍କ ମୃତ୍ୟୁର ଦଶଘଣ୍ଟା ପରେ ତାଙ୍କ ମୃତ ଶରୀରକୁ ଥଣ୍ଡା ପାଣିରେ ସଫା କରାଗଲା। ରକ୍ତ ଜୁଡୁବୁଡୁ ଚଦର ଆଉ ଧୋତି ଖୋଲି ଦେଲା ପରେ ଦେଖାଗଲା ଗାନ୍ଧୀଙ୍କ ଛାତି ଓ ତଳି ପେଟରେ ଗଭୀର କ୍ଷତ। ବିଷାଦ ମଧ୍ୟରେ ଗୀତା ପାଠ ହେଉଥିଲା। କିନ୍ତୁ କୌଣସି ବ୍ୟକ୍ତି ଗାନ୍ଧିଜୀଙ୍କ ହତ୍ୟାକାରୀକୁ ଅଭିଶାପ ଦେଉ ନ ଥିଲେ। କାରଣ ଗାନ୍ଧୀବାଣୀ ଥିଲା 'ଦୁଃଖ ଆସିଲେ ଯନ୍ତ୍ରଣାକୁ ଆଲିଙ୍ଗନ କର, ନିଜକୁ କଷ୍ଟ ଦିଅ, ନିଜ ଦୁଃଖ ପାଇଁ ଆଉ କାହାକୁ ଦୋଷୀ କରନା।' ଗାନ୍ଧିଜୀଙ୍କ ମର ଶରୀରକୁ ସଫା କରିବା ପରେ ଦେହରେ ଚନ୍ଦନ, ମୁଣ୍ଡରେ ସିନ୍ଦୂର ଟୋପା, ବେକରେ ସୁତା ମାଳି ଓ ନୂଆ ଖଦିର ଧୋତି ପିନ୍ଧାଗଲା। କାର୍ଯ୍ୟକ୍ରମ ନିର୍ଘଣ୍ଟ ଅନୁଯାୟୀ ଶୋଭାଯାତ୍ରା ଆରମ୍ଭ ହେଲା। ଦଶ ଲକ୍ଷରୁ ଅଧିକ ଜନସମାଗମର ଅସମ୍ଭବ ଭିଡ଼। ବରିଷ୍ଠ ଗାନ୍ଧିବାଦୀ ଲେଖକ ଗୌରାଙ୍ଗ ଚରଣ ପରିଡ଼ା ନିଜ ପୁସ୍ତକ 'ଗାନ୍ଧୀ ମହାତ୍ମା'ରେ ଉଲ୍ଲେଖ କରିଛନ୍ତି ଯେ 'ଗାନ୍ଧୀଙ୍କ ମରଶରୀରର ଶୋଭାଯାତ୍ରାର ପଟାନ୍ତର ନଥିଲା। ମନେ ହେଉଥିଲା, ମଧ୍ୟଯୁଗୀୟ ଇଟାଲୀର ସମ୍ରାଟମାନେ ଯେମିତି ତାଙ୍କର ଯୁଦ୍ଧ ବିଜୟ ଶୋଭାଯାତ୍ରା କରନ୍ତି, ଠିକ୍ ସେମିତି ଥିଲା ଏ ଶୋଭାଯାତ୍ରା।' ଏକ ମିନିଟର ନିରବ ପ୍ରାର୍ଥନା ପରେ ଅପରାହ୍ନ ୪.୪୫ ମିନିଟରେ ଗାନ୍ଧୀଙ୍କ ଚିତାକୁ ତୃତୀୟ ପୁତ୍ର ରାମଦାସ ମୁଖାଗ୍ନି ଦେଲେ। ଗାନ୍ଧୀଙ୍କ ଶରୀର ପଞ୍ଚଭୂତରେ ଲୀନ ହୋଇ ସନ୍ଧ୍ୟା ୬ଟା ସୁଦ୍ଧା ଚିତା ଶୀତଳ ହୋଇସାରିଥିଲା। ତେରଦିନ ପରେ ଅର୍ଥାତ୍ ୧୯୪୮ ମସିହା ଫେବୃଆରୀ ୧୨ ତାରିଖ ଦିନ ଆହ୍ଲାବାଦ(ପ୍ରୟାଗରାଜ) ରେ ଗାନ୍ଧୀଙ୍କ ଚିତା ଭସ୍ମ ବିସର୍ଜନ ପାଇଁ ଦିନ ସ୍ଥିର କରାଗଲା। ଗାନ୍ଧିଜୀଙ୍କ ଅନ୍ତିମ ସଂସ୍କାର ପରେ ରାଜଘାଟ ଅନେକଙ୍କ ପାଇଁ ଏକ ପବିତ୍ର ସ୍ଥାନରେ ପରିଣତ ହୋଇଥିଲା। ଏପରିକି ନେହେରୁଙ୍କୁ କିଛି ଘଟଣା ବିଷୟରେ ସୂଚନା ମିଳିଥିଲା, ଯେଉଁଠାରେ ଲୋକମାନେ ଚିତା ସ୍ଥଳରୁ ବାଲି ଓ ମାଟି ନେଉଥିଲେ। ଗବେଷକ ଶ୍ରୀପରିଡ଼ାଙ୍କ ମନ୍ତବ୍ୟରେ ୧୯୨୧ ମସିହାରେ କଟକ ଆଗମନରେ ମଧ୍ୟ ଅନୁରୂପ ଘଟଣା ଦେଖାଯାଇଥିଲା। ଲୋକମାନେ ଗାନ୍ଧିଜୀ ଠିଆହୋଇ ଦେଇଥିବା ଭାଷଣ ସ୍ଥଳର ମାଟିକୁ ପବିତ୍ର ଭାବି ଘରକୁ ନେଇଯାଇଥିଲେ ଏବଂ ଏହା ଚୋରାରେ ବିକ୍ରି ହେଉଥିବାର ଅଭିଯୋଗ ହୋଇଥିଲା। ରାଜଘାଟରୁ ମାଟି ନେବା ପରିପ୍ରେକ୍ଷୀରେ ନେହେରୁ କ୍ୟାବିନେଟକୁ ଏକ ପରାମର୍ଶପତ୍ରରେ ଲେଖିଲେ 'ଗାନ୍ଧିଜୀଙ୍କ ସତ୍କାର ସ୍ଥଳ ଅନେକଙ୍କ ପାଇଁ ଏକ ପବିତ୍ର ପୃଥିବୀରେ ପରିଣତ ହୋଇସାରିଛି। ଏହାର ସୁରକ୍ଷା ନିତାନ୍ତ ଆବଶ୍ୟକ। ତେଣୁ ଏହାର ଚାରିପାଖରେ ୧୫ ଫୁଟର ଏକ ସିମେଣ୍ଟ ପ୍ଲାଟଫର୍ମ ସହିତ ରେଲିଂ ଥିବା ଦୁଇ ଫୁଟ ଉଚ୍ଚ କାନ୍ଥ ରହିବା ଉଚିତ୍। ପ୍ରତି ୧୫ରୁ ୧୭ ବର୍ଷରେ ସେହି ସ୍ଥଳରେ ଯମୁନା ନଦୀରେ ବନ୍ୟା ହୁଏ। ତେଣୁ ଗାନ୍ଧୀଙ୍କ ଅନ୍ତିମ ସଂସ୍କାର ସ୍ଥଳରେ କୌଣସି କୋଠା ନିର୍ମାଣ ପାଇଁ ଅନୁମତି ନ ଦେବା ଉଚିତ ହେବ।' କଳାକାର ନନ୍ଦଲାଲ ବୋଷଙ୍କୁ ରାଜଘାଟର ଡିଜାଇନ କରିବାକୁ ପରାମର୍ଶ ମଧ୍ୟ ଦିଆଯାଇଥିଲା। ଏହା ପରେ ପରେ ଗାନ୍ଧିଜୀଙ୍କ ଚିତାଭସ୍ମକୁ ନେଇ ଆଉ ଏକ ସମସ୍ୟା ଉପୁଜିଲା। ସମସ୍ୟାଟି ଥିଲା – ଗାନ୍ଧିଜୀଙ୍କ ସାନପୁଅ ଦେବଦାସ ଗାନ୍ଧୀ ଲଣ୍ଡନର ପ୍ରସିଦ୍ଧ ଡାକ୍ତର ଚୁନି ଲାଲ କାଟିଆଲଙ୍କୁ ଅଳ୍ପ ପରିମାଣର ମହାତ୍ମାଙ୍କ ଚିତାଭସ୍ମ ଦେଇଥିଲେ। ଏହା ଜାଣିବା ପରେ ଇଂଲଣ୍ଡର ଉଚ୍ଚାୟୁକ୍ତ ଭି କେ କ୍ରିଷ୍ଣା ମେନନଙ୍କୁ ନେହେରୁ ଏକ ଜରୁରି ଟେଲିଗ୍ରାମ କଲେ। ସେଥିରେ ନିର୍ଦ୍ଦେଶ ଥିଲା ଯେ ଲଣ୍ଡନରେ ଅବସ୍ଥିତ ଭାରତୀୟ ଉଚ୍ଚାୟୁକ୍ତଙ୍କ ଦ୍ୱାରା ଅସ୍ଥି ବିସର୍ଜନ ପାଇଁ କୌଣସି ସମାରୋହ କିମ୍ବା ପ୍ରାୟୋଜକଙ୍କୁ ଅନୁମତି ଦିଆଯିବ ନାହିଁ। କାରଣ ଭାରତ ସରକାର ଗାନ୍ଧୀଙ୍କ ଚିତାଭସ୍ମକୁ ତ୍ରିବେଣୀ ସଙ୍ଗମରେ ବିସର୍ଜନ କରିବାକୁ ଆନୁଷ୍ଠାନିକ ଭାବେ ଯୋଜନା କରିଛନ୍ତି। ଏହାମଧ୍ୟରେ ଦେବଦାସ ଗାନ୍ଧୀ ମଧ୍ୟ ଡାକ୍ତର ଚୁନି ଲାଲ କାଟିଆଲଙ୍କୁ ଲଣ୍ଡନରେ ଚିତାଭସ୍ମ ବିସର୍ଜନ ନ କରିବାକୁ ଅନୁରୋଧ କରିସାରିଥିଲେ।

## ଟ୍ରମ୍ପଙ୍କ ବିଜୟ ପରେ (୧)



### ସୌମେନ୍ଦ୍ର ଜେନା

ଦ୍ୱିତୀୟଥର ପାଇଁ ଡୋନାଲଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଏବେ ଚର୍ଚ୍ଚାରେ ରହିଛନ୍ତି। ଯେମିତି ଆମେରିକାକୁ ଟିକସ ଶୂନ୍ୟ ରାଷ୍ଟ୍ରକରି ଗଢି ତୋଳିବା ଲାଗି ସେ ଘୋଷଣା କରିଛନ୍ତି। ଦେଶରୁ ବେଆଇନ ଅନୁପ୍ରବେଶକାରୀଙ୍କୁ ବାହାର କରିବା ପାଇଁ ବିମାନରେ ଭରି ଦେଶ ବାହାରକୁ ପଠାଇବାରେ ଲାଗିଛନ୍ତି। ତାଙ୍କର ଏହି କାର୍ଯ୍ୟ ପରେ ରାଷ୍ଟ୍ରଗୁଡିକ ସେମାନଙ୍କ ନାଗରିକମାନଙ୍କୁ ଆମେରିକାରୁ ଫେରାଇ ନେବେ ବୋଲି ଟ୍ରମ୍ପ ବିଚାର କରୁଛନ୍ତି। ଏସବୁ ସତ୍ତ୍ୱେ ଟ୍ରମ୍ପଙ୍କ ସଂପର୍କ ଅନେକ ରାଷ୍ଟ୍ରସହ ଭଲ ରହିଛି। ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁତିନ କହିଛନ୍ତି ଯେ ଆମେରିକାର ଶାସନରେ ଟ୍ରମ୍ପ ଥିଲେ ୟୁକ୍ରେନ ସହ ଯୁଦ୍ଧ ହୋଇନଥାନ୍ତା। ଏପରିକି ୨୦୨୦ ରାଷ୍ଟ୍ରପତି ନିର୍ବାଚନରେ ଜାଲିଆତି କରି ଟ୍ରମ୍ପଙ୍କୁ ପରାଜିତ ବୋଲି ଘୋଷଣା କରାଯାଇଥିବା ବିଷୟ ପୁତିନ କହିଛନ୍ତି। ରୁଷିଆ -ୟୁକ୍ରେନ ଯୁଦ୍ଧକୁ ବନ୍ଦ କରିବାକୁ ଆମେରିକାର ସମସ୍ତ ପ୍ରକାର ସହାୟତା ଟ୍ରମ୍ପ ବନ୍ଦ କରିଛନ୍ତି। ତାଙ୍କର ଯୋଜନା ହେଉଛି ଜେଲେନସ୍କିଙ୍କୁ ଆଲୋଚନା ପାଇଁ ବାଧ କରିବା। କିନ୍ତୁ କ୍ଷମତାରୁ ଯିବା ପୂର୍ବରୁ ଜୋ ବାଇଡେନ୍ ଯୁଦ୍ଧକୁ ଚାଲୁ ରଖିବା ପାଇଁ ଶେଷ ମୁହୂର୍ତ୍ତରେ ଅନେକ ଯୁଦ୍ଧାସ୍ତ୍ର ୟୁକ୍ରେନକୁ ଦେଇଯାଇଛନ୍ତି। କିଛି ମାସ ଧରି ଏହି ଯୁଦ୍ଧ ଚାଲୁ ରହିପାରେ। ଏପରିକି ୟୁରୋପୀୟ ୟୁନିଅନ୍ ମଧ୍ୟ ଏହି ଯୁଦ୍ଧକୁ ଚାଲୁ ରଖିବାଲାଗି ଯୁଦ୍ଧାସ୍ତ୍ର ସହାୟତା ମଧ୍ୟ ୟୁକ୍ରେନକୁ କରିପାରନ୍ତି। କାରଣ ଅତୀତ ବର୍ଷମାନଙ୍କରେ ଟ୍ରମ୍ପଙ୍କ ସହ ୟୁରୋପୀୟ ରାଷ୍ଟ୍ରଗୁଡିକର ସଂପର୍କ ସେମିତି ଭଲ ନଥିଲା। ନାଟୋ ମାମଲାରେ ଦୁଇପକ୍ଷ ଅତୀତ ବର୍ଷମାନଙ୍କ ପରି ଆଗାମୀ ଦିନରେ ମୁହାଁମୁହିଁ ହେବାର ସମ୍ଭାବନା ରହିଛି। ଏହାଛଡା ଏଚ୍-୧ ବି ଭିସା ମାଧ୍ୟମରେ ଆମେରିକାକୁ ଯାଉଥିବା ଲୋକେ ୬ବର୍ଷ ପାଇଁ କାର୍ଯ୍ୟ କରିବାର ନିୟମ ଥିଲେ ମଧ୍ୟ ଗ୍ରୀନ କାର୍ଡ ମାଧ୍ୟମରେ ଅଧିକ ବର୍ଷ ରହିବାକୁ ଲୋକେ ଚେଷ୍ଟା କରି ଆଇ-୧୪୦ ମାଧ୍ୟମରେ ସ୍ଥାୟୀ ବାସିନ୍ଦା ହେବା ପାଇଁ ପ୍ରୟାସ କରୁଛନ୍ତି, ଯାହାକୁ ଟ୍ରମ୍ପ ପସନ୍ଦ କରୁନାହାନ୍ତି। ତାଙ୍କ କହିବା କଥା ହେଲା ବିଦେଶରୁ ଆସୁଥିବା ଲୋକଙ୍କ ମଧ୍ୟରୁ ୬୨ ପ୍ରତିଶତ ସ୍ଥାନୀୟ ଲୋକେ ପାଉଥିବା ବେତନଠାରୁ କମ୍ ପାଉଛନ୍ତି। କମ୍ପାନୀମାନେ ସ୍ଥାନୀୟ ଲୋକ ନିର୍ଦ୍ଦିଷ୍ଟ ଚାକିରୀ ପାଇଁ ନଥିବାର ଦର୍ଶାଇବା ପରେ ବିଦେଶୀ କର୍ମଚାରୀମାନଙ୍କୁ ଗ୍ରହଣ କରିବା ଦରକାର ବୋଲି ଟ୍ରମ୍ପଙ୍କ ମତ। ଆମେରିକାରୁ ବେରୋଜଗାରୀ ହ୍ରାସ କରିବା ହେଉଛି ଟ୍ରମ୍ପଙ୍କ ଲକ୍ଷ୍ୟ। କମ୍ପାନୀମାନେ ସ୍ଥାନୀୟ ଲୋକଙ୍କ ପାଇଁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରନ୍ତୁ ବୋଲି ଟ୍ରମ୍ପ କହୁଛନ୍ତି। ତାଙ୍କ ମତରେ ଆମେରିକାରେ ବେରୋଜଗାରୀ ବଢୁଥିଲାବେଳେ କମ୍ପାନୀମାନେ ନିଜ ଫାଇଦା ପାଇଁ ଅଳ୍ପ ଦରମାରେ ବିଦେଶୀ ଲୋକଙ୍କୁ ନିଯୁକ୍ତି ଦେଉଛନ୍ତି ଯାହା ବନ୍ଦ ହେବା ଦରକାର। କାରଣ କର୍ମଚାରୀମାନଙ୍କୁ ଏଚ୍-୧ବି ଭିସା ମାଧ୍ୟମରେ ଆମେରିକାକୁ ଆଣିବା ପରେ ସେମାନଙ୍କୁ ସ୍ଥାୟୀ ବାସିନ୍ଦା କରିବାକୁ ସମସ୍ତ ପ୍ରକାର ସୁବିଧା ସହଯୋଗ କମ୍ପାନୀମାନେ ଯୋଗାଇ ଦେଉଛନ୍ତି। ଏସବୁ ସତ୍ତ୍ୱେ ଭାରତୀୟଙ୍କ ଭରସା ଟ୍ରମ୍ପଙ୍କ ଉପରୁ କମିନାହିଁ। ନିକଟରେ ପିୟୁ ତରଫରୁ ଅନେକ ଦେଶରେ ଟ୍ରମ୍ପଙ୍କ ଉପରେ ଭରସାକୁ ନେଇ ଯେଉଁ ସର୍ବେକ୍ଷଣ ହୋଇଥିଲା ସେଥିରେ ଜଣାପଡିଛି ଯେ ସର୍ବାଧିକ ୮୫ପ୍ରତିଶତ ଭାରତୀୟଙ୍କର ଟ୍ରମ୍ପଙ୍କ ଉପରେ ଭରସା ରହିଛି। ସେମାନେ କହିଛନ୍ତି ଯେ ଟ୍ରମ୍ପଙ୍କ କାର୍ଯ୍ୟ ସେମାନଙ୍କ ସପକ୍ଷରେ ରହିବ। ଭାରତ ଏବଂ ଭାରତୀୟଙ୍କ ପ୍ରତି ଟ୍ରମ୍ପଙ୍କ ଶ୍ରଦ୍ଧା ଅତୀତ ଦିନମାନଙ୍କରେ ରହିଆସିଛି, ଯାହା ଆଗାମୀ ଦିନରେ ମଧ୍ୟ ରହିବ ବୋଲି ଆଶା ରହିଛି।

୨୦ ଜାନୁଆରୀ ୨୦୨୫ରେ ଆମେରିକାର ୪୭ତମ ନବ ନିର୍ବାଚିତ ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ଶାସନ ଦାୟିତ୍ୱ ଗ୍ରହଣ କଲାପରେ ବିଶ୍ୱରାଜନୀତିରେ କେତେକ ପରିବର୍ତ୍ତନ ଆସିବ ବୋଲି କୁହାଯାଉଛି। କାରଣ ନିଜ ନିର୍ବାଚନ ପ୍ରଚାର କାଳରେ ଜୋ ବାଇଡେନଙ୍କ ସରକାରର ଅନେକ ନୀତିକୁ ଟ୍ରମ୍ପ ବିରୋଧ କରିଥିଲେ। ତଦନୁଯାୟୀ କ୍ଷମତାକୁ ଆସିଲାପରେ ସେ ବାଇଡେନଙ୍କ ନୀତିକୁ ବଦଳାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏବେ ଆମେରିକାର ବିଶ୍ୱନୀତି ବଦଳିବା ସହ ଭାରତ ପ୍ରତି ଦୃଷ୍ଟିକୋଣ ବଦଳିବ ବୋଲି କୁହାଯାଉଛି। ବାଇଡେନଙ୍କ ସମର୍ଥକ କଂଗ୍ରେସ ଦଳ ଭାରତରେ ପ୍ରଚାର କଲା ଯେ ଟ୍ରମ୍ପଙ୍କ ଶପଥ ଗ୍ରହଣ ଉତ୍ସବକୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନିମନ୍ତ୍ରଣ କରାଗଲା ନାହିଁ। କିନ୍ତୁ ବିଦେଶ ନୀତି ସଂପର୍କରେ ଧାରଣା ଥିବା ଲୋକ କହିବ ଯେ ଟ୍ରମ୍ପ କାହିଁକି ମୋଦୀଙ୍କୁ ନିମନ୍ତ୍ରଣ କଲେ ନାହିଁ। ପ୍ରୋଟୋକଲ ଅନୁଯାୟୀ ଅନ୍ୟ ରାଷ୍ଟ୍ରର ଶପଥ ଗ୍ରହଣ ଉତ୍ସବକୁ ରାଷ୍ଟ୍ରର ଶାସନମୁଖ୍ୟ ସବୁବେଳେ ଯିବାର ନଜିର ନାହିଁ। ଅନ୍ୟମନ୍ତ୍ରୀ ଏବଂ ବିଦେଶମନ୍ତ୍ରୀ ମଧ୍ୟ ସେସବୁ ଉତ୍ସବରେ ରାଷ୍ଟ୍ରର ପ୍ରତିନିଧି ଭାବେ ଯୋଗଦାନ କରିଥାନ୍ତି। ଆଗାମୀ ଦିନରେ ରୁଷିଆର ରାଷ୍ଟ୍ରପତି ପୁତିନ ଭାରତକୁ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଥିବା ହେତୁ ଭାରତ ତାଙ୍କ ଗସ୍ତର ଗୁରୁତ୍ୱକୁ ହ୍ରାସ କଲାପରି କୌଣସି କାର୍ଯ୍ୟ କରିବ ନାହିଁ। ବ୍ରିକ୍ସ, ସାଂଘାଇ ଅର୍ଗାନାଇଜେସନ ଗୋଷ୍ଠୀରେ ଥିବା ଭାରତ ପ୍ରତି ରୁଷିଆର ଦୃଷ୍ଟିକୋଣ ପାକ୍-ଚୀନ ତୁଳନାରେ ଭିନ୍ନ ରହିଛି। ଅତୀତରେ ରୁଷିଆ ଅନେକ କ୍ଷେତ୍ରରେ ଭାରତକୁ ଆନ୍ତର୍ଜାତିକ କ୍ଷେତ୍ରରେ ସହଯୋଗ କରିଆସିଛି। ତେଣୁ ଟ୍ରମ୍ପ ମୋଦୀଙ୍କୁ ନିମନ୍ତ୍ରଣ ଦେଇଥିଲେ ମଧ୍ୟ ମୋଦୀ ଯିବାର ସମ୍ଭାବନା ନଥିଲା। କାରଣ ଚଳିତ ବର୍ଷ ଭାରତରେ କ୍ୱାଡ ଗୋଷ୍ଠୀର ବୈଠକ ହେବାର ରହିଥିବା ହେତୁ ଟ୍ରମ୍ପ ଭାରତକୁ ଗସ୍ତରେ ଆସିବେ। ତା ପୂର୍ବରୁ ପୁତିନ ଭାରତଗସ୍ତ କରିସାରିଥିବେ।

ଟ୍ରମ୍ପ ଶାସନ ଦାୟିତ୍ୱ ଗ୍ରହଣ କଲାପରେ ନିଜ ପ୍ରତିଶ୍ରୁତି ଅନୁଯାୟୀ ଦେଶର ଦକ୍ଷିଣରେ ଥିବା ମେକ୍ସିକୋ ସୀମାରେ ଜରୁରୀ ପରିସ୍ଥିତି ଜାରି କରିଛନ୍ତି। ଫଳରେ ସୀମା ନିକଟରେ ସଂଖ୍ୟାଧିକ ଲୋକଙ୍କ ମେଳକୁ ବିରୋଧ କରି ଗୁଳି କରାଯିବ। ଅନୁପ୍ରବେଶର ଏହି ମାର୍ଗକୁ ବନ୍ଦ କରିବାକୁ ଆଗାମୀ ଦିନରେ ଇସ୍ରାଏଲ ଢାଞ୍ଚାରେ ଢଳେଇ ପ୍ରାଚୀର ନିର୍ମାଣ କରିବାକୁ ଟ୍ରମ୍ପ ଲକ୍ଷ୍ୟ ରଖିଛନ୍ତି। ଫଳରେ ଭାରତରୁ ଏହି ମାର୍ଗ ଦେଇଯାଉଥିବା ଲୋକଙ୍କ ସଂଖ୍ୟା ହ୍ରାସ ପାଇବ। ଏହାଛଡା କାନାଡାବାସୀଙ୍କୁ ମଧ୍ୟ ଟ୍ରମ୍ପ ନିୟନ୍ତ୍ରିତ କରିବାକୁ ଘୋଷଣା କରିଛନ୍ତି। ଫଳରେ କାନାଡା ପଟରୁ ଆମେରିକାକୁ ଅନପ୍ରବେଶ ହ୍ରାସ ପାଇବ। ଏହି ଚୋରାବାଟ ଦେଇ ଅନେକ ଭାରତୀୟ ପ୍ରଥମେ କାନାଡା ଯାଇ ସେଠାରୁ ଆମେରିକାକୁ ଦଲାଲଙ୍କ ମାଧ୍ୟମରେ ପ୍ରବେଶ କରୁଥିଲେ। ଏହାଛଡା ଟ୍ରମ୍ପଙ୍କ ନାଗରିକତା ନୀତି ଅନୁଯାୟୀ ଜନ୍ମ ମାଧ୍ୟମରେ ଶିଶୁମାନେ ଆଗାମୀ ଦିନରେ ନାଗରିକତ୍ୱ ଦାବି କରିପାରିବେ ନାହିଁ। ସେହିପରି ଯେଉଁ ଭାରତୀୟ ଚାକିରୀ ଭିସା ନେଇ ଆମେରିକାକୁ ଏଚ-୧ ବି ଭିସାରେ ଯାଉଥିଲେ କିମ୍ବା ଯେଉଁମାନେ ଗ୍ରୀନ କାର୍ଡ ଅପେକ୍ଷାରେ ରହିଛନ୍ତି, ସେମାନେ ମଧ୍ୟ ଆମେରିକାର ନାଗରିକତ୍ୱ ହାସଲ କରିପାରିବେ ନାହିଁ। ୨୧ ଜାନୁଆରୀ ଦିନ ଟ୍ରମ୍ପ ଏ ସଂପର୍କରେ ଏକ କାର୍ଯ୍ୟନିର୍ବାହୀ ଆଦେଶ ଜାରି କରିଛନ୍ତି। ଯଦି ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରୁ ଜଣେ ଆମେରିକାର ସ୍ଥାୟୀ ବାସିନ୍ଦା ହୋଇଥିବେ କିମ୍ବା ସେନାରେ ଚାକିରୀ କରିଥିବେ ତେବେ ସେମାନଙ୍କ ପିଲା ସେଠାରେ ନାଗରିକତ୍ୱ ଲାଭ କରିପାରିବେ। ୧୮୬୮ରୁ ଆମେରିକାରେ ଜନ୍ମ ଆଧାରରେ ନାଗରିକତା ମିଳି ଆସୁଥିଲା। ଟ୍ରମ୍ପଙ୍କ ଏହି ଆଦେଶ ଯୋଗୁ ଆମେରିକାରେ ରହୁଥିବା ୪୮ଲକ୍ଷ ଭାରତୀୟ ପ୍ରଭାବିତ ହେବେ। ଅନେକ ଭାରତୀୟ ଲୋକ ଆମେରିକାର ଗ୍ରୀନକାର୍ଡ ପାଇବା ଆଶାରେ ରହିଛନ୍ତି। ସେମାନଙ୍କୁ ମଧ୍ୟ ନିରାଶ ହେବାକୁ ପଡିବ। ଯେଉଁମାନେ ଜନ୍ମ- ପର୍ଯ୍ୟଟନ ଆଧାରରେ ଆମେରିକା ଗସ୍ତ କରୁଥିଲେ ସେମାନଙ୍କ ରାସ୍ତା ବନ୍ଦ ହୋଇଯିବ। ଯେଉଁ ଭାରତୀୟ ଛାତ୍ରଛାତ୍ରୀ ଏଫ-୧ ବି ଭିସାରେ ଆମେରିକାକୁ ଯାଇ ରହୁଥିଲେ ସେମାନେ ମଧ୍ୟ ନିଜ ପିଲାଙ୍କୁ ସେଠାରେ ନାଗରିକତ୍ୱ ପ୍ରଦାନ ପାଇଁ ଦାବି କରିପାରିବେ ନାହିଁ। ଟ୍ରମ୍ପଙ୍କ ଏହି ନୀତିକୁ ବିରୋଧ କରାଯାଇ ଭିନ୍ନ ଭିନ୍ନ ରାଜ୍ୟରେ ମାମଲାମାନ ଦାଖଲ ହେବା ପରେ କୋର୍ଟ ଟ୍ରମ୍ପଙ୍କ ଆଦେଶ ଉପରେ କଟକଣା ଜାରି କରିଛନ୍ତି। ଟ୍ରମ୍ପଙ୍କ ଏହି ନୀତି ଯୋଗୁ ଭାରତ-ଆମେରିକା ବନ୍ଧୁତା ପ୍ରଭାବିତ ହେବା ସହ ଆମେରିକା ପ୍ରତି ଆକର୍ଷଣ ମଧ୍ୟ ହ୍ରାସ ପାଇବ।

ୱାସିଂଟନ ଡିସିର କ୍ୟାପିଟାଲ ୱାନ୍ ଏରେନାଠାରେ ବକ୍ତବ୍ୟ ଦେଇ ଟ୍ରମ୍ପ ୧୯ ଜାନୁଆରୀ ଦିନ ଘୋଷଣା କରିଥିଲେ ଯେ ଆମେରିକାକୁ ପୁନର୍ବାର ଶ୍ରେଷ୍ଠ ରାଷ୍ଟ୍ର କରି ଗଢି ତୋଳିବେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରୁ ଆମେରିକା ବାହାରି ଯିବା ଦ୍ୱାରା ଏହି ସଂଗଠନର ଆର୍ଥିକ ବ୍ୟବସ୍ଥା ଦୁର୍ବଳ ହୋଇପାରେ। ସେ କ୍ଷେତ୍ରରେ ଚୀନ, ଭାରତପରି ରାଷ୍ଟ୍ରଗୁଡିକର ମହତ୍ୱ ବଢିବାର ସମ୍ଭାବନା ରହିଛି। ଆମେରିକାର ସେନା ବାହିନୀରେ ଥିବା ମୌଳବାଦୀ ବିଚାରକୁ ନଷ୍ଟ କରିବା ପାଇଁ ଟ୍ରମ୍ପ ଘୋଷଣା କରିଛନ୍ତି। ଯଦ୍ୱାରା ଭାରତର ଲାଭ ହୋଇପାରେ। କାରଣ ଇରାନ ଉପରେ ଏକ ସଂଗଠିତ ଆକ୍ରମଣ କରିବା ପାଇଁ ଇସ୍ରାଏଲର ନେତାନ୍ୟାହୁ ସରକାର ଯେଉଁ ଯୋଜନା ବାଇଡେନଙ୍କ ସରକାରକୁ ପୂର୍ବରୁ ଜଣାଇଥିଲେ ତାକୁ ଜଣେ ଆମେରିକୀୟ ମୁସଲିମ ସିଆଇଏ ଏଜେଣ୍ଟ ଇରାନ ସରକାରଙ୍କୁ ଯୋଗାଇ ଦେବା ଫଳରେ ଆକ୍ରମଣ ପୂର୍ବରୁ ଇରାନ ସରକାର ସାଧାରଣରେ ସେହି ଯୋଜନାକୁ ପ୍ରକାଶକରି ଦେଇଥିଲେ। ଯଦ୍ୱାରା ଇସ୍ରାଏଲ ସରକାର ଇରାନ ଉପରେ ଆକ୍ରମଣ କାର୍ଯ୍ୟକ୍ରମକୁ ବନ୍ଦ କରିବାକୁ ବାଧ ହୋଇଥିଲେ। ଫଳରେ ଆମେରିକାର ଏହି ବିଶ୍ୱାସଘାତୀ କାର୍ଯ୍ୟକୁ ଇସ୍ରାଏଲ ସରକାର ଯେପରି ଆଗାମୀ ଦିନରେ ଭୁଲିବେ ନାହିଁ, ସେମିତି ଭାରତ ସମେତ ଅନେକ ରାଷ୍ଟ୍ର ଆମେରିକାକୁ ଗୋପନୀୟ ତଥ୍ୟ ପ୍ରଦାନ କରିବାକୁ ସଂକୋଚ କରିବେ, ଯାହାକି ଦୁଇଦେଶ ମଧ୍ୟରେ ପୂର୍ବର ବୁଝାମଣାକୁ ପ୍ରଭାବିତ କରିବ।


ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩


## ଓଡ଼ିଶାର କୃଷକ ବର୍ଗ ଓ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା



### ବାଦଲ ଭୂୟାଁ

ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। କୃଷି ସହ ଅନ୍ୟାନ୍ୟ ପନିପରିବା ସହ ଗୋ ପାଳନ ହେଉଛି ଅନେକ ଚାଷ ଉପରେ ନିର୍ଭରଶୀଳ ବର୍ଗଙ୍କ ରୋଜି ରୋଟି କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଶା ପରି କୃଷି ପ୍ରଧାନ ରାଜ୍ୟ ଅନେକ ସମୟରେ ସଫଳ ଚାଷ ବାସ ପାଇଁ କେନ୍ଦ୍ର ସରକାରଙ୍କ ଠାରୁ ମଧ୍ୟ ପୁରସ୍କୃତ ହୋଇଛନ୍ତି। ଆମର ଅଧିକାଂଶ ଚାଷୀ କ୍ଷୁଦ୍ର ଓ ମଧ୍ୟମ ଅଥବା ଭୂମିହୀନ ବର୍ଗର ଅଛନ୍ତି। କୃଷକମାନଙ୍କ ରୋଜଗାର ବୃଦ୍ଧି ପାଇଁ ସେମାନଙ୍କ ଆର୍ଥିକ ସ୍ୱଚ୍ଛଳତା ସକାଶେ ପଶୁ ପାଳନ ସବୁଠାରୁ ଭଲ ମାଧ୍ୟମ। କୃଷି କାର୍ଯ୍ୟ ସହିତ ଗାଇ, ଛେଳି, ମେଣ୍ଢା ଓ ମାଛ ଚାଷ ଆଦି କାର୍ଯ୍ୟରେ ସମ୍ପୃକ୍ତ ରହିଲେ ସେମାନେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ନିକଟରେ ପ୍ରାଣୀ ଚିକିତ୍ସା ବୈଷୟିକ କ୍ଷେତ୍ର ଅନୁଷ୍ଠାନର ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଓ ରାଜ୍ୟର ପ୍ରାଣୀ ସମ୍ପଦର ବିକାଶ କ୍ଷେତ୍ରରେ ପ୍ରାଣୀ ଚିକିତ୍ସା ବିଭାଗର କର୍ମଚାରୀ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ବିଶେଷ କରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରାଣୀଧନ ନିରୀକ୍ଷକ ଓ ବିଭାଗୀୟ ଅନ୍ୟ କର୍ମଚାରୀମାନେ ନିରନ୍ତର ଭାବେ ପ୍ରାଣୀ ସେବା ଯୋଗାଇଥାନ୍ତି। ଆମର ଏହି ବିଭାଗର କର୍ମଚାରୀମାନଙ୍କ ରୋଜଗାର ବୃଦ୍ଧି ପାଇଁ ଖୁବ ସହାୟକ ହୋଇଥାଏ। ପ୍ରାଣୀ ପାଳନ ମନୁଷ୍ୟ ସମାଜର ସବୁଠାରୁ ପୁରାତନ ଜୀବିକା। ଆଜି ସମୟ ବଦଳି ଯାଇଛି। ମଣିଷ ସମାଜ ବର୍ତ୍ତମାନ ବିଭିନ୍ନ ପ୍ରକାର ବୃତ୍ତିଗତ ବ୍ୟବସାୟରେ ଜଡ଼ିତ ହୋଇ ଆଗକୁ ବଢୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଉପସ୍ଥିତ କର୍ମଚାରୀମାନଙ୍କୁ ଉତ୍ସାହିତ କରି କହିଥିଲେ, ଆପଣମାନେ ଆପଣଙ୍କ ବୃତ୍ତିକୁ ଏକ ସାଧାରଣ ଚାକିରି ବୋଲି ଭାବନ୍ତୁ ନାହିଁ। ଆପଣମାନଙ୍କ ଜ୍ଞାନ ଯେପରି ଲୋକଙ୍କ ଉପକାରରେ ଆସିବ, ସେମାନେ ଯେପରି ପଶୁ ପାଳନ ବୃତ୍ତିକୁ ଏକ ଲାଭଜନକ ତଥା ସମ୍ମାନଜନକ ବୃତ୍ତି ଭାବେ ଗ୍ରହଣ କରିବେ ସେଥିପାଇଁ ଉଦ୍ୟମ କରନ୍ତୁ। ଆପଣମାନେ ସରକାରଙ୍କ ଯୋଜନାକୁ ଲୋକଙ୍କ ପାଖେ ପହଞ୍ଚାନ୍ତୁ ଏବଂ ସେମାନଙ୍କୁ ଏ ଦିଗରେ ପ୍ରୋତ୍ସାହିତ କରନ୍ତୁ। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାଣୀ ପାଳନ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଅନେକ ସହାୟତା ଓ ରିହାତିର ବ୍ୟବସ୍ଥା କରାଯାଇଛି। ଆମ ଯୋଜନା ସଠିକ ଭାବେ କାର୍ଯ୍ୟକାରୀ ହେଲେ ସାଧାରଣ ଲୋକ ଓ ଯୁବ ବର୍ଗ ଏ କ୍ଷେତ୍ରରେ ପ୍ରତି ଅଧିକ ଆକର୍ଷିତ ହେବେ।

ପ୍ରାଣୀ ସମ୍ପଦର ବିକାଶ ପାଇଁ ଚଳିତ ବର୍ଷ ବଜେଟରେ ୬୯୭ କୋଟି ଟଙ୍କା ରଖାଯାଇଛି। ଆମ ନୂଆ ସରକାରଙ୍କ ଦ୍ୱାରା ନୂତନ ଯୋଜନା ମଧ୍ୟ ଆରମ୍ଭ ହେବାକୁ ଯାଇଛି। ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଓ ପ୍ରାଣୀ ସମ୍ପଦ ବିଭାଗର ବିଭାଗ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ତେବେ ଓଡ଼ିଶା ଗୋପାଳନ କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ସପ୍ତମ ସ୍ଥାନରେ ରହିଥିବା ବେଳେ ଅଧିକ ଦୁଗ୍ଧ ଦେଉଥିବା ଗାଈ ସ୍ୱତନ୍ତ୍ର ଭାବେ ପାଳନ କରାଯାଇ ରାଜ୍ୟରେ କାମଧେନୁ ଯୋଜନାକୁ ଆଗେଇ ନେବା ପାଇଁ ଗ୍ରାମାଞ୍ଚଳର ବିଶେଷକରି ଯୁବ ବର୍ଗମାନେ ଆଜିକାଲି ବିଭିନ୍ନ ଫାର୍ମ ହାଉସ ତିଆରି କରି ଏ ନେଇ ସରକାରୀ ସହାୟତା ମଧ୍ୟ ପାଉଛନ୍ତି। ସେହିପରି କେନ୍ଦ୍ରୀୟ ସହାୟତା ସହ ବିଭିନ୍ନ ବ୍ୟାଙ୍କିଙ୍ଗ ସେକ୍ଟର ଋଣ, ସବସିଡି ଓ ଅନ୍ୟାନ୍ୟ ସହାୟତା ମଧ୍ୟ କରୁଛନ୍ତି। ଓଡ଼ିଶାରେ ଗୋପାଳନ ବ୍ୟବସ୍ଥା ଆଗଉଥିବାବେଳେ ଏଥିରେ ସଫଳତା ମଧ୍ୟ ଅଧିକ ମିଳୁଛି। ଆମ ହିନ୍ଦୁ ଓ ସନାତନ ସଂସ୍କୃତିରେ ଗୋପାଳନକୁ ଗୋ ସେବା ଭାବେ ଗ୍ରହଣ କରାଯାଏ। ଗୋଟିଏ ପରିବାର ପାଇଁ ଗୋଟିଏ ଗାଈ ଅତ୍ୟନ୍ତ ମୂଲ୍ୟବାନ କାରଣ ଗାଈର କ୍ଷୀର ଠାରୁ ଗୋବର ପର୍ଯ୍ୟନ୍ତ ମାନବ ସମାଜ ପାଇଁ ଅନେକ କାର୍ଯ୍ୟରେ ଲାଗିଥାଏ। ସେହିପରି ଅନେକ ଦରିଆପାରି ତଥା ସ୍ୱେଚ୍ଛାସେବୀ ସଙ୍ଗଠନ ଗୋପାଳନ ପାଇଁ ସ୍ୱତନ୍ତ୍ର ସହାୟତା ମଧ୍ୟ ପ୍ରଦାନ କରୁଛନ୍ତି। ବଡ଼ ଖୁସିର କଥା ଓଡ଼ିଶାର ନବଗଠିତ ମୋହନ ସରକାର ରାଜ୍ୟରେ ବ୍ୟାପକ ଗୋଶାଳା ପାଇଁ ବ୍ୟାପକ ଅନୁଦାନର ଘୋଷଣା ଚଳିତ ବଜେଟରେ କରଛନ୍ତି। ଓଡ଼ିଶା ପରି ଏକ କୃଷି ପ୍ରଧାନ ରାଜ୍ୟରେ ଗୋପାଳନ ରାଜ୍ୟର କୃଷି ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ବିଶେଷକରି ଅତି ଗରିବ ପରିବାର ମଧ୍ୟ ଏଥିରୁ ବ୍ୟାପକ ଭାବେ ଲାଭବାନ ହୋଇପାରିବେ ଏବଂ ଏହା ସ୍ୱାବଲମ୍ବନର ଏକ ବନ ସୁଯୋଗ ମଧ୍ୟ ସୃଷ୍ଟି କରିବ। ରାଜ୍ୟର ବିକାଶ ତଥା ଅଭିବୃଦ୍ଧିରେ ଗୋପାଳନ ବ୍ୟବସ୍ଥାରେ ସରକାରଙ୍କ କାମଧେନୁ ଯୋଜନା ନିଶ୍ଚିନ୍ତ ଭାବେ ପ୍ରୋତ୍ସାହନ ଯୋଗାଇବ ଏବଂ ଏହା ଏକ ପ୍ରଶଂସନୀୟ ତଥା ଦୂରଦୃଷ୍ଟି ସମ୍ପନ୍ନ ଯୋଜନା କହିଲେ ଅତ୍ୟୁକ୍ତି ହେବନାହିଁ।

> ପ୍ରାଣୀ ସମ୍ପଦର ବିକାଶ ପାଇଁ ଚଳିତ ବର୍ଷ ବଜେଟରେ ୬୯୭ କୋଟି ଟଙ୍କା ରଖାଯାଇଛି। ଆମ ନୂଆ ସରକାରଙ୍କ ଦ୍ୱାରା ନୂତନ ଯୋଜନା ମଧ୍ୟ ଆରମ୍ଭ ହେବାକୁ ଯାଇଛି। ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଓ ପ୍ରାଣୀ ସମ୍ପଦ ବିଭାଗର ବିଭାଗ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ତେବେ ଓଡ଼ିଶା ଗୋପାଳନ କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ସପ୍ତମ ସ୍ଥାନରେ ରହିଥିବା ବେଳେ ଅଧିକ ଦୁଗ୍ଧ ଦେଉଥିବା ଗାଈ ସ୍ୱତନ୍ତ୍ର ଭାବେ ପାଳନ କରାଯାଇ ରାଜ୍ୟରେ କାମଧେନୁ ଯୋଜନାକୁ ଆଗେଇ ନେବା ପାଇଁ ଗ୍ରାମାଞ୍ଚଳର ବିଶେଷକରି ଯୁବ ବର୍ଗମାନେ ଆଜିକାଲି ବିଭିନ୍ନ ଫାର୍ମ ହାଉସ ତିଆରି କରି ଏ ନେଇ ସରକାରୀ ସହାୟତା ମଧ୍ୟ ପାଉଛନ୍ତି।


୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭-
ଏକ୍ସଟେନସନ ରୋଡ଼, ପୁରୁଣା
ସୋନାରୀ, ଜାମସେଦପୁର,
ମୋ: ୯୨୦୪୬୫୨୦୬୫


## କବିତା କୋଣାର୍କ

### ମୋନାଲିସା
### ତାରାପ୍ରସାଦ ଜେନା



ମୋନାଲିସା ମୋନାଲିସା
ଦନ୍ତ ପଂକ୍ତି ସତେ ଶତଦଳ ମଲ୍ଲୀ
ଆଚମ୍ବିତ ଦରହସା
ମୋନାଲିସା ମୋନାଲିସା .... !

ଆକାଶୀ ଶାଢ଼ିରେ ତାରା କୋଟି କମ
ଝଲସୁଛ ପତିଆରା
ସୋରା ସୋରା ମାଳି ଗହଣାଠୁ ବଳି
ଦେବୀ ମେଢ଼ ଦଶହରା,
ଖୁଣିବାକୁ ବିଧି କିଛି ଛାଡ଼ିନାହିଁ
ଅନାହତ ମଦାଳସା
ମୋନାଲିସା ମୋନାଲିସା .... !

ରମ୍ଭା ମେନକାର ରୂପରୁ ବଳକା
ଉର୍ବଶୀର ଅପାସଙ୍ଗ
ନୀଳ ଚକ୍ଷୁ ସ୍ଥୁରେ ସଖୀ ସମାଦର
ଭାବନାର ଅନ୍ତରଙ୍ଗ
ପାହାନ୍ତି ନିଦରେ ସ୍ୱପନର ପରୀ
ପ୍ରଣୟର ପରିଭାଷା
ମୋନାଲିସା ମୋନାଲିସା .... !
ଝଝଝଝଝଝଝଝଝଝଝଝଝଝଝଝ


ରାଜ ରଣପୁର, ଜିଲ୍ଲା-ନୟାଗଡ଼
ପିନ୍-୭୫୨୦୨୬, ଓଡ଼ିଶା
ମୋ:୯୩୪୮୦୫୪୩୦୦




### ଆଲୁଅ ଅନ୍ଧାର
### ହରେରାମ ପଣ୍ଡା



କିଏ ନ ଦେଖିଛି ସାଗର ବୁକୁରେ
ଲକ୍ଷେ ବିଚିର ଉଦ୍ ବେଳନ ।
ଥରୁଟିଏ କେହି ପାରିଛି କି ବୁଝି
ତା ଛାତି ତଳର ଆବେଦନ ।।
ଶରତ ଜହ୍ନର ରଜତ ମାୟାରେ
ପ୍ରୀତିଭିଜା ନୀଳ ନିମନ୍ତ୍ରଣ ।
କିଏ ବା ଜାଣିଛି କାହିଁକି କେଜାଣି
ଭିଜାଏ କଇଁର ତନୁମନ ।।
ନିରବ ଆକାଶ ଭସାଣି ମେଘର
କି ଯେ ମନଛୁଆଁ ଆଲୋଡନ ।
ପାହାଡ଼ ଶିଖରେ ମୟୂରୀ ନୃତ୍ୟରେ
ହଜି ନାହିଁ ଥରେ କାହା ମନ ?
ନିଜ ବାଟ ଖୋଜି ବହିଯାଏ ନଈ
ସାଗରରେ ଥରେ ମିଶିବାକୁ ।
ଚାଲିଛି ଚାଲିଛି ଆଗକୁ ଆଗକୁ
ଚାହେଁନି ଅଟକି ରହିବାକୁ ।।
ଝରା ଶେଫାଳିର ସ୍ନିଗ୍ଧ ମହକରେ
କାହା ମନ ଥରେ ହଜି ନାହିଁ ?
ଥରୁଟେ ତା ମନ ତଳର ବ୍ୟଥାକୁ
କେହି ବି ପଚାରି ବୁଝିନାହିଁ ।।
ଋତୁ ପରେ ଋତୁ ବଦଳି ଚାଲିଛି
ରଙ୍ଗ ବଦଳୁଛି ପ୍ରକୃତିର ।
କାହାପାଇଁ ଆସେ ପୁନେଇଁର ଜହ୍ନ
କାହାପାଇଁ ଆସେ ଅନ୍ଧକାର ।।


ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
କୁଆଁସ, ମେରଦା
କାଟିଆଛକ, ଯାଜପୁର
ମୋ: ୯୪୩୮୦୬୫୧୯୫




ସିନେମା ଓ ମନୋରଂଜନର ଫର୍ଦ୍ଦ

# ଧ୍ୱନି ପ୍ରତିଧ୍ୱନି

୫ | ଶୁକ୍ରବାର, ୩୧ ଜାନୁଆରୀ ୨୦୨୫


# ବଦଳିଗଲା ମୋନାଲିସାଙ୍କ ଲୁକ୍: ସଟ୍ ବଡିକନ୍ ଡ୍ରେସ୍‌ରେ ଜଲୱା



ସୋସିଆଲ ମିଡିଆର କେତେ ଶକ୍ତି, ତାହା ବର୍ତ୍ତମାନ କହିବାର କୌଣସି ଆବଶ୍ୟକତା ନାହିଁ। ନିଜର ହିଡେନ୍ ଟାଲେଣ୍ଟକୁ ସୋସିଆଲ ମିଡିଆରେ ଆଣି ଅନେକ ଲୋକ ପ୍ରସିଦ୍ଧ ହୋଇଛନ୍ତି। ଡିଞ୍ଚେକ୍ ପୂଆ, ରାନୁ ମଣ୍ଡଳ, ଭଡା ପାଓ୍ୱ ଗର୍ଲ ଠାରୁ ଆରମ୍ଭ କରି ଆଇଟି ବାବା ପର୍ଯ୍ୟନ୍ତ ଏପରି ଅନେକ ନାଁ ଅଛି ଯେଉଁମାନେ ସୋସିଆଲ ମିଡିଆ ଦ୍ୱାରା ରାତାରାତି ତାରକା ହୋଇଯାଇଛନ୍ତି। ମହାକୁମ୍ଭ ୨୦୨୫ରେ ବିଭିନ୍ନ ବାବାମାନଙ୍କ ବ୍ୟତୀତ ସବୁଠାରୁ ଯିଏ ଅଧିକ ଚର୍ଚ୍ଚାରେ ରହିଛି ସେ ଇନ୍ଦୋରର ମହେଶ୍ୱର ଗାଁରେ ରହୁଥିବା ମୋନାଲିସାଙ୍କ ବ୍ୟତୀତ ଆଉ କେହି ନୁହଁନ୍ତି। ମାଳା ବିକ୍ରି କରିବା ପାଇଁ ମୋନାଲିସା କୁମ୍ଭମେଳାକୁ ଯାଇଥିଲେ। ଏହାର ଏକ ଭିଡିଓ ଭାଇରାଲ ହେବା ପରେ ସୋସିଆଲ ମିଡିଆରେ ସେ ଏକ ନୂଆ ସେନ୍‌ସେସନ ହୋଇଥିଲେ। ବର୍ତ୍ତମାନ ଆଉ ଏକ ଭିଡିଓ ଭାଇରାଲ୍ ହେଉଛି, ଯେଉଁଥିରେ ମୋନାଲିସାଙ୍କ ଲୁକ୍ ବଦଳିଯାଇଥିବାର ଦେଖାଯାଉଛି।

ନୀଳ ନୀଳ ନିଶାଳିଆ ଆଖି... ଆଖିର ଚାହାଣୀ... ଗୋଲାପ ପାଖୁଡା ପରି ଓଠ ସହିତ ଦେଶୀ ଲୁକ୍‌ରେ ହାତରେ ଭିନ୍ନ ଭିନ୍ନ ମାଳା ଧରିଥିବା ମୋନାଲିସାର ସରଳ ଲୁକ୍ ସୋସିଆଲ ମିଡିଆରେ ଚହଳ ଖେଳାଇ ଦେଇଥିଲା। ତାଙ୍କ ପଛରେ ଲାଗିଯାଇଛି ଶ୍ୟାମଳୀ ସୁନ୍ଦରୀ ଟ୍ୟାଗ୍। କିନ୍ତୁ ନିକଟରେ ଆଉ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ମୋନାଲିସାର ଲୁକ୍ ବଦଳିଯାଇଥିବା ଦେଖାଯାଉଛି। ଏହା ଦେଖିବା ପରେ ନେଟିଜେନ୍‌ମାନେ କହୁଛନ୍ତି, "ବଲିଉଡ ହିରୋଇନ୍‌ମାନେ ବି ପଛରେ ପଡିଯିବେ"। ତେବେ ଏହା ପଛରେ କ'ଣ ରହିଛି ରହସ୍ୟ ଆସନ୍ତୁ ଜାଣିବା। ମୋନାଲିସାଙ୍କ ଦେଶୀ ଲୁକ୍ ଦେଖିବା ପରେ ତାଙ୍କୁ ରାତାରାତି 'ଭାଇରାଲ୍ ଗାର୍ଲ' କୁହାଯିବା ଆରମ୍ଭ ହେଲା। ମହାକୁମ୍ଭର ଆନନ୍ଦ ମଧ୍ୟରେ ସେ ଲୋକପ୍ରିୟତା ହୋଇଗଲା। ନିଜର ଲୋକପ୍ରିୟତା ଦେଖି ପ୍ରଥମେ ପ୍ରଥମେ ସେ ବହୁତ ଖୁସି ହେଉଥିବା ବେଳେ ପରେ ଏହା ଭାରି ପଡିଲା। ଯେତେବେଳେ ଲୋକମାନେ ମୋନାଲିସାଙ୍କ ସହ ସେଲ୍‌ଫି ନେବା ପାଇଁ ଦିନରାତି ଲାଇନ୍ ଗଲାଇଲେ, ସେତେବେଳେ ସେ ଏବଂ ତାଙ୍କ ପରିବାର ସମସ୍ତେ ବିରକ୍ତ ହୋଇଥିଲେ ତେଣୁ ସେ ମହାକୁମ୍ଭ ଛାଡି ନିଜ ଘରକୁ ପଳେଇଲେ। ବର୍ତ୍ତମାନ ଅନେକ ଫିଲ୍ମ ନିର୍ମାତା ତାଙ୍କ ସହ କାମ କରିବାକୁ ଚାହୁଁଛନ୍ତି ବୋଲି ଖବର ଆସୁଛି। ଏହି ଖବର ମଧ୍ୟରେ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ୍ ହେବାରେ ଲାଗିଛି, ଯେଉଁଥିରେ ମୋନାଲିସା ଏକ ସୁନ୍ଦର ଲାଲ ରଙ୍ଗର ବଡିକନ୍ ଡ୍ରେସରେ ନଜର ଆସିଛନ୍ତି। ଭିଡିଓରେ ସେ ପାହାଡର କୌଣସି ଏକ ନଦୀ କୂଳରେ 'ଲହରାତୀ ବଲଖାତି' ଗୀତରେ ନାଚୁଥିବା ନଜର ଆସିଛନ୍ତି। ଏହି ଭିଡିଓ ଦେଖିବା ପରେ ନେଟିଜେନ୍‌ମାନେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ମୋନାଲିସାଙ୍କ ଏହି ଘାତକ ଲୁକ୍ ଦେଖି ଲୋକମାନେ ତାଙ୍କୁ ପ୍ରଶଂସା କରିବାରେ ଲାଗିଛନ୍ତି। ଏହାରି ଭିତରେ ଅନେକ ମଧ୍ୟ ଅନୁମାନ କରୁଛନ୍ତି ଯେ ଏହା ବାସ୍ତବ ନୁହେଁ। ଭିଡିଓ ଦେଖିବା ପରେ ଜଣେ ମତ ଦେଇ ଲେଖିଛନ୍ତି – ଏ କ'ଣ! ମୋନାଲିସାଙ୍କ ଚେହେରା ବଦଳିଗଲା? ଆଉ ଜଣେ ଲେଖିଛନ୍ତି – ଷ୍ଟାରଡମ୍‌ର ପ୍ରଭାବ... ଅନ୍ୟ ଜଣେ ଲେଖିଛନ୍ତି – ଇଓ ର ଅପବ୍ୟବହାର ହେଉଛି। ସେହିପରି ଆଉ ଜଣେ ଲେଖିଛନ୍ତି – ଫିଲ୍ମ ପାଇବା ଏହାର ପ୍ରଭାବ, ମୋନାଲିସା ଏତେ ବଦଳି ଗଲା!

ଯଦି ଆପଣ ମଧ୍ୟ ଏହି ଭିଡିଓକୁ ବାସ୍ତବ ବୋଲି ଭାବୁଛନ୍ତି, ତେବେ ଭିଡିଓର କ୍ୟାପ୍‌ସନ୍ ପଢିବା ପରେ, ତଳେ ଲେଖାଯାଇଥିବା ଡିସ୍‌କ୍ଲେମରକୁ ମଧ୍ୟ ଭଲ ଭାବରେ ଦେଖନ୍ତୁ। ପ୍ରକାଶଥାଉ ଯେ ଏହା ମୋନାଲିସାଙ୍କ ପ୍ରକୃତ ଭିଡିଓ ନୁହେଁ। ଭିଡିଓ ପୋଷ୍ଟ କରିବା ସହିତ ଏମିତି ଏକ ଡିସ୍‌କ୍ଲେମର ଦିଆଯାଇଛି।

# ଖୁବଶୀଘ୍ର ଓଟିଟି ପ୍ଲାଟ୍‌ଫର୍ମରେ ରିଲିଜ୍ ହେବ 'ଲଭ୍‌ୟାପା'



ରୋମାଣ୍ଟିକ୍ ଓ କମେଡିରେ ଭରପୂର ଫିଲ୍ମ 'ଲଭ୍‌ୟାପା' ଖୁବଶୀଘ୍ର ଓଟିଟି ପ୍ଲାଟ୍‌ଫର୍ମରେ ରିଲିଜ୍ ହେବାକୁ ଯାଉଛି । ଏହି ଫିଲ୍ମ ସହିତ ସୁପରଷ୍ଟାର ଆମୀର ଖାନ୍‌ଙ୍କ ପୁଅ ଜୁନୈଦ ଖାନ୍ ଏବଂ ଶ୍ରୀଦେବୀଙ୍କ ସାନ ଝିଅ ଖୁସି କପୁର ମଧ୍ୟ ବଡ଼ ପରଦାରେ ଡେବ୍ୟୁ କରିବେ । ନିକଟରେ 'ଲଭ୍‌ୟାପା'ର ଟ୍ରେଲର ରିଲିଜ୍ ହୋଇସାରିଛି । ଏହି ଫିଲ୍ମଟି ଭାଲେଣ୍ଟାଇନ୍ ଡେ' ଦିନ ଦର୍ଶକଙ୍କୁ ମନୋରଞ୍ଜନ କରିବା ପାଇଁ ପ୍ରସ୍ତୁତ ହୋଇସାରିଛି। 'ଲଭ୍‌ୟାପା' ହଲ୍‌ରେ ରିଲିଜ୍ ପୂର୍ବରୁ ଓଟିଟି ପ୍ଲାଟ୍‌ଫର୍ମରେ କେବେ ରିଲିଜ୍ ହେବ ଜାଣିରଖନ୍ତୁ। ସୂଚନା ଅନୁସାରେ, ଅଦ୍ୱୈତ ଚନ୍ଦନଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଲଭ୍‌ୟାପା' ଫେବୃଆରି ୭ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ । ଏହି ଫିଲ୍ମଟି ୨୦୨୨ ତାମିଲ ଚଳଚ୍ଚିତ୍ର 'ଲଭ୍ ଟୁଡେ'ର ରିମେକ୍ ଅଟେ । ଏସବୁ ମଧ୍ୟରେ ସୂଚନା ଥାଉକି, 'ଲଭ୍‌ୟାପା' ପ୍ରେକ୍ଷାଳୟରେ ରିଲିଜ୍ ପୂର୍ବରୁ ଓଟିଟି ପ୍ଲାଟ୍‌ଫର୍ମର ଡିଜନି ପ୍ଲସ ହଟଷ୍ଟାରରେ ଆସିବ ବୋଲି ଅନୁମାନ କରାଯାଉଛି । ତେବେ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ କିଛି ଘୋଷଣା କରାଯାଇ ନାହିଁ । 'ଲଭ୍‌ୟାପା'ର ଟ୍ରେଲର ଆସିବା ପରେ ଏହି ଫିଲ୍ମ ବିଷୟରେ ଜାଣିବା ପାଇଁ ପ୍ରଶଂସକଙ୍କ ମଧ୍ୟରେ ଏକ ଜବରଦସ୍ତ କ୍ରେଜ୍ ରହିଛି । ଏହି ଫିଲ୍ମ ରୋମାଣ୍ଟିକ୍ ଓ ଭରପୂର କମେଡି ଦ୍ୱାରା ନିର୍ମିତ ହୋଇଛି । ଏଥିରେ ଗ୍ରୁଶା କପୁର, ଆଶୁତୋଷ ରାଣା, ତନବିକା ପାର୍ଲିକର, କିକୁ ଶାରଦା ଏବଂ କୁଞ୍ଜ ଆନନ୍ଦଙ୍କ ପରି ଅନେକ କଳାକାର କାମ କରିଛନ୍ତି ।

# ଛୁରାମାଡ଼ ଘଟଣା ପରେ ଦୁଇପୁଅଙ୍କୁ ନେଇ ସୈଫ ଓ କରିନା ନେଲେ ଏଭଳି ନିଷ୍ପତ୍ତି

ବଲିଉଡ ଅଭିନେତା ସୈଫ ଅଲି ଖାନଙ୍କ ଉପରେ ଛୁରାମାଡ଼ ହେବା ଘଟଣା ପରେ ଖାନ ପରିବାର ଓ ଘରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରି ଦିଆଯାଇଛି। ସମ୍ପ୍ରତି ଖାନ ପରିବାର ନିଜର ପିଲାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ପ୍ରକାଶିତ ରିପୋର୍ଟ ମୁତାବକ, 'ସୈଫ ଅଲି ଖାନ ଓ କରିନା କପୁରଙ୍କ ପିଆର ଜାନୁଆରି ୨୮ ତାରିଖରେ ଗଣମାଧ୍ୟମକୁ ସାକ୍ଷାତକାର କରି କହିଛନ୍ତି, ସୈଫ ଓ କରିନାଙ୍କ ପକ୍ଷରୁ ମୁଁ ଆପଣମାନଙ୍କୁ ଅନୁରୋଧ କରୁଛି କି ଆଗାମୀ ଦିନରେ ଖାନ ପରିବାରର ଦୁଇପୁଅ ତୈମୁର ଓ ଜହାଙ୍ଗୀରଙ୍କ ଫଟୋ ଓ ଭିଡିଓ କୈଦ କରିବେ ନାହିଁ। ସେ ଜନ୍ମଦିନ ପାର୍ଟି ହେଉ କି କୌଣସି ସ୍ଥାନରେ ଖେଳୁଥିବା ସମୟରେ ପିଲାଙ୍କ ଫଟୋ ଉଠାଇ ପାରିବେ ନାହିଁ। ଏଥିପ୍ରତି ସୈଫ ପ୍ରତିବନ୍ଧକ ଲାଗୁ କରିଛନ୍ତି। ଏମିତି ତାଙ୍କ ଘର



ତଳେ ଛିଡ଼ା ହେବାକୁ ବାରଣ କରିଛନ୍ତି। ସେ କରିନା ଓ ସୈଫ ଘରୁ ବାହାରିବା ସମୟରେ ହେଉ କି ଆସିବା ବେଳେ ଯେମିତି ଗଣମାଧ୍ୟମ ଉଭୟଙ୍କ ଫଟୋ ଓ ଭିଡିଓ ନେବା ପାଇଁ ହଇରାଣ ନକରନ୍ତୁ।'

# ସାଇକୋଲୋଜିରେ ଡିଗ୍ରୀ, ଆମେରିକାରେ ସଙ୍ଗୀତ ଅଧ୍ୟୟନ; ହେଲେ ଅଭିନୟରେ ଫ୍ଲପ୍



ସାଉଥ୍ ସୁପରଷ୍ଟାର କମଲ ହାସନଙ୍କ ଝିଅ ଶ୍ରୁତି ହାସନ ଆଜି ତାଙ୍କର ୩୯ତମ ଜନ୍ମଦିନ ପାଳନ କରୁଛନ୍ତି। ସେ ୨୮ ଜାନୁଆରୀ ୧୯୮୬ରେ ତାମିଲନାଡୁରେ ଜନ୍ମଗ୍ରହଣ କରିଥିଲେ। ଶ୍ରୁତି ତାଙ୍କ ଅଭିନୟ ଅପେକ୍ଷା ସୌନ୍ଦର୍ଯ୍ୟ ପାଇଁ ଅଧିକ ଖବରରେ ଥାଆନ୍ତି। ତାଙ୍କର ଫିଲ୍ମ କ୍ୟାରିୟରରେ ସେ ବିଶେଷ କିଛି ହୋଇ ନାହାନ୍ତି। ସେ ୯ଟି ହିନ୍ଦୀ ଫିଲ୍ମରେ କାମ କରିଛନ୍ତି ସତ କିନ୍ତୁ ଅଧିକାଂଶ ବକ୍ସ ଅଫିସରେ ଫ୍ଲପ୍ ବୋଲି ପ୍ରମାଣିତ ହୋଇଛି। କିନ୍ତୁ କମଲ ହାସନ ତାଙ୍କ ଅଭିନୟ ସହିତ ଦଶନ୍ଧି ଦଶନ୍ଧି ଧରି ଫିଲ୍ମ ଇଣ୍ଡଷ୍ଟ୍ରିରେ ରଜ କରିଆସୁଛନ୍ତି। ଲୋକମାନେ ତାଙ୍କ ଅଭିନୟକୁ ବହୁତ ପ୍ରଶଂସା କରନ୍ତି।

ଶ୍ରୁତି ହାସନ ୨୦୦୯ ମସିହାରେ 'ଲକ୍' ଚଳଚ୍ଚିତ୍ର ସହିତ ବଲିଉଡ'ରେ ଡେବ୍ୟୁ କରିଥିଲେ। ତାଙ୍କର ଏହି ଚଳଚ୍ଚିତ୍ର ବକ୍ସ ଅଫିସରେ ଭଲ ପ୍ରଦର୍ଶନ କରି ନ ଥିଲା। ପରେ ସେ ଅନେକ ଚଳଚ୍ଚିତ୍ରରେ କାମ କରିଥିଲେ ମଧ୍ୟ ତାହା ମଧ୍ୟ ଫ୍ଲପ୍ ହୋଇଛି। ଜଣେ ଅଭିନେତ୍ରୀ ହେବା ବ୍ୟତୀତ ଶ୍ରୁତି ହାସନ ମଧ୍ୟ ଜଣେ ଭଲ ଗାୟକ। ସେ ସାଇକୋଲୋଜିରେ ଡିଗ୍ରୀ ହାସଲ କରିଛନ୍ତି ଏବଂ ଆମେରିକାରେ ସଙ୍ଗୀତ ଅଧ୍ୟୟନ କରିଛନ୍ତି। ବଲିଉଡ୍‌ରେ ବିଫଳ ହେବା ପରେ ଶ୍ରୁତି ହାସନ୍ ସାଉଥ୍ ଚଳଚ୍ଚିତ୍ର ଆଡକୁ ଢଳିଥିଲେ। ସେଠି ମଧ୍ୟ ସେ ଖାସ୍ କିଛି କରି ନାହାନ୍ତି। ଶ୍ରୁତି ଅଭିନୟରେ ହାରିଯାଇଛନ୍ତି ସତ କିନ୍ତୁ ସେ ନିଜ ଫ୍ୟାଶନ ଷ୍ଟେଟ୍‌ମେଣ୍ଟ ପାଇଁ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ତାଙ୍କର ପ୍ରତ୍ୟେକ ଲୁକ୍ ଇଣ୍ଟରନେଟ୍‌ରେ ଆସିବା ମାତ୍ରେ ଏହା ପ୍ରଶଂସକଙ୍କ ମଧ୍ୟରେ ଟ୍ରେଣ୍ଡ କରିବା ଆରମ୍ଭ କରେ। ତାଙ୍କର ଫିଟ୍‌ନେସ୍ ଦେଖି ପ୍ରଶଂସକମାନେ ମଧ୍ୟ ତାଙ୍କୁ ତାଙ୍କ ଡାଏଟ୍ ଯୋଜନା ବିଷୟରେ ପଚାରନ୍ତି।

# ମୁଁ ସେହି ଲୋକମାନଙ୍କ ପ୍ରତି ଆକର୍ଷିତ, ଯାହା ପାଖରେ ସୁନ୍ଦର ହସ ଅଛି: ରଶ୍ମିକା ମନ୍ଦାନା



ପ୍ରସିଦ୍ଧ ସାଉଥ୍ ଅଭିନେତ୍ରୀ ରଶ୍ମିକା ମନ୍ଦାନା ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ସବୁବେଳେ ଚର୍ଚ୍ଚାରେ ରହିଥାଆନ୍ତି। ତାଙ୍କ ନାଁକୁ ପ୍ରାୟତଃ ଅଭିନେତା ବିଜୟ ଦେବରକୋଣ୍ଡାଙ୍କ ସହ ଯୋଡି ଏବଂ ସେମାନଙ୍କ ସମ୍ପର୍କକୁ ନେଇ ଅନେକ ଗୁଜବ ପ୍ରଚାରିତ ହୁଏ।

ଯଦିଓ, ବର୍ତ୍ତମାନ ପର୍ଯ୍ୟନ୍ତ ରଶ୍ମିକା ଏବଂ ବିଜୟ ସେମାନଙ୍କ ସମ୍ପର୍କକୁ ସର୍ବସାଧାରଣରେ ଗ୍ରହଣ କରିନାହାଁନ୍ତି, ତଥାପି ସେମାନଙ୍କ ମଧ୍ୟରେ ଥିବା ହାବଭାବ ଦର୍ଶାଏ ଯେ ସେମାନଙ୍କ ମଧ୍ୟରେ କିଛି ଖାସ୍ ଅଛି। ପୂର୍ବରୁ ଉଭୟଙ୍କୁ ନେଇ କିଛି ରୋମାଣ୍ଟିକ୍ ଫଟୋ ଭାଇରାଲ୍ ହୋଇଥିଲା। ଏଥିରୁ ଲୋକେ ସନ୍ଦେହ କରୁଛନ୍ତି ଯେ ସେମାନେ ପ୍ରେମରେ ପଡିଛନ୍ତି।

ନିକଟରେ ରଶ୍ମିକା ମନ୍ଦାନା ଏକ ସାକ୍ଷାତକାରରେ ତାଙ୍କ ସମ୍ପର୍କକୁ କିଛି ପ୍ରକାଶ କହିଛନ୍ତି। ଯେତେବେଳେ ତାଙ୍କୁ ପଚରାଗଲା ଯେ ସେ ସିଙ୍ଗଲ୍ ଅଛନ୍ତି କି ନାହିଁ, ସେ ନିଜକୁ 'ପାର୍ଟନର' ବୋଲି କହି କାହା ସହ ସମ୍ପର୍କରେ ଅଛନ୍ତି ବୋଲି କହିଛନ୍ତି। ରଶ୍ମିକା କହିଛନ୍ତି, "ଘର ମୋର ଖୁସିର ସ୍ଥାନ। ଏହା ମୋତେ ସ୍ଥିର ଅନୁଭବ କରାଏ। ମୋତେ ମୋର ମୂଳ ସହିତ ଯୋଡିରଖେ। ମତେ ଯେତେ ପ୍ରେମ ଏବଂ ଲୋକପ୍ରିୟତା ମିଳୁ ପଛେ, ତଥାପି ମୁଁ କେବଳ ଏକ ଝିଅ, ଭଉଣୀ ଏବଂ ସାଥୀଟିଏ।" ଏମିତି ମତ ଦେଇ ସେ ସଫା ସଫା କହିଦେଇଛନ୍ତି ଯେ ସେ ତାଙ୍କ ବ୍ୟକ୍ତିଗତ ଜୀବନକୁ ସମ୍ପୂର୍ଣ୍ଣ ପ୍ରଶଂସା କରନ୍ତି ଏବଂ ଏହାକୁ ଗୁରୁତ୍ୱ ଦିଅନ୍ତି।

ରଶ୍ମିକା ଏହା ମଧ୍ୟ କହିଛନ୍ତି ଯେ ଜଣେ ପାର୍ଟନର୍ ପାଖରେ ତାଙ୍କୁ କ'ଣ ସବୁଠାରୁ ଅଧିକ ଆକର୍ଷଣ କରେ। ସେ କହିଛନ୍ତି, "ମୁଁ ସେହି ଲୋକମାନଙ୍କ ପ୍ରତି ଆକର୍ଷିତ, ଯାହା ପାଖରେ ସୁନ୍ଦର ହସ ଅଛି ଏବଂ ଯେଉଁମାନେ ସେମାନଙ୍କ ଆଖପାଖରେ ଥିବା ଲୋକଙ୍କୁ ସମ୍ମାନ କରନ୍ତି। ମୁଁ ଏହି କଥାରେ ବିଶ୍ୱାସ କରେ ଯେ ଆଖି ହେଉଛି ଜଣଙ୍କ ଆତ୍ମାର ଝରକା ଏବଂ ଏହା କାହାକୁ ବୁଝିବା ପାଇଁ ଏକ ଭଲ ଉପାୟ।"

# ସଫଳ ପରିବେଶବିତ୍ ଓ ଚାଷୀ ଉପେନ୍ଦ୍ର ପ୍ରସାଦ ବିଶ୍ୱାଳ



ଓଡ଼ିଶାର କୃଷି କ୍ଷେତ୍ରରେ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଯେଉଁ ବନ୍ଧୁ ମାନେ ଉଦ୍ୟମ କରି ଆଗେଇ ଚାଲିଛନ୍ତି ସେମାନଙ୍କ ମଧ୍ୟରେ ଉପେନ୍ଦ୍ର ପ୍ରସାଦ ବିଶ୍ୱାଳ ଅନ୍ୟତମ । ତାଙ୍କର ଡାକ ନାମ ଖୋକା । ୧୯୭୩ ମସିହାରେ ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆରୁହା ପଞ୍ଚାୟତ ର ତୁଳମ ତୁଳା ଗ୍ରାମରେ ଶ୍ରୀ ବିଶ୍ୱାଳ ଜନ୍ମ ଗ୍ରହଣ କରନ୍ତି। ତାଙ୍କର ପିତା ରଘୁନାଥ ବିଶ୍ୱାଳ ଓ ମାତା ମନୋରମା ବିଶ୍ୱାଳ। ପତ୍ନୀ ପ୍ରଜ୍ଞା ପାରମିତା ଥାଟୋଇ। ପୁତ୍ର ଅର୍ପଣ ଓ କନ୍ୟା ଆସ୍ପୃହା ଙ୍କୁ ନେଇ ଶ୍ରୀ ବିଶ୍ୱାଳ ଙ୍କ ସଂସାର ରଥ ଆଗେଇ ଚାଲିଛି। ଦୁଇ ହଜାର ମସିହାରୁ ସେ ଉଦ୍ୟାନ ଆରମ୍ଭ କରିଛନ୍ତି ଓ ହଜାର ହଜାର ଗଛ ଲଗାଇ ଛନ୍ତି। ଆପେଲ, ଅଙ୍ଗୁର, କଦଳୀ, ଆମ୍ବ, ସ୍ଲେଟ କମଳା, ନଡ଼ିଆ, ଜାମୁ ରୋଳ ଓ ଅନେକ ଫୁଲ ଫଳ ଗଛ ଲଗାଇ ବିଶାଳ ଫାର୍ମ ତିଆରି କରି ଛନ୍ତି ଶ୍ରୀ ବିଶ୍ୱାଳ। ଏହା ବ୍ୟତୀତ ସେ ମାଛ ଚାଷ ମଧ୍ୟ କରିଛନ୍ତି। ସାଉଦି ଆରବ ଖଜୁରି ଗଛ, ଆପେଲ ବେରି,ଥାଇରେଡ ଅପେଲ, ବିଭିନ୍ନ ପ୍ରକାର ଆମ୍ବ ମିଆଁ ଜକି, ଆଲ୍ଲାନ୍ସ, ଥାଇ ବାନାନା, ଗୋଲାପ ଜାମୁ ପ୍ରଭୃତି ବିଭିନ୍ନ ପ୍ରକାର ଫୁଲ ଓ ଫଳ ଗଛ ଲଗାଇ ଛନ୍ତି ବିଶିଷ୍ଟ ଉଦ୍ୟାନବିତ୍ ଓ ସଫଳ ଚାଷୀ ଉପେନ୍ଦ୍ର ପ୍ରସାଦ ବିଶ୍ୱାଳ। ଏହି କ୍ଷେତ୍ରରେ ସଫଳତା ପାଇଁ ଶ୍ରୀ ବିଶ୍ୱାଳ ଙ୍କୁ ମିଳିଛି ଓଡ଼ିଶା ସରକାରଙ୍କ ଦ୍ୱାରା ରାଜ୍ୟ କୃଷି ସମ୍ମାନ। ଏହି ରାଜ୍ୟ କୃଷି ସମ୍ମାନ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ କୃଷି ନିର୍ଦ୍ଦେଶକ ଅରବିନ୍ଦ ପାଢୀ,ଉପ ମୁଖ୍ୟ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ । ଏହି ଅତିଥି ବନ୍ଧୁ ଶ୍ରୀ ବିଶ୍ୱାଳ ଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଭୁବନେଶ୍ୱର ରେ ରାଜ୍ୟ କୃଷି ମେଳା ଓ କୃଷି ସମ୍ମିଳନୀ ରେ ଶ୍ରୀ ବିଶ୍ୱାଳ ଖୁବ୍ ଉଚ୍ଚ ପ୍ରଶଂସିତ ହୋଇ ଛନ୍ତି। ଶ୍ରୀ ବିଶ୍ୱାଳ ଏକ ଏକ ଟ୍ରଷ୍ଟ କରିଛନ୍ତି ଯାହାର ନାମ ଅଭିପ୍ସା ପରିବାର ଟ୍ରଷ୍ଟ । ଗଛ ଲତାକୁ ନେଇ ଓ ଫୁଲ ଫଳ କୁ ନେଇ ଶ୍ରୀ ବିଶ୍ୱାଳ ଖୁବ୍ ଆକର୍ଷଣୀୟ ଓ ସୁନ୍ଦର ପରିବେଶ ତିଆରି କରି ପାରିଛନ୍ତି ଶ୍ରୀ ବିଶ୍ୱାଳ। ଅନେକ ଲୋକ ଶ୍ରୀ ବିଶ୍ୱାଳ ଙ୍କ ଫାର୍ମ ପାଇଁ ଉପକୃତ ହେଉଛନ୍ତି। ଏକାଧାରରେ ଶ୍ରୀ ବିଶ୍ୱାଳ ଜଣେ ଭଲ ପରିବେଶବିତ୍, ଚାଷୀ, ଖେଳାଳି, ଅଭିନେତା ଓ ଉଦ୍ୟାନ ଉଦ୍ୟୋଗୀ। ଶ୍ରୀ ବିଶ୍ୱାଳ ଙ୍କ ଲକ୍ଷ୍ୟ ଓ ସ୍ୱପ୍ନ ସାର୍ଥକ ହେଉ। ଈଶ୍ୱର ଙ୍କ କୃପାରୁ ଉପେନ୍ଦ୍ର ପ୍ରସାଦ ବିଶ୍ୱାଳ ଙ୍କ ଭବିଷ୍ୟତର ଚଲାପଥ କୁସୁମିତ ହେଉ। ଏହା ହିଁ ଆମର କାମନା।


ଉପସ୍ଥାପନା: ପ୍ରଦୀପ୍ତ କୁମାର ମହାନ୍ତି
ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ
ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋବାଇଲ୍ ୯୯୩୭୯୭୬୩୫୧

# ମହିଳାମାନଙ୍କ ପାଇଁ ଜଳେଶ୍ୱର ମହୋତ୍ସବର ୨ୟ ସନ୍ଧ୍ୟା ସମର୍ପିତ




ଜଳେଶ୍ୱର ୩୦/୧(ନିପ୍ର)ଉତ୍ତର ବାଲେଶ୍ୱର କର୍ମଠ ଚଳ ଚଞ୍ଚଳ ଅଞ୍ଚଳରେ ଅବସାଦ ଭରା ଜୀବନ କୁ ଆମୋଦିତ କରିବା ପାଇଁ ଜଳେଶ୍ୱର ମହୋତ୍ସବ ମନୋରମା ପସରା ମେଲି ଦର୍ଶକ ଙ୍କୁ ମନୋରଞ୍ଜନ କରୁଛି। ମହୋତ୍ସବ ର ଗୁରୁବାର ୨ୟ ସନ୍ଧ୍ୟାରେ ମହିଳା ମଞ୍ଚ ସଭାରେ ପ୍ରାକ୍ତନ ଅଦ୍ଧକ୍ଷା ରାଜେଶ୍ୱରୀ ପାଣିଗ୍ରାହୀ ସଭାପତିତ୍ୱ କରି ସୁଲଳିତ କଣ୍ଠରେ ଅଭିଭାଷଣ ପ୍ରଦାନ କରିଥିଲେ।ମୁଖ୍ୟ ଅତିଥି ଭାବେ ସମାଜ ସେବୀକା ତାପସୀ ପ୍ରହରାଜ,ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧକ୍ଷା ଅନୁସୂୟା ପ୍ରଧାନ,ସମ୍ମାନୀତ ଅତିଥି ସୁମତି ଦେ, ଶିକ୍ଷୟତ୍ରୀ ମମତା ସାହୁ, ପୌର ଉପାଧକ୍ଷା ପୁଷ୍ପ ପ୍ରିୟା କାମିଲା, ବିଶେଷ ଅତିଥି ଅଭିନେତ୍ରୀ ରଶ୍ମିତା ନାଥ ପ୍ରମୁଖ ମଞ୍ଚାସୀନ ହୋଇ ନାରୀ ସଂସ୍କାରିତ ହେଲେ ସୁସ୍ଥ ସମାଜ ଗଠନ ସମ୍ଭବ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ।ମହିଳା ସଶକ୍ତିକରଣ,ମହିଳା ଙ୍କ କର୍ତ୍ତବ୍ୟବୋଧତା, ସହନଶୀଳତା, ସୁରକ୍ଷା ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ସମ୍ପର୍କରେ ଆଲୋକପାତ କରିଥିଲେ। ଅପର୍ଣ୍ଣା ନନ୍ଦୀ ଧନ୍ୟବାଦ ଅର୍ପଣ କରିଥିଲେ। ଓ ଶେଷରେ ସାଂସ୍କୃତିକ କାର୍ଯ୍ୟାକ୍ରମରେ ଦର୍ଶକ ମାନଙ୍କୁ ମହିଥିଲେ ।

# କିନ୍ନରଙ୍କ ଅଧିକାର ନିମନ୍ତେ ସଚେତନତା କାର୍ଯ୍ୟକ୍ରମ

ପାରାଦ୍ୱୀପ, ତା୩୦/୦୧ (ନି.ପ୍ର) ପାରାଦ୍ୱୀପ ପୌରପରିଷଦସ୍ଥିତ ରଙ୍ଗିଆଗଡ ଗ୍ରାମରେ ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ କିନ୍ନରମାନଙ୍କ ଅଧିକାର ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ଅଧ୍ୟକ୍ଷତାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରଙ୍ଗିଆଗଡ ଗ୍ରାମରେ ବାସ କରୁଥିବା କିନ୍ନରମାନେ ଉପସ୍ଥିତ ଥିଲେ । କିନ୍ନର ମାନଙ୍କ ସାମ୍ବିଧାନିକ ଅଧିକାର, ଶିକ୍ଷା, ନିଯୁକ୍ତି, ଉନ୍ନତ ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା, ମାନବାଧିକାର, ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ




ସଚେତନତା କରାଇବା ସହ ସେମାନେ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ଏନେଇ ସଚିବ ବୁଝାଇଥିଲେ । ଏହା ସହିତ କିନ୍ନରମାନଙ୍କ ଅସୁବିଧା ବୁଝିବା ସହ ଅସୁବିଧାର କିପରି ସମାଧାନ ହେଇପାରିବା ଏନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିଆକର୍ଷଣ କରିବେ ବୋଲି ସଚିବ କହିଥିଲେ ।

# ଯୁଗଜନ୍ମା ଗୁରୁ ବିବେକାନନ୍ଦଙ୍କ ଉପରେ ଆଲୋଚନାଚକ୍ର

ବଲାଙ୍ଗିର, ୩୦/୧ (ନି.ପ୍ର): ଯୁଗଜନ୍ମା ଗୁରୁ ବିବେକାନନ୍ଦ ଙ୍କ ଉପରେ ଏକ ଆଲୋଚନାଚକ୍ର ହୋଇଥିଲା । ଏହି ସଭାରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ସଭାପତି ଡ. ଭବାନୀ ଶଙ୍କର ପଟେଲ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବରେ ସ୍ୱାମୀ ପରମାନନ୍ଦ ସରସ୍ୱତୀ, ମୁଖ୍ୟବକ୍ତା ଭାବରେ ପ୍ରବଚକ ବଂଶୀଧର ଦାନୀ, ଅତିଥି ଭାବରେ କବୟିତ୍ରୀ ତଥା ଉପସଭାପତି ଅଘରିଆ ସମାଜ ବଲାଙ୍ଗିର ଲିଲି ପଟେଲ, ପରିଷଦର ସଚିବ ରାମଚନ୍ଦ୍ର ପଟେଲ ମଂଚାସିନ ଥିଲେ । ସଭା ପ୍ରାରମ୍ଭରେ ସଚୀବ ରାମଚନ୍ଦ୍ର ପଟେଲ ସଭାପତିଙ୍କ ଆମନ୍ତ୍ରଣ କ୍ରମେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କ ରେ ସଭାକୁ ଅବଗତ କରାଇଥିଲେ । ଭାରତୀୟ ଧର୍ମ ଓ ଦର୍ଶନ, ସଂସ୍କୃତି, ସଭ୍ୟତା ଉପରେ ଗଭୀର ଭାବରେ ଆଲୋକପାତ କରିଥିଲେ । ବକ୍ତା ବଂଶୀଧର ଦାନୀ ବିବେକାନନ୍ଦ ଙ୍କୁ ଭାରତ ରତ୍ନ ବୋଲି କହିଥିଲେ । ବିବେକାନନ୍ଦ ହିନ୍ଦୁଧର୍ମ ର ବିଶ୍ୱ ପ୍ରବଚକ ଓ ପ୍ରଚାରକ, ବକ୍ତା ଥିଲେ ବୋଲି ମୁଖ୍ୟ ଅତିଥି ପରମାନନ୍ଦ ସରସ୍ୱତୀ ଅଭିମତ ରଖିଥିଲେ । ଅତିଥି ଲିଲି ପଟେଲ କବିତା ମାଧମ ରେ ବିବେକାନନ୍ଦ ଙ୍କ ଯଶୋଗାନ କରିଥିଲେ । ସଭାପତିଙ୍କ ସଂକ୍ଷିପ୍ତ ଅଭିଭାଷଣ ପରେ ସେ ଏକ କବିତା ପାଠ କରିଥିଲେ । ପରବର୍ତ୍ତି ସମୟରେ ବିବେକାନନ୍ଦ ଙ୍କ ଉପରେ ଏକ କବିତା ପଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ କବୟିତ୍ରୀ କସ୍ତୁରୀ ରଥ, ବଳିଷ୍ଠ ପଧାନ, ସନ୍ତୋଷ କୁମାର ନାଏକ, ଲିଲି ପଟେଲ, ହୃଷିକେଶ ପୁରୋହିତ, କୁମୁଦିନୀ ପୃଷ୍ଟି ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ପରିଶେଷରେ ପରିଷଦ ର କୋଷାଧକ୍ଷ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀଙ୍କ ଧନ୍ୟବାଦ ପ୍ରସ୍ତାବ ଆଗତ ପରେ କୁମୁଦିନୀ ପୃଷ୍ଟି ଶାନ୍ତି ପାଠ କରିଥିଲେ ଓ ସଭା ସାଙ୍ଗ ହୋଇଥିଲା ।

# ସ୍ୱର୍ଶ କୁଷ୍ଟରୋଗ ସଚେତନତା ଅଭିଯାନର ଜିଲ୍ଲାସ୍ତରୀୟ ସମନ୍ୱୟ କମିଟିର ବୈଠକ ଅନୁଷ୍ଠିତ

ବଲାଙ୍ଗିର, ୩୦/୧ (ନି.ପ୍ର): ବଲାଙ୍ଗିର ଜିଲ୍ଲାପାଳଙ୍କ ସମ୍ମିଳନି କକ୍ଷରେ ସ୍ୱର୍ଣ୍ଣ କୁଷ୍ଟ ରୋଗ ସଚେତନା ଅଭିଯାନ ୨୦୨୫ର ଜିଲ୍ଲା ସ୍ତରୀୟ ସମନ୍ୱୟ କମିଟିର ବୈଠକ ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଜିଲ୍ଲା ମୁଖ୍ୟ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ରମେଶ ଚନ୍ଦ୍ର ସାହୁ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା . ଦିବ୍ୟ କିଶୋର ପତି ଏଡ଼ି .ପି .ଏଚ. ଓ (ଭେକ୍ଟର ବାହିତ ରୋଗ ) ଡା. କୁବେର ଚନ୍ଦ୍ର ମହନ୍ତ, ଏଡ଼ି .ପି .ଏଚ. ଓ (ରୋଗ ନିୟନ୍ତ୍ରଣ ) ଡା. ନମିତା ମିଶ୍ର, ଏଡ଼ି .ପି .ଏଚ. ଓ (ପରିବାର କଲ୍ୟାଣ ଓ କୁଷ୍ଠ ନିୟନ୍ତ୍ରଣ ) ଡା. ସୁଧା ବାର୍ଲା,ଜିଲ୍ଲା ପ୍ରକଳ୍ପ ପରିଚାଳକ, ଜାତୀୟ ସ୍ୱାସ୍ଥ୍ୟ ମିଶନ -ମୃତ୍ୟୁଞ୍ଜୟ ମୁଣ୍ଡ ଓ ଜିଲ୍ଲା ସ୍ତରୀୟ ଅନ୍ୟାନ ସମସ୍ତ ପଦାଧିକାରୀମାନେ ଯୋଗ ଦେଇଥିଲେ । କୁଷ୍ଠ ରୋଗ ନିରାକରଣ କାର୍ଯ୍ୟକ୍ରମ ଅନ୍ତର୍ଗତ ସମସ୍ତ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ସମୀକ୍ଷା କରିଥିଲେ। କୁଷ୍ଠରୋଗ ସଚେତନତା ବୃଦ୍ଧି ନିମନ୍ତେ ଆସନ୍ତା ଜାନୁୟାରୀ ୩୦ ରୁ ୧୩ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ସାରା ସ୍ୱର୍ଣ୍ଣ କୁଷ୍ଠ ରୋଗ ସଚେତନତା ଅଭିଯାନ ତାରିଖରୁ ଚାଲିବ । ଏଥିନପାଇଁ ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ଜିଲ୍ଲାର ଅନ୍ୟାନ ବିଭାଗର ଅଧିକାରୀମାନଙ୍କୁ ସ୍ୱାସ୍ଥ୍ୟ ବିଭାଗକୁ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରତ୍ୟେକ ଗାଁରେ କୁଷ୍ଠ ରୋଗ ସଚେତନତା କାର୍ଯ୍ୟକ୍ରମ କରାଯିବ । ଆଶା ଓ ଅଙ୍ଗନ ବାଡି କର୍ମୀ ଏ .ଏନ .ଏମ ସମସ୍ତେ ଏହି କାର୍ଯ୍ୟକ୍ରମରେ ସାମିଲ ହେବେ । ଜିଲ୍ଲାର ସମସ୍ତ ଗ୍ରାମ ପଂଚାୟତର ସରପଂଚ, ଜିଲ୍ଲାପରିଷଦ ସଭ୍ୟ ଓ ସଭ୍ୟା ତଥା ବଲାଙ୍ଗିର ପୌରପରିଷଦର ସମସ୍ତ କାଉନ୍ସିଲର, ଚେୟାରମ୍ୟାନ ସମସ୍ତେ ଏହି କୁଷ୍ଠ ରୋଗ ସଚେତନତା ଅଭିଯାନରେ ସମିଲ ହେବାକୁ ଅନୁରୋଧ କରିଛନ୍ତି ।

# ରେୟାନ କ୍ଲାସର ୩ୟ ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, ୩୦/୧ (ନି.ପ୍ର): କେନ୍ଦ୍ରାପଡା ପୌରସଂସ୍ଥା ଅଧିନ ୫ନଂ ୱାର୍ଡ ଗୋପ ଗ୍ରାମରେ ଥିବା ରେୟାନ କ୍ଲାସର ୩ୟ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳନ କରାଯାଇଛି । ପ୍ରଧାନ ଶିକ୍ଷକ ସତ୍ୟବ୍ରତ ପରିଜାଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ପ୍ରାକ୍ତନ ଅଧ୍ୟାପକ ନନ୍ଦ କିଶୋର ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ କାଉନସିଲର ଦେବେନ୍ଦ୍ର ରାଉତ, ଉପେନ ରାଉତ ମୁଖ୍ୟବକ୍ତା ଭାବେ ଗୀତାଞ୍ଜଳୀ ସେଠୀ ଯୋଗ ଦେଇଥିଲେ । ସନ୍ତୋଷ ଖଟୁଆ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ରମେଶ ଚନ୍ଦ୍ର ବେହେରା ସଭା ପରିଚାଳନା କରିଥିଲେ । ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ନିଜ ନିଜର ଭବିଷ୍ୟତ ଗଠନ ପାଇଁ କଠିନ ପରିଶ୍ରମ, ନିଷ୍ଠାର ସହ ଅଧ୍ୟୟନ କରିବା ଓ ଶିକ୍ଷକ, ପିତାମାତା ଓ ଗୁରୁଜନ ମାନଙ୍କ ପ୍ରତି ସମ୍ମାନବୋଧ ଆଚରଣ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ରେ ସଫଳ ହୋଇଥିବା ଛାତ୍ରୀମାନଙ୍କୁ ଅତିଥି ମାନେ ପୁରସ୍କାର ବିତରଣ କରିଥିଲେ । ଶେଷରେ ଛାତ୍ରୀ ମାନଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଅଭିଭାବକ ଓ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ । ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

# ଜିଲ୍ଲା କାର୍ଯ୍ୟାଳୟ ଆଗରେ ଅଖିଳ ଭାରତ କୃଷକ ସଭାର ବିକ୍ଷୋଭ

କେନ୍ଦ୍ରାପଡ଼ା, ୩୦/୧ (ନି.ପ୍ର): ଅଖିଳ ଭାରତ କୃଷକ ସଭା କେନ୍ଦ୍ରାପଡ଼ା ଶାଖା ଓ ରାମଚଣ୍ଡୀ କୃଷକ ସଭା ତରଫରୁ ଏକ ବିରାଟ ଶୋଭାଯାତ୍ରା ସାଥୀ ନିରଞ୍ଜନ ଦାସ, ବିଚିତ୍ର ମଲ୍ଲ, ସୁବାସ ମହାପାତ୍ର, ଭଜହରି ପ୍ରଧାନ, ଅକ୍ଷୟ ମଲିକ, ରମଣୀ ରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳଙ୍କ ନେତୃତ୍ୱରେ ଗୋପ ଛକରୁ ବାହାରି ଜିଲ୍ଲା କାର୍ଯ୍ୟାଳୟ ଆଗରେ ପହଁଚି ବିକ୍ଷୋଭ ପ୍ରଦର୍ଶନ ସହିତ ଏକ ସଭାର ଆୟୋଜନ କରିଥିଲେ । ଏହି ସଭାରେ ଅଖିଳ ଭାରତ କୃଷକ ସଭାର ଜାତୀୟ ଉପ ସଭାପତି ସାଥୀ ଆଶିଷ କାନୁନଗୋ, ରାଜ୍ୟ ସାଧାରଣ ସଂପାଦକ ସାଥୀ କ୍ଷୀରୋଦ ସିଂହଦେଓ, ସାଥୀ ଏନ ନାୟାରଣ ରେଡ୍ଡୀ, ରାଜ୍ୟ ସଭାପତି ଶଶି ଭୂଷଣ ସ୍ୱାଇଁ, ଡାକ୍ତର ପ୍ରଶାନ୍ତ ମିଶ୍ରଙ୍କ ଉପସ୍ଥିତି ରେ ସାଥୀ ବିକାଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱ କରିଥିଲେ। ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ତହସିଲ ଅନ୍ତର୍ଗତ ଦୀର୍ଘ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ଧରି ଦଖଲରେ ଥିବା କନ୍ଦା ଚାଷୀମାନଙ୍କୁ ଜମି ପଟା ପ୍ରଦାନ ଜଙ୍ଗଲ ଜମି କହି ଜମ୍ବୁ ମୌଜାର ୧୦୦ ଏକର ଜମି ଗ୍ରିଡକୋ କୁ ଦେଲେ ସେଥିରେ ଥିବା ଲୋକଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଉ । ସରକାର ଦେଇଥିବା କେ ଫର୍ମ ପଟା, କେଶରେ ଥିବା ଜମି, ବର୍ଦ୍ଧମାନ ଜମିଦାରଙ୍କ ହାତଲେଖା ପଟା, କ୍ଷତି ପୁରଣ ଏକର ପ୍ରତି ୫କୋଟି ଦିଆଯାଇ ଲିଜରେ ନିଆଯାଉ । ଜମ୍ବୁ କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ କେନାଲର ପୁନରୁର୍ଦ୍ଧାର କରି ଲୋକଙ୍କୁ ଚାଷ ପାଇଁ ସୁଯୋଗ ଦିଆଯାଉ । କେନ୍ଦ୍ରାପଡା ଜିଲ୍ଲାର ସମସ୍ତ ବ୍ଲକରେ ଶୀତଳ ଭଣ୍ଡାର ନିର୍ମାଣ କରାଯାଉ । ୬୦ ବର୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ମାସିକ ୫ ହଜାର ଟଙ୍କା ପେନଶନ ପ୍ରଦାନ ଆଦି ଦାବି ଗୁଡିକ ରହିଛି । ଦୀର୍ଘ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ଧରି ଚାଷ କରି ଆସୁଥିବା କନ୍ଦା ଚାଷୀ ମାନଙ୍କୁ ତୁରନ୍ତ ପଟା ପ୍ରଦାନ କରାଯାଉ । ଜଙ୍ଗଲ ଜମି କହି ଚାଷୀଙ୍କୁ ପ୍ରତାରଣା ବନ୍ଦ କରିବା ଆଦି ଦାବି ଗୁଡିକ ରହିଛି । ୧୯୯୭ ମସିହା ଠାରୁ ସାଂଚୁରିୟାନ ଅଂଚଳ ଘୋଷଣା ହେବାପରେ ଲୋକ ମାନଙ୍କୁ ଜଙ୍ଗଲ ବିଭାଗ ବେଦଖଲ କରିବା ସହିତ ସେମାନଙ୍କ ନାମରେ ମିଥ୍ୟା ମକଦ୍ଦମା ଦେଉଛି । ଏଗୁଡିକୁ ତୁରନ୍ତ ବନ୍ଦ କରିବା ପାଇଁ କୃଷକ ସଂଘ ତରଫରୁ ଦାବି କରାଯାଇଛି । ହଜାର ହଜାର ଚାଷୀମାନେ ଏକତ୍ରିତ ହୋଇ ସକାଳ ୧୦ଟାରୁ ସଭା କରୁଥିବା ବେଳେ ପ୍ରଶାସନ ପକ୍ଷରୁ କାହାରି ଦେଖା ନହେବାରୁ କୌଣସି ଅଧିକାରୀ ଦାବିପତ୍ର ନେବାକୁ ଆସି ନଥିବାରୁ କୃଷକ ନେତାମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରି ଜିଲ୍ଲା କାର୍ଯ୍ୟାଳୟ ଆଗରେ ହୋ ହାଲ୍ଲା କରିଥିଲେ । ପରେ ଡିପୁଟି କଲେକ୍ଟର ଘଟଣା ସ୍ଥଳରେ ପହଁଚି ଦାବିପତ୍ର ଗ୍ରହଣ କରିଥିଲେ। ଏହି ଦାବିପତ୍ର ପ୍ରଦାନ ସମୟରେ କେଦାରନାଥ ସାମନ୍ତରାୟ, ସୁଧାଂଶୁ ଶେଖର ମହାପାତ୍ର, ଦୋଳ ଗୋବିନ୍ଦ ସାହୁ, ରବିନ୍ଦ୍ର ସାମଲ, ସୁହାନା ବେଗମ ପ୍ରମୁଖ ଉପସ୍ଥିତ ଥିଲେ ।

# ମହିଳାଙ୍କୁ ନିର୍ଯ୍ୟାତନା ନେଇ ଅଭିଯୋଗ

ଜୟପୁର, ୩୦/୧ (ନି.ପ୍ର): ମହିଳାଙ୍କୁ ଯୌତୁକ ନିର୍ଯ୍ୟାତନା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁଯାଇ କୋରାପୁଟ ଜିଲା କାକିରିଗୁମ୍ମା ଥାନା ଅନ୍ତର୍ଗତ ଲଛମଣି ଗ୍ରାମର କୁନ୍ତି ଖରା ଗତ ୨୦୧୧ ମସିହାରେ ଜିହୁଦା ଖରାକୁ ବିବାହ କରିଥିଲେ । ସ୍ୱାମୀ, ଶାଶୁ , ୨ ଜଣ ନଣନ୍ଦ ମହିଳାଙ୍କୁ ଯୌତୁକ ଆଣିବାକୁ କହି ନିର୍ଯ୍ୟାତନା ଦେଉଥିବା ନେଇ ମହିଳା ଜଣକ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତି କରି ମହିଳା ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଜୟପୁର ମହିଳା ପୋଲିସ ତରଫରୁ ସୂଚନା ଦିଆଯାଇଛି ।

# ଭୁବନ ପଂଚାୟତ ସମିତିର ସପ୍ତମ ଅଧିବେଶନ: ପାନୀୟ ଜଳ ସମସ୍ୟା ସମାଧାନ ଉପରେ ଗୁରୁତ୍ୱାରୋପ

ଭୁବନ, ୩୦/୧ (ନି.ପ୍ର): ଭୁବନ ପଂଚାୟତ ସମିତି ର ସପ୍ତମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଶ୍ରୀମତୀ ସିପ୍ରା ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ନିର୍ବାଚିତ ପ୍ରତିନିଧି ମାନଙ୍କୁ ସମ୍ମାନ ଦେବା ସହ ସହମତିରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତିରେ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ। ସାଂସଦ ପ୍ରତିନିଧି ଭାବେ ପ୍ରେମାନନ୍ଦ ଜେନା ଯୋଗଦେଇଥିଲେ। ମାଘ ମାସ ଅଧାରୁ ତାପମାତ୍ରା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଆଗାମୀ ଗ୍ରୀଷ୍ମ ଋତୁରେ ଯେଭଳି କୌଣସି ସ୍ଥାନରେ ପାନୀୟ ଜଳ ପାଇଁ ସମସ୍ୟା ସୃଷ୍ଟି ନହୁଏ, ସେଥିପ୍ରତି ଗୁରୁତ୍ୱ ଦେବାକୁ ସରପଂଚ, ସମିତି ସଭ୍ୟ ମାନେ ଦାବି କରିଥିଲେ। ଅଚଳ ନଳକୂପଗୁଡ଼ିକୁ ସଚଳ କରାଯିବ ଓ ଦୁର୍ଗମ ଅଂଚଳକୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ଅଧକ୍ଷା ଶ୍ରୀମତୀ ସିପ୍ରା ବରାଳ କହିଥିଲେ। ଉପାଧକ୍ଷା ସରୋଜିନୀ ଦ୍ୱିବେଦୀ ,ଜିଲ୍ଲା ପରିଷଦ ସଭ୍ୟ ରମେଶ ଚନ୍ଦ୍ର ସାହୁ,ସୁବାସ ମାଝୀ ଙ୍କ ସମେତ ସମସ୍ତ ସରପଂଚ, ସମିତି ସଭ୍ୟ ରାସନ କାର୍ଡ,ଧାନ ମଣ୍ଡି ସମ୍ପର୍କରେ ଆଲୋଚନା କରିଥିଲେ। ବିଡ଼ିଓ ଆୟୁଶୀ ମହାପାତ୍ରଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକ ସଂଘ ପକ୍ଷରୁ ହାଟପଦାଠାରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ

କନ୍ଧମାଳ , ୩୦/୧ (ନି.ପ୍ର): ଫୁଲବାଣୀ ହାଟପଦା ସ୍ଥିତ ମାଆ ନାରାୟଣୀ ଯାତ୍ରା କମିଟି ସଭାଗୃହରେ ବରିଷ୍ଠ ନାଗରିକ କମିଟି ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଆୟୁର୍ବେଦିକ ଡାକ୍ତର ଜଗଦୀଶ ବେଜ ସ୍ୱାସ୍ଥ୍ୟ ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। ଡଃ ବେଜ ରୋଗ ନହେବା ପାଇଁ ପ୍ରଥମେ ପ୍ରତିଷେଧକ ବ୍ୟବସ୍ଥା ଉପରେ ଉପସ୍ଥିତ ଲୋକମାନଙ୍କୁ କେତେକ ପରାମର୍ଶ ଦେଇଥିଲେ। ଆୟୁର୍ବେଦ ଚିକିତ୍ସା ସର୍ବ ପୁରାତନ ଓ ପାର୍ଶ୍ୱ ପ୍ରତିକ୍ରିୟା ନଥାଏ ବୋଲି କହିଥିଲେ।ବରିଷ୍ଠ ନାଗରିକ ସଂଘର ସଭାପତି କମଳାକାନ୍ତ ପାଣ୍ଡେ ଓ ସାଧାରଣ ସମ୍ପାଦକ ପ୍ରଣବ ମଣ୍ଡଳ ସ୍ୱାସ୍ଥ୍ୟ ଶିବିରର ଶୁଭାରମ୍ଭ କରିଥିଲେ। ହାଟ ଦିନ ଥିବାରୁ ଗ୍ରାମାଂଚଳର କେତେକ ରୋଗୀ ସ୍ୱାସ୍ଥ୍ୟ ସେବା ପାଇଁ ପହଂଚିଥିଲେ।

# କେନ୍ଦୁଝରର ଧରଣୀଧର ବିଶ୍ୱ ବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋ ଦ୍ୱାରା ବିଶାଳ ଚକ୍ଷୁ ପରୀକ୍ଷା ଶିବିର

କେନ୍ଦୁଝର, ୩୦/୧ (ନି.ପ୍ର): ଓଡ଼ିଶାର ସୁନାମଧନ୍ୟ ଧରଣୀଧର ବିଶ୍ୱ ବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋ କେନ୍ଦୁଝରର ଅଗ୍ରଣୀ ଅନୁଷ୍ଠାନ କେନ୍ଦୁଝର ଡେଭଲପମେଂଟ ଟ୍ରଷ୍ଟର ଏବଂ ଭୂମିକା ଚକ୍ଷୁ ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ବୋଦାପଳସା ଗ୍ରାମ ପଂଚାୟତଠାରେ ଏକ ଦିବସୀୟ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ବୋଦାପଳସା ଗ୍ରାମ ପଂଚାୟତର ଶଙ୍କରପୁର, ବୋଦାପଳସା, କେନ୍ଦୁଆ, ମହୁଲଡିହା, ଯମୁନାପଶି, କବିତ୍ରା ଓ ସଦରପଡା ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଚକ୍ଷୁ ପରୀକ୍ଷା ଶିବିରରେ ଯୋଗ ଦେଇଥିଲେ। ଧରଣୀଧର ବିଶ୍ୱ ବିଦ୍ୟାଳୟର କୂଳପତି ଡକ୍ଟର ପ୍ରତାପ ଚନ୍ଦ୍ର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦୁଝରର ଅଧିଷ୍ଠାତ୍ରୀ ଦେବୀ ମା' ତାରିଣୀ ଫଟୋରେ ମାଲ୍ୟାର୍ପଣ, ଅର୍ଘ୍ୟ ଓ ଦୀପ ପ୍ରଦାନ କରି ଚକ୍ଷୁ ଶିବିରକୁ ଉଦ୍‌ଘାଟନ କରିଥିଲେ। ଡକ୍ଟର ମହାନ୍ତି କହିଲେ ଜାତୀୟ ସେବା ଯୋଜନାର ସମସ୍ତ ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ଏହି ଶିବିରରୁ ପ୍ରେରଣା ପାଇବେ। ପ୍ରତ୍ୟେକ ମହାବିଦ୍ୟାଳୟ ଏହିପରି ଚକ୍ଷୁ ପରୀକ୍ଷା ଓ ମୋତିଆ ବିନ୍ଦୁ ଶିବିର କରାଯାଇ ବରିଷ୍ଠ ନାଗରିକମାନଙ୍କର ଅନ୍ଧତ୍ୱ ଦୂର କରିବା ଆମର ଧେୟ ହେଉ। ଉପସ୍ଥିତ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନଙ୍କୁ କହିଲେ ଆପଣମାନେ ଏହି ଅନ୍ଧତ୍ୱ ଦୂରୀକରଣ ଅଭିଯାନର ନେତୃତ୍ୱ ନିଅନ୍ତୁ। କେନ୍ଦୁଝର ଡେଭଲପମେଂଟ ଟ୍ରଷ୍ଟ ସହ ଜାତୀୟ ସେବା ଯୋଜନା ମିଶି ଏହି କାର୍ଯ୍ୟକ୍ରମକୁ ଚାରିଆଡେ ପ୍ରଚାର ପ୍ରସାର କରନ୍ତୁ । ଜାତୀୟ ସେବା ଯୋଜନା ବ୍ୟୁରୋର ଜିଲ୍ଲା ସଂଯୋଜିକା ଡକ୍ଟର ସରିତା ନାୟକଙ୍କ ମାର୍ଗଦର୍ଶନରେ ତଥା କେନ୍ଦୁଝର ଡେଭଲପମେଂଟ ଟ୍ରଷ୍ଟର ସଂପାଦକ ତଥା କେନ୍ଦୁଝର ନାଗରିକ ମଂଚର ବରିଷ୍ଠ ସଦସ୍ୟ ସମାଜସେବୀ ଭକ୍ତବତ୍ସଳ ମହାନ୍ତିଙ୍କ ସଂଯୋଜନାରେ ଜାତୀୟ ସେବା ଯୋଜନା ୩୦ ଜଣ ସ୍ୱେଚ୍ଛାସେବୀ ଶିବିର ଆୟୋଜନରେ ସହାୟତା କରିଥିଲେ। ଡକ୍ଟର ସରିତା ନାୟକ କହିଲେ ଅନ୍ଧତ୍ୱ ଦୂରୀକରଣ ନିମନ୍ତେ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନଙ୍କୁ ତାଲିମ ପ୍ରଦାନ କରାଯିବ। ସାମ୍ବାଦିକ ତଥା ବୋଦାପଳସା ଗ୍ରାମର ଯୁବ ନେତୃତ୍ୱ ପ୍ରତ୍ୟୁଷ ପଟ୍ଟନାୟକ ଉକ୍ତ କାର୍ଯ୍ୟକ୍ରମକୁ ସ୍ୱାଗତ ଜଣାଇବା ସହ ପ୍ରଶଂସା କରିଥିଲେ। ଭୂମିକା ଚକ୍ଷୁ ଚିକିତ୍ସାଳୟର କ୍ଷେତ୍ରୀୟ ପରିଚାଳକ ରୁଦ୍ରନାରାୟଣ ଲୋହାରଙ୍କ ନେତୃତ୍ୱରେ ଅପଟମ ସୟନ ସୁନ୍ଦର ମାଇତି,ବରିଷ୍ଠ ସ୍ୱାସ୍ଥ୍ୟସେବିକା ମମତା ପାତ୍ର, ଲକ୍ଷ୍ମୀ ବେହେରା ପ୍ରମୁଖ ୯୨ ଜଣ ବରିଷ୍ଠ ନାଗରିକଙ୍କର ଚକ୍ଷୁ ପରୀକ୍ଷା କରି ପ୍ରାଥମିକ ସେବା ପ୍ରଦାନ କରିଛନ୍ତି । ୨୧ ଜଣ ମୋତିଆ ବିନ୍ଦୁ ରୋଗୀ ଚିହ୍ନଟ କରି ୧୫ ଜଣ ବରିଷ୍ଠ ନାଗରିକଙ୍କୁ ଅସ୍ତ୍ର ଉପଚାର ପାଇଁ ଶିବିର ତରଫରୁ ଭୂମିକା ଚକ୍ଷୁ ଚିକିତ୍ସାଳୟକୁ ପ୍ରେରଣ କରାଯାଇଛି। ଇତ୍ୟ ଅବସରରେ ବୋଦାପଳସା ଆଂଚଳିକ ସ୍ୱୟଂ ସହାୟକ ଗୋଷ୍ଠୀର ୪୧ ଜଣ ଅଗ୍ରଣୀ ମହିଳାଙ୍କୁ ମୋତିଆ ବିନ୍ଦୁ ଚିହ୍ନଟ କରିବା ପାଇଁ ପଂଚାୟତ ସଭାଗୃହରେ ତାଲିମ ପ୍ରଦାନ କରାଯାଇଛି। ମହାସଂଘ କାର୍ଯ୍ୟକାରୀ ସଦସ୍ୟା ଜ୍ୟୋସ୍ନାରାଣୀ ସାହୁ, ପଂଚାୟତ କାର୍ଯ୍ୟନିର୍ବାହୀ ରଣଜିତ ମହାନ୍ତ, ଯୁବ ସ୍ୱେଚ୍ଛାସେବୀ ତୁଷାର ସେଠୀ, ସୁଶ୍ରୀ ସଂଗୀତା ପାତ୍ର, ଜ୍ୟୋର୍ତିମୟୀ ନାୟକ, ଅନୀତା ନାୟକ, ସୁମନ ଗୁପ୍ତା, ଅଞ୍ଜଳି ସାହୁ ଓ ମହାସଂଘର ମହିଳାମାନେ ରୋଗୀମାନଙ୍କୁ ନେବା ଆଣିବା ଓ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ବଜ୍ରମହାକାଳୀ ପଂଚାୟତ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

କେନ୍ଦ୍ରାପଡ଼ା, ୩୦/୧ (ନି.ପ୍ର): ସାନମାଣତିଆ ପଞ୍ଚାୟତ ଜରିଆବାଡସ୍ଥିତ ବଜ୍ର ମହାକାଳୀ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୁଇଦିନ ବ୍ୟାପି ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଘାଟନ ଉତ୍ସବରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରିଣୀ ଅନ୍ନପୂର୍ଣ୍ଣା ପଣ୍ଡା ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କେଶବ ଚନ୍ଦ୍ର ବିଶ୍ୱାଳ ମୁଖ୍ୟବକ୍ତା, ଅବସରପ୍ରାପ୍ତ ଶିକ୍ଷକ ପ୍ରଦୀପ କୁମାର ପରିଡା, ଶୈଳେନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ପିଲାମାନଙ୍କୁ କ୍ରୀଡାର ଉପାଦେୟତା ସହ ଶୃଙ୍ଖଳାର ସହ ବନ୍ଧୁତ୍ୱପୂର୍ଣ୍ଣ ଭାବେ ପ୍ରତ୍ୟେକ ପ୍ରତିଯୋଗୀ ଖେଳିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ । ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ପରିଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶିକ୍ଷକ ନେତା ପ୍ରଣବ କୁମାର ଜେନା ମଂଚ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ପରିଡାଙ୍କ ସଭାପତିତ୍ୱରେ ତୁଳସୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା କେନ୍ଦ୍ରାପଡା ବିକାଶ ସାମ୍ମୁଖ୍ୟର ସାଧାରଣ ସମ୍ପାଦକ ପ୍ରଫେସର ଅଜୟ କୁମାର ସାମଲ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଲେଖ ଚନ୍ଦ୍ର ଦାସ, କେଶବ ଚନ୍ଦ୍ର ବିଶ୍ୱାଳ, ବିଜ୍ଞାନ ଶିକ୍ଷକ ସୌମେନ୍ଦ୍ର କୁମାର ପରିଡା, ଦୁତିଆଳ ଆଦର୍ଶ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ପଣ୍ଡିତ ପ୍ରତାପ କୁମାର ପତି, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମଲ୍ଲିକ ପ୍ରମୁଖ ମଂଚାସୀନ ଅତିଥି ରୂପେ ଯୋଗ ଦେଇ କ୍ରୀଡା ମଣିଷକୁ ଶୃଙ୍ଖଳିତ କରିବା ସହ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶରେ ସହାୟକ ହୋଇଥାଏ ବୋଲି କହିଥିଲେ । ଶିକ୍ଷକ ନେତା ପ୍ରଣବ କୁମାର ଜେନା ସ୍ୱାଗତ ଭାଷଣ ସହ ମଂଚ ପରିଚାଳନା କରିଥିଲେ । କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥିଙ୍କ ସମେତ ଅନ୍ୟ ଅତିଥିମାନେ ପ୍ରମାଣ ପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ଶିକ୍ଷୟତ୍ରୀ ରାଜଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଦୁଇଦିନ ବ୍ୟାପୀ ଅନୁଷ୍ଠିତ ଏହି କ୍ରୀଡା ଉତ୍ସବକୁ କ୍ରୀଡା ଶିକ୍ଷକ ରମାକାନ୍ତ ସାହୁ, ବବିତା ରାଉତ, କଳା ଶିକ୍ଷକ ସୁଶିଲ କୁମାର ସେନ୍, ମିତାଲି ପ୍ରଧାନ, ଅଭୟ କୁମାର ମହାନ୍ତି, ଦେବୀ ପ୍ରଜ୍ଞା ନାୟକ, ଜ୍ୟୋତ୍ସ୍ନା ବିଶ୍ୱାଳ, ଭାଗ୍ୟବତୀ ମଲିକ ପ୍ରମୁଖ ପରିଚାଳନା କରିଥିଲେ । କନିଷ୍ଠ ବାଳକ ବିଭାଗରେ ଅଭୟ କୁମାର ମଲିକ ଓ ବାଳିକା ବିଭାଗରେ ସ୍ୱର୍ଣ୍ଣପ୍ରିୟା ଗିରି ଚମ୍ପିୟାନ ହୋଇଥିଲେ । ବରିଷ୍ଠ ବାଳକ ବିଭାଗରେ ଶୁଭଙ୍କର ସାହୁ ଓ ବାଳିକା ବିଭାଗରେ ପ୍ରଣତୀ ମଲିକ ଚମ୍ପିୟାନ ହୋଇଥିଲେ। ଭଲ୍ୟୁଂଟର ରୂପେ ଲିପ୍ସାରାଣୀ ସୂତାର, ଭବ୍ୟପ୍ରସାଦ ପଣ୍ଡା, ନିରଞ୍ଜନ ଗିରି, ଅର୍ଜୁନ ଚରଣ ସାମଲ, ଶୁଭମ ଦାଶ ଓ ସାଇସ୍ୱୟଂ ଦାଶ ପ୍ରମୁଖ କ୍ରୀଡା ଉତ୍ସବକୁ ଶୃଙ୍ଖଳାର ସହ ସମାପନ କରିବାରେ ସହଯୋଗ କରିଥିଲେ । ଏହି ଉତ୍ସବ ଅବସରରେ ସାମାଜିକ କର୍ମୀ ରଣବୀର ରାଉତ, ପ୍ରକାଶ କୁମାର ଜେନା ବିଦ୍ୟାଳୟ ପରିସରରେ ବକୁଳଗଛ ରୋପଣ କରିଥିଲେ ।

# ବାଇକ ଧକ୍କାରେ ଜଣେ ମୃତ: ବାଇକ ଚାଳକ ଗିରଫ

ଜୟପୁର, ୩୦/୧ (ନି.ପ୍ର): ବାଇକ ଧକ୍କାରେ ଜଣେ ବ୍ୟକ୍ତି ଙ୍କର ମୃତ୍ୟୁ ହୋଇଛି । ମୃତକ ଜଣକ ହେଉଛନ୍ତି କମଳ ଲୋଚନ ଦଣ୍ଡସେନା । ଏହି ମାମଲାରେ ବାଇକ ଚାଳକକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଜୟପୁର ଖ୍ରୀଷ୍ଟିଆନପେଟାର ଭବେଶ ନାୟକ (୧୮) । ସୂଚନା ଅନୁଯାଇ ପ୍ରବାତ ଏକ ବାଇକ ରେ ପାତ୍ରପୁଟ ଯାଉଥିବା ସମୟରେ ଡିମାଳା ନିକରେ ଧକ୍କା ଦେଇଥିଲେ । କମଳ ଲୋଚନ ଦଣ୍ଡସେନା ଚାଲିକି ଯାଉଥିବା ସମୟରେ ଧକ୍କା ଦେଇଥିଲେ । ଗୁରୁତର ଅବସ୍ଥାରେ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳରେ ଭର୍ତି କରାଯାଇଥିଲା । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଏନେଇ ଆଜି ପୋଲିସ ବାଇକ ଚାଳକକୁ ଆଜି ଅପରାହ୍ନ ୪ଟା ୩୦ ମିନିଟ ସମୟରେ ଗିରଫ କୋରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି ।

# ରୂପସାରେ ସିରିଜ୍ ଚୋରି : ପୋଲିସ ନାକେଦମ

ବସ୍ତା,୩୦/୧( ନିପ୍ର) ସଦର ବ୍ଲକ ଅନ୍ତର୍ଗତ ରୂପସା ଅଞ୍ଚଳ ରେ କିଛି ଦିନ ହେବ ଛୋଟ ମୋଟ ଚୋରି ଲାଗିରହିଛି । ଶୀତ ର ଘନ କୁହୁଡ଼ିର ଫାଇଦା ନେଇ ରୂପସା ଅଞ୍ଚଳର ବିଭିନ୍ନ ସ୍ଥାନ ମିରିଗୀମୁଣ୍ଡି ଗ୍ରାମ ର ନିରଞ୍ଜନ ବେହେରାଙ୍କ ଫାଷ୍ଟ ଫୁଡ୍ ଦୋକାନ ତାଲା ଭାଙ୍ଗି ନଗଦ ୪ ହଜାର ଟଙ୍କା, ପୋଡାଡିହା ଗ୍ରାମର ରଶ୍ମିରଞ୍ଜନ ଜେନାଙ୍କ ବାଡିରୁ ସାଇକେଲ ଓ କିଛି ଆସବାପତ୍ରର ମୂଲ୍ୟ ୧୦ ହଜାରରୁ ଅଧିକ, ସେହିପରି ପୋଡାଡିଆ ଗ୍ରାମର ତୀର୍ଥ ବଡାଇଙ୍କ ଘର ବାକ୍ସ ଭାଙ୍ଗି ଲକ୍ଷାଧିକ ଟଙ୍କା ର ସୁନା ଗହଣା ଲୁଟି ନେଇଛନ୍ତି ଦୁର୍ବୃତ୍ତ । ଏ ନେଇ ତିନି ଅଭିଭାବକ ରୂପସା ଥାନା ର ଦ୍ୱାରସ୍ଥ ହେବା ପରେ ରୂପସା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତନାଘନା ଜାରି ରଖିଛି ।ତେବେ ପୋଲିସ ପାଇଁ ବଡ ଚେଲେଞ୍ଜ ହୋଇପଡିଛି ।

# ବିଧବାଙ୍କୁ ଆଡ଼ଆଖି : ୬ବର୍ଷର ପ୍ରତୀକ୍ଷା ପରେ ମଧ ମିଳିଲା ନାହିଁ ଖାଦ୍ୟ ଓ ସାମାଜିକ ସୁରକ୍ଷା

ଉଦଳା,୩୦/୦୧(ନି.ପ୍ର)- ଯେ ହେଉଛି କପ୍ତିପଦା ବ୍ଲକର ମଝିଗଡ଼ିଆ ପଂଚାୟତ ଅନ୍ତର୍ଗତ ଛତ୍ରାମ୍ଭ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ପ୍ରଧାନ ହାଁସଦାଙ୍କର ଆଜକୁ ୬ ବର୍ଷ ପୁର୍ବେ ଦେହାନ୍ତ ହୋଇ ଯାଇଛି । ଫଳରେ ତାଙ୍କର ସହଧର୍ମିଣୀ ଆର୍ଶୁ ମାର୍ଣ୍ଡି ବିଧବା ଜୀବନ ବିତାଇବା ସହ ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଟାଂଉଛନ୍ତି । ବିଧବା ମହିଳା ମାନଙ୍କୁ ସରକାର ସାମାଜିକ ସୁରକ୍ଷା ଯୋଜନାରେ ଯୋଗାଇ ଦେଉଥିବା ଭତା ଓ ଖାଦ୍ୟ ଯୋଜନାରେ ଚାଉଳ ପାଇବାରୁ 'ଆର୍ଶୁ' ବଂଚିତ ଅଛନ୍ତି । ଏଥିପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ବାରମ୍ବାର ହୋଇ ମଧ କୌଣସି ସୁଫଳ ମିଳିନଥିବାର କଥା ସେ ଗଣମାଧମକୁ ଜଣାଇଛନ୍ତି । ଏହିପରି ବହୁଳ ଭାବରେ ଆଦିବାସୀ ବିଧବା ମା' ମାନଙ୍କୁ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଥିବା ବେଳେ ଏଠାରେ କାର୍ଯ୍ୟରତ ସମନ୍ୱିତ ଆଦିବାସୀ



ଉନ୍ନୟନ ସଂସ୍ଥାର ନିରବତା ଖୁବ୍ ଯନ୍ତ୍ରଣାଦାୟକ ହୋଇ ଉଠିଛି । ବିଭାଗୀୟ କତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆମେରିକା ବିମାନ ଦୁର୍ଘଟଣାରେ ...

ଲାଇନରେ ଯିବାରୁ ଦୁର୍ଘଟଣା ଘଟିଥିଲା । ବିମାନର ଲାଇଟ ଜଳୁଥିଲେ ମଧ କିପରି ହେଲିକପ୍ଟର ପାଇଲଟ ଏହାକୁ ଦେଖି ପାରିଲେ ନାହିଁ ? କାହିଁକି କାହିଁକି ହେଲିକପ୍ଟରଟି ଉପରକୁ, ତଳକୁ କିମ୍ବା ଟର୍ଣ୍ଣ କଲା ନାହିଁ ? କଣ୍ଟ୍ରୋଲ ଟାୱାର କ'ଣ କରାଯିବ ନ କହି କାହିଁକି ହେଲିକପ୍ଟର ପାଇଲଟଙ୍କୁ ବିମାନ ଦେଖାଯାଉଛି କି ନାହିଁ ପ୍ରଶ୍ନ କରିଥିଲେ । ସବୁ କିଛିକୁ ଦେଖିଲେ ଲାଗୁଛି ଯେ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ପାରିଥାଆନ୍ତା । ଦୁର୍ଘଟଣା ଘଟିବାର ୩୦ ସେକେଣ୍ଡ ପୂର୍ବରୁ ରେଗାନ ନ୍ୟାସନାଲ ଏୟାରପୋର୍ଟର ଏୟାର ଟ୍ରାଫିକ୍ କଂଟ୍ରୋଲର ଆର୍ମି ହେଲିକପ୍ଟରକୁ କଲ କରିଥିଲେ । କିନ୍ତୁ ସେପଟୁ କୌଣସି ଯବାବ ଆସିନଥିଲା । ଏହାର କିଛି ସମୟ ପରେ ଦୁର୍ଘଟଣା ହୋଇଥିଲା । ଦୁର୍ଘଟଣା ପରେ ବିମାନର ବ୍ଲାକ ବକ୍ସ ଯବତ କରାଯାଇଛି । ଯେଉଁଥିରୁ ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡିବ ବୋଲି କୁହାଯାଉଛି ।

### ରାଜୀବ କୁମାରଙ୍କୁ କେଜ୍ରିୱାଲଙ୍କ...

ସେପଟେ କ୍ରେଜିୱାଲଙ୍କ ଅଭିଯୋଗ ଉପରେ ଯବାବ ରଖିଛି ବିଜେପି । ଅରବିନ୍ଦ କେଜ୍‌ରିୱାଲ, ଯମୁନା ନଦୀର ଜଳ ପ୍ରଦୂଷଣ ପାଇଁ ହରିୟାଣାର ଭାଜପା ସରକାରଙ୍କୁ ଦାୟୀ କରିବା ସହ ଏଥିରେ ବିଷ ମିଶୁଛି ବୋଲି କହିଥିଲେ । କେଜ୍ରିୱାଲଙ୍କ ବୟାନ ପରେ ହରିୟାଣା ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନି ଯମୁନା ନଦୀର ପାଣି ପିଇଛନ୍ତି । ଏହାପରେ ସାଇନି କେବଳ ପାଣି କୁଳି କରୁଥିବା ଆପ ଅଭିଯୋଗ କରିବା ପରେ ବିଜେପି ପକ୍ଷରୁ ସାଇନି ପାଣି ପିଇବାର ଭିଡିଓ ଛଡ଼ାଯାଇଛି ।

# ସ୍ୱାମୀ ବିବେକାନନ୍ଦ ଲୋକସଂସଦର ଉଦ୍‌ବୋଧନୀ ସମାରୋହ ଅନୁଷ୍ଠିତ

ନୀଳଗିରି,୩୦।୦୧(ନି.ପ୍ର):ସାହସ ଅବଲମ୍ବନ କର, ସଦର୍ପ କୁହ ମୁଁ ଭାରତବାସୀ ଓ ଭାରତବାସୀ ମୋର ଭାଇ, ଭାରତବାସୀ ମୋର ପ୍ରାଣ, ଭାରତବାସୀ ମୋର ଈଶ୍ୱର, ଭାରତର ସମାଜ ମୋର ଶିଶୁଶଯ୍ୟା, ମୋର ଯୌବନର ଉପବନ, ବାର୍ଦ୍ଧକ୍ୟର ବାରାଣସୀ ବୋଲି କହିଥିବା ଭାରତୀୟ ମନୀଷୀ ସ୍ୱାମୀ ବିବେକାନନ୍ଦଙ୍କ ଚିକାଗୋ ଧର୍ମ ମହାସଭାର ବକ୍ତବ୍ୟ ।ସ୍ୱାମୀ ବିବେକାନନ୍ଦ ଲୋକସଂସଦ




ଓଡ଼ିଶା ବାଲେଶ୍ୱର ଜିଲ୍ଲା ତରଫରୁ ନୀଳଗିରି ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟରେ ଅନୁଷ୍ଠିତ ସମାରୋହରେ ବକ୍ତାଗଣ ପ୍ରକାଶ କରିଛନ୍ତି । ନୀଳଗିରି ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅତିଥି ଭାବରେ ଜୁନିଅର ମହିଳା ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ କାର୍ତ୍ତିକ ଚନ୍ଦ୍ର ସାହୁ, ଗୃହବିଜ୍ଞାନର ବରିଷ୍ଠ ଅଧାପିକା ଶ୍ରୀମତୀ ମମତା ବରାଳ, ଇଂରାଜୀ ବିଭାଗର ବରିଷ୍ଠ ଅଧାପିକା ମଣିମାଳା ବିଶ୍ୱାଳ, ରାଜନୀତି ବିଭାଗର ଅଧାପିକା ମୌସୁମୀ ଭୋଳ ଯୋଗଦାନ କରିଥିବାବେଳେ ବକ୍ତାଭାବରେ ସ୍ୱାମୀ ବିବେକାନନ୍ଦ ଲୋକସଂସଦ ବାଲେଶ୍ୱର ଜିଲ୍ଲାର ସହ ସମ୍ପାଦକ ଓ ଆଜୀବନ ସଦସ୍ୟ ଶ୍ରୀଯୁକ୍ତ ହରେକୃଷ୍ଣ ଗିରି ଉପସ୍ଥିତ ରହିଥିଲେ । ପ୍ରାରମ୍ଭରେ ବିବେକବାଣୀ ପଠନ ପୂର୍ବକ ମଞ୍ଚ ଆହ୍ୱାନ କରିଥିଲେ ଅଧାପକ ଡ.ପ୍ରଦୀପ୍ତ କୁମାର ମିଶ୍ର । ଛାତ୍ରୀମାନଙ୍କ ମଧ୍ୟରେ ଲିଜାଶ୍ରୀ ସାହୁ ବିବେକାନନ୍ଦଙ୍କ ଜୀବନୀ ଉପରେ ଏକ ପ୍ରବନ୍ଧ ପାଠ କରିଥିଲେ । ଅନ୍ତିମ ପର୍ଯ୍ୟାୟରେ ଅଧାପିକା ମୌସୁମୀ ଭୋଳ ଧନ୍ୟବାଦ ଦେଇଥିବାବେଳେ ଛାତ୍ରୀମାନଙ୍କ ଦ୍ୱାରା ବନ୍ଦେ ମାତରମ୍ ଗାନ କରାଯାଇଥିଲା । ଏଥିରେ ମହାବିଦ୍ୟାଳୟର ଶତାଧିକ ଛାତ୍ରୀ ଯୋଗଦାନ କରିଥିବାବେଳେ ସମସ୍ତ କର୍ମଚାରୀ ଯୋଗଦେଇଥିଲେ ।

# ଜିଲାସ୍ତରୀୟ ମେଳା: ଉଦ୍‌ଯାପନୀ ଦିବସରେ ୯୭ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ



କେନ୍ଦୁଝରଗଡ଼: ,୩୦।୦୧(ନି.ପ୍ର): ମାଇନିଂରୋଡସ୍ଥିତ ଓଡିଶା ଖଣି ଓ ଯାନ୍ତ୍ରୀକ ବିଦ୍ୟାଳୟ କେନ୍ଦୁଝରର ଖେଳ ପଡ଼ିଆରେ ଗୁରୁବାର ଜିଲାସ୍ତରୀୟ ନିଯୁକ୍ତି ମେଳା ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ଆନନ୍ଦପୁର, ହାଟଡିହି, ଘସିପୁରା, ଘଟଗାଁ ଓ ହରିଚନ୍ଦନପୁର ବ୍ଲକର ୮୭୯ଜଣ ଯୁବକ ଯୁବତୀ ସେମାନଙ୍କ ନାମ ପଞ୍ଜିକୃତ କରିଥିଲେ । ସେଥିମଧ୍ୟରୁ ୯୭ଜଣଙ୍କୁ ଜିଲାରେ କାର୍ଯ୍ୟକ୍ଷମ ଜେଏସ୍‌ଡବ୍ଲ୍ୟୁ, ଆର୍ଯ୍ୟା ଆଇରନ ଆଣ୍ଡ ଷ୍ଟିଲ, ରୁଙ୍ଗଟା ସ୍ୱଞ୍ଜ ଆଇରନ ଲିଃ, ଏମ୍‌ଏସ୍‌ପି ସ୍ୱଞ୍ଜ, ଓଡିଶା ସ୍ୱଞ୍ଜ, ବିଆରପିଏଲ, ଆର୍ଡେଣ୍ଟ ଷ୍ଟିଲ, ଶ୍ରୀମେଟାଲିକ୍ସ, ଦି ୱାଲ୍ଡ ଭଳି ବହୁ କମ୍ପାନୀ ପକ୍ଷରୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି ବୋଲି ଜିଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଗଣେଶ୍ୱର ନାୟକ କହିଛନ୍ତି । ଜିଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟର ୟଙ୍ଗ ପ୍ରଫେସନାଲ ବିଶାଲ ଜୟସ୍ୱାଲଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଦୁଇଦିନିଆ ନିଯୁକ୍ତି ମେଳାକୁ କନିଷ୍ଠ ନିୟୋଜନ ଅଧିକାରୀ ବିଜୟଲକ୍ଷ୍ମୀ ନାୟକ, ବରିଷ୍ଠ ସହାୟକ ଅରୁଣ କୁମାର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ ।

# ଗ୍ରାମ୍ୟ ରାସ୍ତାରେ ଭାରିଯାନ ଚଳାଚଳକୁ ବିରୋଧ

ଜଳେଶ୍ୱର ୩୦/୧(ନିପ୍ର) ଜଳେଶ୍ୱର ବ୍ଲକର ରାଇବଣିଆ ଏକ ଆଦିବାସୀ ତଥା ଅନୁନ୍ନତ ଅଞ୍ଚଳ ଭାବେ ପରିଚିତ ଏଠାରେ ବହୁ ସରକାରୀ ଜାଗା ରହିଛି । ଅନେକ ଲୋକ ଅଶିକ୍ଷିତ ଥିବାରୁ କେତେକ ଠିକାଦାର ରେଳବାଇକୁ ମାଟି, ମୋରମ ଯୋଗାଇବା ନାଁରେ ଲୋକ ମାନଙ୍କୁ ପ୍ରଲୋଭିତ କରି ତାଙ୍କ ଜମିରୁ ମାଟି ଓ ସରକାରୀ ସ୍ଥାନରୁ ମୋରମ ବିନା ପରମିଟ ରେ ଶହ ଶହ ଭାରୀଯାନରେ ଚାଲାଣ କରୁଥିବା ଦେଖୁବାକୁ ମିଳୁଛି । ଚାପଲା ଛକଠାରୁ ଲକ୍ଷ୍ମଣନାଥ-ଅଗ୍ରୱାଲା ଛକ ପର୍ଯ୍ୟନ୍ତ ରାସ୍ତା ଗ୍ରାମ୍ୟ ସଡକ ଅଧୀନରେ ଥିବା ବେଳେ ଭାରି ଯାନ ଗୁଡିକ ରାତି ତମାମ ଚାଲୁ ଥିବାରୁ ଲୋକମାନେ ରାତିରେ ଶୋଇ ପାରୁ ନାହାନ୍ତି । ଏ ସମ୍ପର୍କରେ ଜଳେଶ୍ୱର ପଞ୍ଚାୟତ ସମିତି ବୈଠକରେ କେତେକ ନିର୍ବାଚିତ ପ୍ରତିନିଧ ଅଭିଯୋଗ କରିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ ଓ ଏପରିକି ବିଧାୟକ ଅଶ୍ୱିନୀ କୁମାର ପାତ୍ର ଉକ୍ତ ରାସ୍ତାରେ ଭାରୀ ଯାନ ଚଳାଚଳ ନିଷେଧ କରି ଫଳକ




ଲଗାଇବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ ଫଳ ଶୂନ୍ୟ । ସୂଚନାଯୋଗ୍ୟ, ଗତ ନଭେମ୍ବର ମାସରେ ସ୍ଥାନୀୟ ଗ୍ରାମବାସୀମାନେ ଏପରି ବେଆଇନ୍ ଚାଲାଣକୁ ବିରୋଧ କରି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଖଣି ବିଭାଗ ପକ୍ଷରୁ ଏଆ ?ଏସ୍‌ଏସ୍ କମ୍ପାନୀର ୧୧ଟି ଡମ୍ଫରକୁ ଅଟକ ରଖି ଜରିମାନା କରିଥିଲେ ମଧ ପରବର୍ତ୍ତୀ ସମୟରେ କମ୍ପାନୀ ଏହାର ଆଇନ କୁ ବେଆଇନ୍ ଭାବେ ଖୋଲା ଉଲଂଘନ କରିଛନ୍ତି । ଫୁ କରି ଦେଇଛି ଓ ପ୍ରତିଦିନ ଶହ ଶହ ଡମ୍ଫର ଏହି ରାସ୍ତାରେ ଚାଲୁ ଥିବାରୁ ଲୋକେ ଅସନ୍ତସ କରିଛନ୍ତି । ଖଣି, ଜଙ୍ଗଲ ଓ ରାଜସ୍ୱ ବିଭାଗର ବିନା ଅନୁମତିରେ ଏପରି କାର୍ଯ୍ୟ ପ୍ରତିଦିନ ଚାଲୁଥିବା ବେଳେ ପ୍ରଶାସନ ଏକ ପ୍ରକାର ନିଷ୍କ୍ରିୟ ହୋଇଥିବା ଦେଖୁବାକୁ ମିଳୁଛି । ଏହି ରାସ୍ତା କଡ଼ରେ ବିଭିନ୍ନ ବିଦ୍ୟାଳୟ, ବ୍ୟବସାୟ କେନ୍ଦ୍ର ରହିଥିଲେ ମଧ ଗ୍ରାମ୍ୟ ରାସ୍ତାରେ କିପରି ୧୨ ଚକିଆ ଭାରିଯାନ ଚାଲୁଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି ।ବୁଧବାର ରାତିରେ ଚମାର ଗାଁ ପଞ୍ଚାୟତର ଚାଫ୍ଲା ଛକ ନିକଟ କିଛି ରାସ୍ତା ସମ୍ପୂର୍ଣ ନଷ୍ଟ ହେବା ସହିତ ବିଭିନ୍ନ ସମୟ ରେ ରାସ୍ତାରେ ପଡ଼ିଥିବା ପାଣି ପାଇପ କୁ ମଧ ନଷ୍ଟ କରୁଛି ଫଳରେ ଲୋକେ ପାଣି ପାଇବାରୁ ବଞ୍ଚିତ ରହିଛନ୍ତି ଏବଂ ଲୋକଙ୍କ କାନ୍ଥ ଏବଂ ବାଡ଼ ମଧ ଭାଙ୍ଗି ଯାଇଛି ହୋଇଛି ଫଳରେ ଆଜି ଗ୍ରାମର ଲୋକେ ଉତ୍ତ୍ୟକ୍ତ ହୋଇ ଏକ ମାଟି ବୋଝେଇ ଡମ୍ଫର କୁ ଅଟକ ରଖିଛନ୍ତି ଏବଂ ସ୍ଥାନୀୟ ରାଇବଣିଆ ପୋଲିସ, ଜଳେଶ୍ୱର ତହସିଲଦାର, ଜିଲ୍ଲା ଖଣି ବିଭାଗ କୁ ଖବର କରିଥିଲେ । କିନ୍ତୁ କେହି ଘଟଣା ସ୍ଥଳକୁ ପହଞ୍ଚିନଥିଲେ ।ଗ୍ରାମବାସୀ ମାନଙ୍କ ମଧରୁ ଜୟନାରାୟଣ ବାଗ, ଅନନ୍ତ ବାଗ, ଲକ୍ଷ୍ମୀଧର ରାଉତ, ବାପୁନୁ ଚାନ୍ଦ, ଗୌରିଶଙ୍କର ପରିଡା, ଲକ୍ଷ୍ମୀକାନ୍ତ ଦାସ୍, ନନି ଗୋପାଲ ବାଗ, ଦୁର୍ଗାଶଙ୍କର ସେନାପତି ପ୍ରମୁଖ ଗ୍ରାମବାସୀ ଓ ପଥଚାରୀ ଏକଜୁଟ ହୋଇ ଏହାର ପ୍ରତିବାଦ କରିବା ସହିତ ବେଆଇନ୍ ମାଟି ଗାଡ଼ି ଅଟକ ରଖିଥିଲେ ।

# ଶହୀଦ ଦିବସ ପାଳନ ଉପଲକ୍ଷେ ମାଲ୍ୟାର୍ପଣ ଓ ନୀରବ ପ୍ରାର୍ଥନା କାର୍ଯ୍ୟକ୍ରମ

ଭଦ୍ରକ, ତା ୩୦/୧ : (ନି.ପ୍ର) ରିଖ । ଜାତିର ପିତା ମହାତ୍ମାଗାନ୍ଧୀଙ୍କ ପବିତ୍ର ତିରୋଧାନ ତିଥି ସହିଦ ଦିବସ ପାଳନ ଅବସରରେ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ନୀରବ ପ୍ରାର୍ଥନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଐତିହାସିକ ଗାନ୍ଧୀ ପଡ଼ିଆରେ ଅବସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ମୁଖ୍ୟ ଅତିଥିଭାବେ ମାଲ୍ୟାର୍ପଣ କରିଥିଲେ । ଗାନ୍ଧୀ ଓଡ଼ିଶା ବାଳାଶ୍ରମ ଓ ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟର ଅନ୍ତେବାସୀ, ଗାନ୍ଧୀ ବିଚାର ମଞ୍ଚ, ଗାନ୍ଧି ଶାନ୍ତି ପ୍ରତିଷ୍ଠାନ, ବରିଷ୍ଠ ନାଗରିକ ମହାସଂଘ, ସର୍ବୋଦୟ ମଣ୍ଡଳ ଆଦି ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟ, ଗଣମାଧମ ପ୍ରତିନିଧି ଏହିମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କାଙ୍କ ସଂଯୋଜନାରେ ଆୟୋଜିତ ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଓ ଭଦ୍ରକ ପୌରପାଳିକାର ନିର୍ବାହୀ ଅଧିକାରୀ ତାପସ କୁମାର ସାମଲ ପ୍ରମୁଖ ଭଦ୍ରକ ସହର ମୁଖ୍ୟ ରାସ୍ତାର ପାର୍ଶ୍ୱସ୍ଥ ସମସ୍ତ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଗାନ୍ଧୀ ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଗାନ୍ଧି ପଡ଼ିଆରେ ଅନୁଷ୍ଠିତ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ସମାଜସେବୀ ଅଜୟ କୁମାର ନାୟକ, ଶାନ୍ତନୁ ରାଉତ, ସୁଧାକର ରାଉତ, ରାଧାରାଣୀ ମହାପାତ୍ର, ଲଲାଟେନ୍ଦୁ ମହାପାତ୍ର, କୈଳାସ ଚନ୍ଦ୍ର ମହାପାତ୍ର, ଅତିସ୍ କୁମାର ବେହେରା, ଅମର କୁମାର ପାଣିଗ୍ରାହୀ, ଅଶୋକ କୁମାର ଦାସ, ପବନ ଶର୍ମା, ଏସ୍.ଏନ୍.ଫାରୁକ୍ ପ୍ରମୁଖ ଯୋଗ ଦେଇ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଏହି ଦିବସ ପାଳନ ଉପଲକ୍ଷେ ଠିକ୍ ଦିବା ୧୧ ଘଟିକାରେ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଅଧିକାରୀମାନଙ୍କୁ ନେଇ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳଙ୍କ ଉପସ୍ଥିତିରେ ୨ ମିନିଟ୍‌ର ନୀରବ ପ୍ରାର୍ଥନା କରାଯାଇଥିଲା ।

# ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଦ୍ୱାରା ପାଳିତ ହେଲା ୭୭ତମ ବଳିଦାନ ଦିବସ



ବାଲେଶ୍ୱର,୩୦।୦୧(ନି.ପ୍ର): ଜାତିର ପିତା ମହାତ୍ମା ଗାନ୍ଧୀଙ୍କର ୭୭ତମ ବଳିଦାନ ଦିବସ ପାଳନ ଅବସରରେ ଆଜି ସକାଳେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ଏକ ଶାନ୍ତି ସଦ୍ଭାବନା ପଦଯାତ୍ରା ସ୍ଥାନୀୟ ମିଶନ ସ୍କୁଲ୍ ପଡ଼ିଆ ଠାରୁ ଆରମ୍ଭ ହୋଇ ଶହିଦ୍ ପାର୍କଠାରେ ଶେଷ ହୋଇଛି । ସେଠାରେ ଗାନ୍ଧୀଙ୍କର ପ୍ରତିମୂର୍ତ୍ତିରେ ସମୂହ ମାଲ୍ୟାର୍ପଣ କରାଯାଇଅଛି । ପ୍ରତିଷ୍ଠାନର ଆବାହକ ମହମ୍ମଦ ଇସ୍‌ଲାମ୍ ଓ ଜିତେନ୍ଦ୍ର ଉପାଧ୍ୟାୟଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ପଦଯାତ୍ରାକୁ ପୁରୁଖା ଗାନ୍ଧୀବାଦୀ ପୁରୁଷୋତ୍ତମ କାମିଲା ଓ ଅବସରପ୍ରାପ୍ତ ଇଞ୍ଜିନିୟର ଡମ୍ବରୁଧର ପ୍ରଧାନ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଗାନ୍ଧୀ ଫଟୋଚିତ୍ର ସହ ରାମ୍‌ଧୂନ୍ ସଙ୍ଗୀତ ଗାନ କରି ସହର ପରିକ୍ରମା କରିଥିଲେ । ଶାନ୍ତି ଅହିଂସାର ମନ୍ତ୍ରରେ ସମଗ୍ର ଦେଶରେ ଏକ ଜନଜାଗରଣ ସୃଷ୍ଟି କରି ଆମ ଦେଶକୁ ସ୍ୱାଧୀନତା ପ୍ରଦାନ କରିବାରେ ଗାନ୍ଧୀଙ୍କର ଅବଦାନ ଓ ଗାନ୍ଧୀ ବିଚାରଧାରା ପାଇଁ ଆମ ଦେଶ ତାଙ୍କୁ ଜାତିର ପିତାର ଆସନରେ ବସାଇ ସମ୍ମାନିତ କରିଛି । କିନ୍ତୁ ଆଜିର ଦିନରେ ସେ ଆତତାୟୀର ଗୁଳିରେ ପ୍ରାଣ ବଳି ଦେଇଥିଲେ । ତତ୍କାଳୀନ ଭାରତ ସରକାର ତାଙ୍କର ସ୍ମୃତିରେ ଆଜିର ଦିବସକୁ ଶହୀଦ୍ ବଳିଦାନ ଦିବସ ରୂପେ ଘୋଷଣା କରିଥିଲେ । ଏହି ଅବସରରେ ଶହୀଦ୍ ପାର୍କ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ା, ଶ୍ରମିକ ନେତ୍ରୀ ଯଶୋଧାରା ଦାସ, ଗାନ୍ଧୀବାଦୀ ପ୍ରତିମା ପଣ୍ଡା, କବିତା ଦାସ, ଜିତେନ୍ଦ୍ର ଉପାଧ୍ୟାୟ, ମହମ୍ମଦ ଇସଲାମ, ପୁରୁଷୋତ୍ତମ କାମିଲା, ଡମ୍ବରୁଧର ପ୍ରଧାନ, ସକିଲା ବାନୋ, ସୋହା ନାଜ୍, ଗୌରୀରାଣୀ ଉପାଧ୍ୟାୟ, ତୁଷାରକାନ୍ତି ମହାପାତ୍ର, ଗୌରୀଶଙ୍କର ପରିଡ଼ା ପ୍ରଣିତା ମିଶ୍ର, ପଦ୍ମଲୋଚନ ଲେଙ୍କା, ବିକାଶ ଦାଶ, କଲ୍ୟାଣୀ ନନ୍ଦ, ଅଶ୍ରୀତା ତରେଇ, ମିନତୀ ସେଠୀ, ସରସ୍ୱତୀ ପଣ୍ଡା, ସଞ୍ଜୁକ୍ତା ବେହେରା, ସନ୍ତୋଷ କୁମାର ସେନ୍, ନାଜିର ଅଲ୍ଲୀ, ସୟଦା ଅଖତରୀ ପ୍ରମୁଖ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

# ଦିବାକର ମେମୋରିଆଲଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ

ବାସୁଦେବପୁର, ୩୦/୦୧ (ନି.ପ୍ର) ପୌର ପାଳିକା ଅନ୍ତର୍ଗତ ସୁଙ୍ଗୁଡା ନୀଳମଣି ମିନି ଷ୍ଟାଡିୟମରେ ଶ୍ରୀ ଗଣେଶ କ୍ଲବ୍ ଆନୁକୁଲ୍ୟରେ ଆୟୋଜିତ ଦିବାକର ମେମୋରିଆଲ ଫୁଟବଲ ଟୁ ର୍ଣାମେଣ୍ଟ ର ଦ୍ୱିତୀୟ ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇ ଯାଇଛି । ଏହି ଖେଳରେ ଅଂଶ ଗ୍ରହଣ କରିଥିଲେ ପଶ୍ଚିମ ବଙ୍ଗ ର କୋଲାଘାଟ ଓ ଖୋର୍ଦ୍ଧା ଡାଇମଣ୍ଡ କ୍ଲବ୍ । କୋଲାଘାଟ ଟିମ୍ ଡା ଇମଣ୍ଡ କ୍ଲବ୍ ଖୋର୍ଦ୍ଧା କୁ ହରାଇ ୫-୦ ଗୋଲ୍ ରେ ବିଜୟ ଲାଭ କରିଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବିଶିଷ୍ଟ ଆଡଭୋକେଟ୍ ଓ ସମାଜସେବୀ ବିଜୟ ପାଣିଗ୍ରାହୀ ବାଲେଶ୍ୱର । ମୁଖ୍ୟ ଅତିଥି ଶ୍ରୀ ପାଣିଗ୍ରାହୀ ତାଙ୍କ ବକ୍ତବ୍ୟରେ କହିଲେ ସ୍ୱାଧିନତା ସଂଗ୍ରାମର ପବିତ୍ର ମାଟି ବାସୁଦେବପୁର ସମଗ୍ର ଓଡ଼ିଶା ତଥା ଭାରତ ବର୍ଷରେ ଇତିହାସ ସୃଷ୍ଟି କରିଛି । ଏଠାରେ ଖେଳ, ସାହିତ୍ୟ, ଶିକ୍ଷା, ପରମ୍ପରା ଓ ସଂସ୍କୃତି କ୍ଷେତ୍ରରେ ଅନେକ ସମ୍ଭାବନା ରହିଛି । ସମ୍ମାନିତ ଅତିଥି



ଭାବେ ଯୋଗ ଦେଇଥିଲେ ସମାଜସେବୀ ଭବାନୀ ଶଙ୍କର ପଣ୍ଡା, ସମାଜସେବୀ ରାଜେନ୍ଦ୍ର କୁମାର ମହାନ୍ତି,ନରସିଂହପୁର ପଂଚାୟତର ସରପଞ୍ଚ ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ଶ୍ରୀ ଗଣେଶ କ୍ଲବ୍ ସଭାପତି ଗୌରାଙ୍ଗ ଚନ୍ଦ୍ର ବେହେରା, ସମ୍ପାଦକ ସୁବାସ ଚନ୍ଦ୍ର ନାୟକ ଓ ସହ ସମ୍ପାଦକ ହୃଷୀକେଶ ସାହୁ । ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ ସାମ୍ବାଦିକ ଉଦୟ ଜେନା ଓ ରଞ୍ଜନ ନାୟକ । ଖେଳ ପରିଚାଳନା କରିଥିଲେ ମାନସ ବିଶ୍ୱାଳ, ରାମ ଚନ୍ଦ୍ର ବେଶ୍ରା ଓ ଗଣେଶ୍ୱର ସିଂହ । କ୍ଲବର ଉପଦେଷ୍ଟା ଦେବେନ୍ଦ୍ର ପ୍ରସାଦ ମହାନ୍ତି ଓ ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ । ଆସନ୍ତା କାଲି ଶୁକ୍ରବାର ଫାଇନାଲ ଖେଳ ଅନୁଷ୍ଠିତ ହେବ ।

# ଭିନ୍ନକ୍ଷମ ଓ ଗରିବଙ୍କୁ ପିଣ୍ଟୁ ବଣ୍ଟନ କଲେ ଖାଦ୍ୟ ଓ ବସ୍ତ୍ର

ବାସୁଦେବପୁର, ୩୦/୦୧ (ନି.ପ୍ର) ବାସୁଦେବପୁର ବ୍ଲକ ଅନ୍ତର୍ଗତ ନାୟିକାଣୀଡିହି ଠାରେ ଗରୁଡେଶ୍ୱର ମନ୍ଦିର ପରିସରରେ ବିଶିଷ୍ଟ ସମାଜ ସେବୀ ରତିକାନ୍ତ ପ୍ରଧାନ ଓରଫ୍ ପିଣ୍ଟୁ ଶାରୀରିକ ଭିନ୍ନ କ୍ଷମ ଓ ଦୁଃଖୀ ଅସହାୟ ଗରିବ ଲୋକଙ୍କୁ ଖାଦ୍ୟ ଓ ବସ୍ତ୍ର ବଣ୍ଟନ କରିଛନ୍ତି । ଚୁଡ଼ା, ବିସ୍କୁଟ, ଫଳ ,ଶାଢ଼ୀ, ଚାଦର ଓ ଅନ୍ୟାନ୍ୟ ସାମଗ୍ରୀ ସମାଜ ସେବୀ ପିଣ୍ଟୁ ବାବୁ ଗରିବ ଲୋକଙ୍କୁ ବଣ୍ଟନ କରିଥିଲେ । ପିଣ୍ଟୁ ପ୍ରଧାନ ତାଙ୍କର ପିତା ମାତା ଙ୍କ ଆଶୀର୍ବାଦରୁ ଉପଯୁକ୍ତ କର୍ମ କରି କର୍ତ୍ତବ୍ୟ କ୍ଷେତ୍ରରେ ଆଗେଇ ଚାଲିଛନ୍ତି । ଆଗାମୀ ଦିନରେ ପିଣ୍ଟୁ ହଜାର ହଜାର ଗରିବ ଲୋକଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଦେବେ ବୋଲି ଗଣ ମାଧମ ସାମ୍ନାରେ ପ୍ରକାଶ କରିଛନ୍ତି । ମାନବ ସେବା ମୋ ପାଇଁ ଖୁବ୍ ମହାନ୍ କାର୍ଯ୍ୟ ବୋଲି ସମାଜସେବୀ ଶ୍ରୀ ପ୍ରଧାନ କହିଛନ୍ତି । ମେଡ଼ିକାଲରେ ରୋଗୀ ମାନଙ୍କୁ ଦେଖିଲେ ଓ ଦୁଃଖୀ ଅସହାୟ ମାନେ କଷ୍ଟ ପାଇଲେ କିମ୍ବା କୌଣସି ବ୍ୟକ୍ତି ଦୁଃଖ କଷ୍ଟ ଯନ୍ତ୍ରଣା ରେ ରହିଲେ ପିଣ୍ଟୁ ଙ୍କ ଆଖିରୁ ଲୁହ ଗଡି ଆସେ । ପିଣ୍ଟୁ ଜୀବନ ଥିବା ପର୍ଯ୍ୟନ୍ତ ଯୁଗ ଯୁଗ ଧରି ନିଜ ଜନ୍ମ ଭୂମି ଓ କର୍ମ ଭୂମି ରେ ଜନସାଧାରଣ ଙ୍କ ସେବା କରି ଚାଲିବେ । ଏଥିରେ ସନ୍ଦେହ ନାହିଁ । ଏହି ସେବା କାର୍ଯ୍ୟ ପାଇଁ ପିଣ୍ଟୁ ଙ୍କୁ ଅନେକ ଅନୁଷ୍ଠାନ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ଉଚ୍ଚ ପ୍ରଶଂସା କରିଛନ୍ତି ।



# ନୂତନ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟରେ ଯୋଗଦାନ

ବାରିପଦା,୩୦।୦୧(ନି.ପ୍ର): ଆଜି ମୟୁରଭଞ୍ଜ ଜିଲ୍ଲାର ନୂତନ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଭାବରେ ଶ୍ରୀଯୁକ୍ତ କୁଶ ଚନ୍ଦ୍ର ନାୟକ ଦାୟିତ୍ୱ ଗ୍ରହଣ କରି ଥିବାର ଜଣାଯାଇଛି । ସେ ଏହା ପୂର୍ବରୁ ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି କୃଷି ଜିଲ୍ଲା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ । ପଦନ୍ନୋତି ପାଇ ମୟୁରଭଞ୍ଜ ଜିଲ୍ଲାରେ ଯୋଗଦାନ କରିଛନ୍ତି । କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଓ ବିଭିନ୍ନ କୃଷି ଯୋଜନା କିପରି ପ୍ରତ୍ୟେକ ଚାଷୀଙ୍କ ପାଖରେ ପହଂଚି ପାରିବ ସେଥିପାଇଁ ଯଥାସାଧ



ଉଦ୍ୟମ କରିବେ ବୋଲି ପ୍ରକାଶ କରିଛନ୍ତି । ତାଙ୍କୁ ଆଜି ଅଫିସର ସମସ୍ତ ଅଧିକାରୀ, କର୍ମଚାରୀ, ଜିଲ୍ଲାର କୃଷି ଓଭରସିଅର ସଂଘ, ଗ୍ରାମ୍ୟ କୃଷି କର୍ମଚାରୀ ସଙ୍ଘ ଓ ଆତ୍ମା କର୍ମଚାରୀ ସଂଘ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରା ଯାଇଥିବାର ଜଣା ଯାଇଛି ।

## AFFIDAVIT

An affidavit before the executive Magistrate Balasore, I, Gopal Marandi, aged about 67 yrs., S/o- Late Ratan Marandi, At- Badakhua (Gopinathpur), P.o.- Parikhi, P.s.- Sadar, Dist- Balasore declare that my nick name is Guruba marandi which has been wrongly mentioned in my LIC policy No- 588498230. But my actual name is Gopal Marandi which has recorded in my Aadhar Card and Bank Pass book & in all my other documents. That Guruba Marandi and Gopal Marandi is same & one person. Henceforth I will be known as Gopal Marandi in all purpose.

**Gopal Marandi**

ଶୁକ୍ରବାର, ଜାନୁଆରୀ ୩୧, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ନୀଳଗିରି ପୋଲିସ ପକ୍ଷରୁ ସହୀଦ ଦିବସ ପାଳିତ

ନୀଳଗିରି -୩୦/୧(ନି.ପ୍ର), ପରାଧୀନ ଭାରତରେ ଯେଉଁ ମହାମନିଷୀ ମାନଙ୍କର ଦେଶପ୍ରୀତି, ସଂଗ୍ରାମ ଓ ବଳିଦାନ ପାଇଁ ଭାରତବର୍ଷ ସ୍ୱାଧୀନତା ହାସଲ କରିଥିଲା ସେମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ଜାତିରପିତା ମହାତ୍ମା ଗାନ୍ଧୀ ଅନ୍ୟତମ। ଅହିଂସା ମାର୍ଗରେ ଦେଶପ୍ରେମ ଜାଗ୍ରତ କରି ଇଂରେଜ ମାନଙ୍କୁ ଦେଶ ଛାଡ଼ିବାକୁ ବାଧ କରିଥିଲେ। ଏପରି ମହାମାନବଙ୍କୁ ୧୯୪୮ମସିହା ଜାନୁଆରୀ ୩୦ତାରିଖରେ ଜଣେ ଆତତାୟୀ ଗୁଳିରେ ମୃତ୍ୟୁବରଣ କରିବାକୁ ପଡ଼ିଥିଲା। ତାଙ୍କର ଏହି ମହାପ୍ରୟାଣ ଦିବସକୁ ପ୍ରତିବର୍ଷ ଜାନୁଆରୀ ୩୦ତାରିଖରେ ଦେଶମାତୃକା ସହିଦ ଦିବସ ଭାବରେ ପାଳନ କରିଆସୁଛି। ଏହି ଉପଲକ୍ଷେ ନୀଳଗିରି ଉପଖଣ୍ଡ ପୋଲିସ, ଥାନା ପରିସରରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଏହି ଅବସରରେ ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣଙ୍କ ସହିତ ସବ୍ ଇନ୍ସପେକ୍ଟର ଦିଲ୍ଲୀପ ସେନାପତି, ଚିତ୍ତରଞ୍ଜନ ନାୟକ, ଜିତେନ୍ ନାୟକ, ଭାଗବତ ରାଉତ, ଅନନ୍ତ ମୁର୍ମୁଙ୍କ ସମେତ ସମସ୍ତ କର୍ମଚାରୀ ସାମିଲ ଥିଲେ।



# ସରପଂଚଙ୍କ ଡ଼ିଜିଟାଲ ସ୍ୱାକ୍ଷରତା କାର୍ଯ୍ୟକ୍ରମ ଉଦ୍‌ଯାପିତ

## ସୁଦୃଢ଼ିକରଣ ହେବ ସ୍ଥାନୀୟ ଶାସନ ବ୍ୟବସ୍ଥା




ଉଦଳା,୩୦/୦୧(ନି.ପ୍ର)- ଗୋପବନ୍ଧୁନଗର ବ୍ଲକ କାର୍ଯ୍ୟାଳୟର ସଦ୍‌ଭାବନା ଗୃହ ପରିସରରେ ଚଳିତ ଜାନୁଆରି ୨୮ ତାରିଖ ମଙ୍ଗଳବାର ଠାରୁ ଆରମ୍ଭ ହୋଇଥିବା ଡ଼ିଜିଟାଲ ସ୍ୱାକ୍ଷରତା କାର୍ଯ୍ୟକ୍ରମ ଆଜି ୩୦ ତାରିଖ ଗୁରୁବାର ଦିନ ଉଦ୍‌ଯାପିତ ହୋଇ ଯାଇଛି । ୩ ଦିନ ଧରି ଚାଲିଥିବା ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଗୋପବନ୍ଧୁନଗର ବ୍ଲକର ୧୩ ଜଣ ଓ ଖୁଂଟା ବ୍ଲକର ୧୪ ଜଣ ସରପଂଚଙ୍କ ସମେତ ଟେକନିକାଲ ସାପୋର୍ଟ ଯୋଗାଇଦେବା ପାଇଁ ୮ ଜଣ ସ୍ୱେଚ୍ଛାସେବି ତାଲିମ ନେଇଛନ୍ତି । ଉଦ୍‌ଯାପନି ଉତ୍ସବରେ ଗୋପବନ୍ଧୁନଗର ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୃଥିରାଜ ପରିଡ଼ା ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଏହାଦ୍ୱାରା ସ୍ଥାନୀୟ ଶାସନ ବ୍ୟବସ୍ଥା ସୁଦୃଢ଼ିକରଣ ହେବ ବୋଲି ବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମ ଆୟୋଜନର ନେତୃତ୍ୱ ନେଇଥିବା ଜନଜାଗୃତି ମଂଚର ଟିମ୍ ଲିଡ଼ର ଗଦାଧର ଦାଶ ଉତ୍ସବରେ ଅଧକ୍ଷତା କରି ସାମାଜିକ ଗଣମାଧମ ପ୍ଲାଟଫର୍ମ ଗୁଡ଼ିକୁ ସଠିକ୍ ଭାବେ ବୁଝିବା ଏବଂ ବ୍ୟବହାର କରିବା, ସାମୂହିକ ସମସ୍ୟା ଗୁଡ଼ିକୁ ଚିହ୍ନଟ କରିବା ଏବଂ ସାମାଜିକ ଗଣମାଧମରେ ଉପସ୍ଥାପନ କରିବା, ରାଜ୍ୟସରକାର ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଓ ପଦକ୍ଷେପ ବିଷୟରେ ଜ୍ଞାନଲାଭ କରିବା, ସରକାରୀ କର୍ମଚାରୀ ମାନଙ୍କ ସହ ସମ୍ପର୍କସ୍ଥାପନ କରିବା ସହିତ ବିଭାଗୀୟ ଅଧିକାରୀ ମାନଙ୍କୁ ଟ୍ୟାଗ କରିବା ଉକ୍ତ ପ୍ରଶିକ୍ଷଣର ଉଦେଶ୍ୟ ବୋଲି ବ୍ୟକ୍ତ କରିଥିଲେ । ଓଡ଼ିଶା ଶ୍ରମଜୀବି ମଂଚ ଓ ମହିଳା ଶ୍ରମଜୀବି ମଂଚ, ଓଡ଼ିଶା ଏହାର ପରିଚାଳନା ଦାୟିତ୍ୱ ନେଇଥିବା ବେଳେ ଆତ୍ମଶକ୍ତି ଟ୍ରଷ୍ଟ ପ୍ରଯୁକ୍ତି ସହଭାଗୀ ଦାୟିତ୍ୱ ତୁଲାଇଥିଲେ । ପ୍ରଶିକ୍ଷକ ଭାବରେ ନିତ୍ୟାନନ୍ଦ ଥାନପତି, ସୋଫିଆ ଆକୋଇଜାମ, ସଂଦିପ କୁମାର ସ୍ୱାଇଁ, ସଂଗ୍ରାମ ପଟ୍ଟନାୟକ ଓ କପାଳ ମାର୍ଣ୍ଡି ତାଲିମ ପ୍ରଦାନ କରିଥିଲେ। ତାଲିମ ଗ୍ରହଣ କରିଥିବା ସରପଂଚ ମାନେ ନିଜ ନିଜର ଅନୁଭବ କଥନ ସମୟରେ ଉକ୍ତ ତାଲିମର ଆବଶ୍ୟକତା ବହୁ ପୁର୍ବରୁ ଥିଲା ବୋଲି କହିଥିଲେ । ପରେ ପ୍ରମାଣପତ୍ର ବଂଟନ ପର୍ବ ଆରମ୍ଭ ହୋଇଥିଲା । ସୁବ୍ରତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିବା ପରେ କାର୍ଯ୍ୟକ୍ରମର ଯବନିକା ପଡ଼ିଥିଲା । ଏହାକୁ ସଫଳ କରିବାରେ ଗୌତମ, ନିରୁପମା, ଆରତି, ଅଭିଲିପ୍ସା, ଭାରତୀ ଓ କାରୁକର ପ୍ରମୁଖ ସହଯୋଗ କରିଥିଲେ ।

# ଶହୀଦ ଦିବସ ଉପଲକ୍ଷେ ଦୁଇ ମିନିଟ ନୀରବ ପ୍ରାର୍ଥନା ଅନୁଷ୍ଠିତ



ବାଲେଶ୍ୱର, ତା: ୩୦/୦୧: (ନି.ପ୍ର) ଆଜି ସମଗ୍ର ଦେଶରେ ପାଳିତ ହେଉଥିବା ଶହୀଦ ଦିବସ ଉପଲକ୍ଷେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀମାନେ ନତମସ୍ତକ ହୋଇ ଦେଶର ମୁକ୍ତି ଆନ୍ଦୋଳନରେ ଝାସ ଦେଇ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିବା ସମସ୍ତ ଦିବଂଗତ ସଂଗ୍ରାମୀ ମାନଙ୍କୁ ସଶ୍ରଦ୍ଧ ସମ୍ମାନ ପ୍ରଦର୍ଶନ କରିଥିଲେ। ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ନୀରବ ପ୍ରାର୍ଥନା ସଭାରେ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ, ଉପଜିଲ୍ଲାପାଳ ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜେସିର୍କେଙ୍କ ସମେତ ସମସ୍ତ ବିଭାଗର କର୍ମଚାରୀ ବୃନ୍ଦ ଉପସ୍ଥିତ ରହିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ ପରିଚାଳନା କରିଥିଲେ।

# ମହାକୁମ୍ଭରେ ଦୁର୍ଘଟଣା ପରେ ସମଗ୍ର ମେଳା ଅଂଚଳରେ ନୋ -ଭେଇକିଲ ଜୋନ ଘୋଷଣା

ମହାକୁମ୍ଭନଗର ୩୦/୦୧ :-ପ୍ରୟାଗରାଜ ମହାକୁମ୍ଭରେ ସଙ୍ଗମ ନୋଜରେ ହୋଇଥିବା ଦଳାଚକଟା ପରେ ମେଳା ପ୍ରଶାସନ କଡା ପଦକ୍ଷେପ ନେଇ ପାଂଚଟି ବଡ ପରିବର୍ତ୍ତନ ଲାଗୁ କରାଯାଇଛି ।ବର୍ତ୍ତମାନ ସମଗ୍ର ମେଳା କ୍ଷେତ୍ରକୁ ନୋ-ଭେଇକିଲ ଜୋନ ଘୋଷଣା କରାଯାଇଛି,ଯେଉଁ କାରଣରୁ କୌଣସି ପ୍ରକାରର ଯାନ ଭିତରକୁ ଅନୁମତି ଦିଆଯିବ ନାହିଁ ।ସମଗ୍ର ମେଳା ଅଂଚଳକୁ ସମ୍ପୂର୍ଣ୍ଣ ନୋ ଭେଇକିଲ ଜୋନରେ ପରିଣତ କରି ସମସ୍ତ ପ୍ରକାର ଯାନଗୁଡିକର ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଯାଇଛି ।ବର୍ତ୍ତମାନ କୌଣସି ମଧ ସ୍ୱତନ୍ତ ପାସ ମଧରେ ଯାନଗୁଡିକର ପ୍ରବେଶ ମିଳିବ ନାହିଁ ।ଭକ୍ତଙ୍କ ସୁଗମ ଗତି ପାଇଁ ୱାନ-ୱେ ବ୍ୟବସ୍ଥା ଲାଗୁ କରାଯାଇଛି ।ପ୍ରୟାଗରାଜରୁ ସଟେ ଜିଲ୍ଲାରୁ ଆସୁଥିବା ଯାନଗୁଡିକୁ ଜିଲ୍ଲାର ସୀମାରେ ବନ୍ଦ ରହିଛି ।ଏହା ବ୍ୟତୀତ ୪ ଫେବୃଆରୀ ପର୍ଯ୍ୟନ୍ତ ସହରରେ ଚାରି ଚକିଆ ଯାନର ପ୍ରବେଶ ଉପରେ --ସମ୍ପୂର୍ଣ୍ଣ ନିଷେଧାଦେଶ ରହିବ।

# ଗାନ୍ଧିସ୍ମୃତି ପୀଠ ବାରିମୂଳଠାରେ ମହାତ୍ମା ଗାନ୍ଧିଙ୍କ ତିରୋଧାନ ଦିବସ ପାଳିତ

କେନ୍ଦ୍ରାପଡ଼ା, ୩୦ ଜାନୁଆରୀ(ହି.ସ.) –ଡେରାବିଶ ବ୍ଲକ ଅନ୍ତର୍ଗତ ବାରିମୂଳସ୍ଥିତ ଗାନ୍ଧିସ୍ମୃତି ପୀଠରେ ୭୮ତମ ସହିଦ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଧାମୋହନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାରିମୂଳ ପଂଚାୟତ ଉଚ୍ଚ ବିଦ୍ୟାଳୟ, ତିଲୋତମାଦେଇପୁରସ୍ଥିତ ନିମ୍ନ ପ୍ରାଥମିକ ବିଦ୍ୟାଳୟ, ଠାକୁରପାଟଣାସ୍ଥିତ ମର୍ଡର୍ଣ୍ଣ ପବ୍ଲିକ ସ୍କୁଲ ଓ ଜ୍ୟାଭିୟର ସ୍କୁଲର ଛାତ୍ରଛାତ୍ରୀ ତଥା ଶିକ୍ଷକ, ଶିକ୍ଷିକା ଓ କର୍ମଚାରୀମାନେ ପ୍ରଭାତଫେରି ସହ ରାମଧୂନ ଗାନ କରିଥିଲେ । ମୁଖ୍ୟ ଅତିଥି ରୂପେ ଡେରାବିଶ ମଣ୍ଡଳ ଶିକ୍ଷା ଅଧିକାରୀ ଯୋଗଦେଇ ପତାକା ଉତୋଳନ ପୂର୍ବକ ଗାନ୍ଧି ଦର୍ଶନ ଉପରେ ଆଲୋକପାତ କରିଥିଲେ । ଗାନ୍ଧିସ୍ମୃତି କମିଟିର ଆବାହକ ଆଇନଜୀବୀ ପ୍ରତାପ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ସମେତ ମୁଖ୍ୟବକ୍ତା ଭାବେ ଶିକ୍ଷକ ନେତା ପ୍ରଣବ କୁମାର ଜେନା, ବିଶିଷ୍ଟ ଅତିଥି ରୂପେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶିବ ରଞ୍ଜନ ସାହୁ, ସମ୍ମାନୀତ ଅତିଥି ରୂପେ ବାରିମୂଳ ପଂଚାୟତର ସରପଂଚ ପ୍ରତିନିଧି ଶୁଦ୍ଧଦେବ ବେହେରା, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଦେବଦତ ଶତପଥୀ, ସମାଜସେବୀ ପ୍ରସନ୍ନଜିତ ମହାନ୍ତି, ଶିକ୍ଷକ ଗିର୍ଦ୍ଧାରୀ ଚରଣ ପାତ୍ର ପ୍ରମୁଖ ଯୋଗଦେଇ ସତ୍ୟ ଅହିଂସାର ପୂଜାରୀ ମହାମାନବ ମହାତ୍ମା ଗାନ୍ଧିଙ୍କ ଜୀବନ ଦର୍ଶନକୁ ପ୍ରତ୍ୟେକ ଛାତ୍ରଛାତ୍ରୀ ଅଧ୍ୟୟନ କରିବା ସହ ଭବିଷ୍ୟତ ଜୀବନକୁ ଦେଶ ଓ ଜାତି ଗଠନରେ ସମର୍ପଣ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଗାନ୍ଧିବାଦୀ ଶିକ୍ଷକ କସ୍ତୁରୀ ଚରଣ ପାତ୍ରଙ୍କ ନେତୃତ୍ୱରେ ଗାନ୍ଧିଦର୍ଶନ ଆଧାରିତ ବକ୍ତୃତା, ସଙ୍ଗୀତ ଓ ନୃତ୍ୟ ଇତ୍ୟାଦି ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଥିଲା ।

# ଏସ୍.ଇ. ରେଳବାଇ ଟେଣ୍ଡର

ଟେଣ୍ଡର ନୋଟିସ୍ ନମ୍ବର: ଇ-ଟେଣ୍ଡର/୨୦୨୫/୦୩, ତାରିଖ ୨୯.୦୧.୨୦୨୫। ଡିଭିଜନାଲ ରେଲୱେ ମ୍ୟାନେଜର (ଇଞ୍ଜିନିୟର), ଏସ୍. ଇ. ରେଳବାଇ, ଖଡ଼ଗପୁର-୭୨୧୩୦୧ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଏବଂ ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଇ-ଟେଣ୍ଡର ଆହ୍ୱାନ କରାଯାଇଛି, ଉଲ୍ଲେଖିତ ତାରିଖରେ ୧୫.୦୦ ଘଣ୍ଟା ପୂର୍ବରୁ ଏବଂ ୧୫.୩୦ ଘଣ୍ଟାରେ ଖୋଲାଯିବ। କ୍ରମିକ ସଂଖ୍ୟା ଏବଂ ଟେଣ୍ଡର ନମ୍ବର; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ଆୟ ଟଙ୍କା: (୧) ଇ-କେଜିପି-ଏଚ୍.କ୍ୟୁ.-୦୩-୨୦୨୫; ସହକାରୀ ଡିଭିଜନାଲ ଇଞ୍ଜିନିୟର/ସେଟେଲମେଣ୍ଟ/ଖଡ଼ଗପୁରଙ୍କ ଅଧିକାରକ୍ଷେତ୍ରରେ ଖଡ଼ଗପୁରରେ କେନ୍ଦ୍ରୀକୃତ ଟେଲିକମ୍ ଷ୍ଟୋର ପାଇଁ ଗୋଦାମ ଏବଂ କାର୍ଯ୍ୟାଳୟ ନିର୍ମାଣ; ୧,୯୧,୫୮,୨୩୧.୦୬; ୨,୪୫,୮୦୦/- ୧,୯୧,୫୮,୨୩୧.୦୬; ୨,୪୫,୮୦୦/। (୨) E-KGP- ପୂର୍ବ-୦୬-୨୦୨୫; ବିଭାଗୀୟ ଯନ୍ତ୍ରୀ/ପୂର୍ବ/ଖଡ଼ଗପୁରଙ୍କ ଅଧିକାର କ୍ଷେତ୍ରରେ ଶାଲିମାର ଷ୍ଟେସନରେ ଏକ ନୂତନ ୬୦ ଶଯ୍ୟା ବିଶିଷ୍ଟ ରନିଂ ରୁମ୍ ନିର୍ମାଣ କାର୍ଯ୍ୟର କାର୍ଯ୍ୟକାରୀତା। (ଦ୍ୱିତୀୟ କଲ୍); ୩,୩୧,୨୪,୬୫.୨୬; ୩,୧୫,୬୦୦/। (୩) ଇ-କେଜିପି-ସାଉଥ୍-୦୬-୨୦୨୫; ହାଓଡା-ସାନ୍ତ୍ରାଗାଛି-ଆମତା ସେକ୍ସନରେ ସେତୁ ନମ୍ବର ୪ (୧ X ୩୦.୫ ମିଟର), ୬ (୧ X ୪୫.୭ ମିଟର), 20BAC (୧ X ୪୫.୭ ମିଟର), ୭୫ (୧ X ୩୦.୫ ମିଟର), ଖଡ଼ଗପୁର-ରୂପସା-ରାଜଲୁକା ସେକ୍ସନର ସେତୁ ନମ୍ବର ୧୬୮UP (୧ X ୧୨.୨ ମିଟର + ୩ X ୩୦.୫ ମିଟର), ୪୮SL (୨ X ୩୦.୫ ମିଟର), ୧୦୫SL (୩ X ୩୦.୫ ମିଟର), ସେତୁ ନମ୍ବର 30SL (୧ X ୩୦.୫ ମିଟର), 35SL (୧ X ୩୦.୫ ମିଟର), 85SL (୧ X ୪୫.୭ ମିଟର), 110SL (୧ X ୩୦.୫ ମିଟର), ୧୨୯SL (୨ X ୧୨.୨ ମିଟର PSC + 1 X ରେ ଷ୍ଟିଲ୍ ଗିର୍ଡର ସେତୁରେ ପାର୍ଶ୍ୱ ପଥ ନିର୍ମାଣ। ୩୦.୫ ମି), 135SL (୧ X ୪୫.୭ ମି), ତାମଲୁକ୍-ଦିଗା ବିଭାଗର ୧୬୦SL (୧ X ୪୫.୭ ମିଟର) ଏବଂ ROR- 5 (୧ X ୩୦.୫), ROR-୨ (୧ X ୪୫.୭m) ଏବଂ ୧୩୩A ROR (୧ X ୧୪.୭m) AXEN / BRL ଅନ୍ତର୍ଗତ ଖଡ଼ଗପୁର-ନିମ୍ପୁରା- ଟାଟାନଗର ବିଭାଗରେ ୪,୨୧,୦୩,୦୭୬.୦୧; ୩,୬୦,୫୦୦/- (୪) E-KGP-EAST-07-2025; ସାନ୍ତ୍ରାଗାଛିର କାର୍ଯ୍ୟ ସମ୍ପାଦନ: ଡିଭିଜନାଲ ଇଞ୍ଜିନିୟର/ପୂର୍ବାଞ୍ଚଳର ଅଧିକାରକ୍ଷେତ୍ର ଅଧୀନରେ ସାନ୍ତ୍ରାଗାଛି କୋଚିଂ ୟାର୍ଡର ରିସେପ୍ସନ ୟାର୍ଡରେ ପୂର୍ଣ୍ଣ ଲମ୍ୱ LHB ରେକଗୁଡ଼ିକର ପରୀକ୍ଷା ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ଯୋଗାଇବା ସହିତ ୦୨ ନମ୍ବର ଲାଇନ (ଲାଇନ୍ ନମ୍ବର ୪ ଏବଂ ୫) ଲମ୍ୱ ବୃଦ୍ଧି। (ଦ୍ୱିତୀୟ କଲ୍); ୧୫,୫୦,୩୬,୭୯୦.୬୫; ୯,୨୫,୨୦୦/-ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ: ପ୍ରତ୍ୟେକ ପାଇଁ ୦.୦୦। ଖୋଲିବାର ତାରିଖ ୧୧.୦୨.୨୦୨୫ ପାଇଁ ସିରିଏଲ ନମ୍ବର ୧, ୧୭.୦୨.୨୦୨୫ ପାଇଁ ସିରିଏଲ ନମ୍ବର ୨, ୧୮.୦୨.୨୦୨୫ ପାଇଁ ସିରିଏଲ ନମ୍ବର ୩ ଏବଂ ୨୦.୦୨.୨୦୨୫ ପାଇଁ ସିରିଏଲ ନମ୍ବର ୩। ୪. କାର୍ଯ୍ୟ ସମାପ୍ତି ଅବଧି: ସିରିଏଲ ନମ୍ବର ୧ ପାଇଁ ୧୨ ମାସ, ସ୍କିଲ ନମ୍ବର ୨ ପାଇଁ ୦୯ ମାସ ଏବଂ ସ୍କିଲ ନମ୍ବର ୩ ଏବଂ ୪ ପାଇଁ ୧୮ ମାସ। ନିଲାମ ଆରମ୍ଭ ତାରିଖ: ୧୭.୦୧.୨୦୨୫ରୁ ଏବଂ ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ ୧୧.୦୨.୨୦୨୫ ତାରିଖ ଦିନ ୧ ତାରିଖ ପାଇଁ, ୦୩.୦୨.୨୦୨୫ ରୁ ଏବଂ ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ ୧୭.୦୨.୨୦୨୫ ତାରିଖ ଦିନ ୨ ତାରିଖ ପାଇଁ, ୦୪.୦୨.୨୦୨୫ ତାରିଖ ଦିନ ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ ୧୮.୦୨.୨୦୨୫ ତାରିଖ ଦିନ ୩ ତାରିଖ ପାଇଁ ଏବଂ ୦୬.୦୨.୨୦୨୫ ତାରିଖ ଦିନ ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ ୨୦.୦୨.୨୦୨୫ ତାରିଖ ଦିନ ୪ ତାରିଖ ଦିନ ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟକରଣ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବରେ "www.ireps.gov.in" ପରିଦର୍ଶନ କରିପାରିବେ। (PR-1081)

# ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ



ବସ୍ତା, ୩୦.୧(ନିପ୍ର) ବସ୍ତା ବ୍ଲକ ଭେଲୋରା କ୍ଲଷ୍ଟର ଅନ୍ତର୍ଗତ କ୍ଷୀରୋଦାମଣି ପ୍ରାଥମିକ ବିଦ୍ୟାଳୟରେ 'ନିପୁଣ ଓଡ଼ିଶା ମେଳା' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଭେଲୋରା କ୍ଲଷ୍ଟର ସିଆରସି ଅସିତ୍ କୁମାର ଦାସ ସଭାପତିତ୍ୱ କରିଥିବା ବେଳେ, ମୁଖ୍ୟ ଅତିଥି ଭାବରେ ବସ୍ତା ସହ ଗୋଷ୍ଠୀ ଶିକ୍ଷ୍ୟାଧିକାରିଣୀ ବାସନ୍ତୀ ପୁଷ୍ଟି, ମୁଖ୍ୟ ବକ୍ତା ଭାବେ ବସ୍ତା ପଞ୍ଚାୟତ ସମିତି ଉପାଧକ୍ଷ ଦିଲ୍ଲୀପ କୁମାର ଦାସ ମହାପାତ୍ର, ବରେଣ୍ୟ ଅତିଥି ଭାବେ ସ୍ଥାନୀୟ ସମିତି ସଭ୍ୟ ଅନାଦି ଦାସ, ସରପଞ୍ଚ ଦୁର୍ଗାରାଣୀ ଜେନା ଯୋଗ ଦେଇ ବର୍ତ୍ତମାନ ଶିକ୍ଷାନୀତି, ଶିକ୍ଷାପଦ୍ଧତି ସହିତ ନିପୁଣ ଓଡ଼ିଶା ମେଳା, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମର ଆବଶ୍ୟକତା ଓ ଉପାଦେୟତା ବିଷୟରେ ଅଭିମତ ରଖିଥିଲେ। ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଲାଗିଥିବା ବିଭିନ୍ନ ଷ୍ଟଲ କୁ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ଶିକ୍ଷୟତ୍ରୀ ପରିଦର୍ଶନ କରିବା ସହିତ ନିଜ ନିଜର ବହୁ ମୂଲ୍ୟ ଅଭିମତ ରଖିଥିଲେ। ଶିକ୍ଷକ ଏସକେ ମୁସଲିମ ଧନ୍ୟବାଦ୍ ଅର୍ପଣ କରିଥିଲେ। ସେହିପରି ଜାମସୁଳି କ୍ଲଷ୍ଟର ଅଧିନସ୍ଥ ଜୟଚଣ୍ଡି ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଆରସିସି ଭବାନୀ ଶଙ୍କର ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଧାନ ଶିକ୍ଷୟତ୍ରୀ ଅଞ୍ଜୁଳତା ଦାସ ସଭାପତିତ୍ୱ କରିଥିବା ବେଳେ, ଅତିଥି ଭାବେ ମୁଖ୍ୟ ଅତିଥିଭାବେ ସୁଧାଂଶୁ ଶେଖର ବିଶ୍ୱାଳ, ମୁଖ୍ୟ ବକ୍ତା ଭାବେ ଅଧାପକ ନଗେନ୍ଦ୍ର ନାଥ ପାତ୍ର, ସମ୍ମାନୀୟ ଅତିଥି ଭାବେ ଅଚ୍ୟୁତାନନ୍ଦ ଗନ୍ତାୟତ, ହରପ୍ରିୟା ବିଶ୍ୱାଳ, ପ୍ରଶାନ୍ତ କୁମାର ଦାସ, ବିନୋଦିନୀ ପାଢ଼ୀ ଉପସ୍ଥିତ ଥିବା ବେଳେ ସୁଦୀପ କୁମାର୍ ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ। ସେହିପରି ବେଲି କ୍ଲଷ୍ଟର ପଖରୁ ଗୋପୀନାଥପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି, ଉକ୍ତ କାର୍ଯ୍ୟକ୍ରମ କୁ ଶିକ୍ଷକ ଅରୁଣ କୁମାର୍ ବାରିକ ସଭାପତିତ୍ୱ କରିଥିବା ବେଳେ ଅତିଥି ଭାବେ ରଘୁନାଥପୁର ପଞ୍ଚାୟତ ସରପଞ୍ଚ ଅନନ୍ତ ବାରିକ, ସମାଜ ସେବୀ ସରୋଜ କୁମାର ପାଳ, ସିଆରସିସି ତନଞ୍ଜୟ ପାଣିଗ୍ରାହୀ, ପ୍ରଧାନ ଶିକ୍ଷକ ସାହାଜାଦା ଖାଁ, ବରେନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ବାଲିଆପାଟି ୟୁବି ୟୁପି ବିଦ୍ୟାଳୟରେ ସିଆରସିସି ହରେନ୍ଦ୍ର ଗିରି ସଭାପତିତ୍ୱ କରିଥିବା ବେଳେ, ଅତିଥି ଭାବେ ପୁଟୁରା ସରପଞ୍ଚ ରାଧା କୃଷ୍ଣ ବେହେରା, ପରିଚାଳନା କମିଟି ର ଉପ ସଭାପତି ମଞ୍ଜୁଳତା ସାମନ୍ତ, ଶିକ୍ଷକ ଜ୍ଞାନରଞ୍ଜନ ଗିରି ପ୍ରମୁଖ ଯୋଗ ଦେଇ ଥିଲେ। ଅନୁରୂପ ଭାବେ ବରୁଣ ଗଡିଆ କ୍ଲଷ୍ଟର ବରୁଣ ଗଡିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମ କୁ ପ୍ରଧାନ ଶିକ୍ଷକ ଗିରିଶ ଚନ୍ଦ୍ର ବେହେରା ଅଧକ୍ଷତା କରିଥିଲେ, ଅତିଥି ଭାବେ ସ୍ଥାନୀୟ ସରପଞ୍ଚ କରୁଣାକର ମଲ୍ଲିକ, ଭବାନୀ ଜେନା, ଅତିରିକ୍ତ ସହ ଗୋଷ୍ଠୀ ଶିକ୍ଷାଧିକାରୀ ବାସନ୍ତୀ ପୁଷ୍ଟି, ସିଆରସିସି ଅରବିନ୍ଦ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ବାଲେଶ୍ୱର ଜିଲ୍ଲା କଂଗ୍ରେସ ତରଫରୁ ଗାନ୍ଧିଜୀଙ୍କ ତିରୋଧାମ ଦିବସ ପାଳିତ



ବାଲେଶ୍ୱର,୩୦।୦୧(ନି.ପ୍ର): ୩୦ ଜାନୁୟାରୀ ବାଲେଶ୍ୱର, ଜିଲ୍ଲା କଂଗ୍ରେସ ତରଫରୁ ଗାନ୍ଧିଜୀଙ୍କ ତିରୋଧାମ ଦିବସ ପାଳିତ ହୋଇ ଯାଇଅଛି ।ଜିଲ୍ଲା କଂଗ୍ରେସ ର ଗଣମାଧମ ଓ ଯୋଗାଯୋଗ ବିଭାଗର ଜିଲ୍ଲା ଅଧକ୍ଷ ବିକାଶ କୁମାର ଦାସଙ୍କ ପରିଚାଳନା ରେ ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ବରିଷ୍ଠ କଂଗ୍ରେସ ନେତା ତଥା ବାଲେଶ୍ୱର ମ୍ୟୁନିସିପାଲଟି ୱାଡ ସଦସ୍ୟ ପଦ୍ମଲୋଚନ ଲେଙ୍କା, ଯୁବନେତା ସରୋଜ ଲେଙ୍କା, ବିଦ୍ୟାଧର ମହାନ୍ତି, ସୂର୍ଯ୍ୟ କୁମାର ସେନ, ସନ୍ତୋଷ କୁମାର ଦାସ, ସେକ ଆଦିଲ ପ୍ରମୁଖ ପ୍ରଥମେ ସ୍ଥାନୀୟ ସିନେମା ଛକ ସହିଦ ପାର୍କ କୁ ଯାଇ ସେଠାରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରି, ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଆସି ଫୋଟ ଚିତ୍ରରେ ପୁଷ୍ପାଞ୍ଜଳି ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୂର୍ବତନ ବିଧାୟକ ଶ୍ରୀ ଜେନା ତାଙ୍କ ବକ୍ତବ୍ୟରେ କହିଥିଲେ ଗାନ୍ଧୀଜୀଙ୍କ ଆଦର୍ଶରେ ସମସ୍ତ କଂଗ୍ରେସ କର୍ମୀ ନେତା ମାନେ କୌଣସି ବି ପରିସ୍ଥିତିରେ ପରିବର୍ତ୍ତନ ନହୋଇ ଅହିଂସା ସତ୍ୟ ନ୍ୟାୟ ଦ୍ୱାରା ନିଷ୍ପେସିତ ନିଶ୍ୱ ବ୍ୟକ୍ତି ମାନଙ୍କ ପାଇଁ ଲଢ଼ିବା ଉଚିତ୍। ସବୁ ଧର୍ମ ସବୁ ଜାତି କୁ ସମାନ ଅଧିକାର ମିଳିବା ଉଚିତ। ଏଥିପାଇଁ ଆଜି ସମସ୍ତ କଂଗ୍ରେସ କର୍ମୀ ଲଢ଼ିବା ପାଇଁ ଆଜିଦିନରେ ଶପଥ ନେବା ଉଚିତ୍ ।ଉପସ୍ଥିତ ସମସ୍ତେ ମହାତ୍ମା ଗାନ୍ଧୀ ଅମର ରହେ ଧ୍ୱନି ଦେଇ ପୁଷ୍ପାଞ୍ଜଳି ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# ଫକୀର ମୋହନ ଆବାସିକ ବିଦ୍ୟାଳୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ



ବାଲେଶ୍ୱର,୩୦।୦୧(ନି.ପ୍ର): ସମ୍ବଲପୁର ଠାରେ ଗଡି ଉଠିଥିବା ଫକୀର ମୋହନ ଆବାସିକ ବିଦ୍ୟାଳୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇ ଅଛି। ଅନୁଷ୍ଠାନ ର ସମ୍ପାଦକ ବିଶ୍ୱଜିତ ପଟ୍ଟନାୟକଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ସମୟର ଚକ୍ର ସମ୍ପାଦକ ସର୍ବେଶ୍ୱର ଜେନା, ମୁଖ୍ୟ ବକ୍ତା ବିଜୟ କୁମାର ପରିଡା, ପ୍ରଧାନ ଶିକ୍ଷକ ମନୋଜ କୁମାର ପଣ୍ଡା ଯୋଗଦେଇ ମସଲା ଜଳାଇ ଉଦଘାଟନ କରି କ୍ରୀଡା କ୍ଷେତ୍ରରେ ମେଜର ଧ୍ୟାନଚାନ୍ଦଙ୍କ କଥା ଉଦାହରଣ ଦେଇ ଅନେକ ଛାତ୍ରଛାତ୍ରୀ ମାନଙ୍କ ମାନସିକ ଶାରୀରିକ ବିକାଶ ପାଇଁ କ୍ରୀଡା ଅଭ୍ୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି କହିଥିଲେ ଆଧୁନିକ ଶିକ୍ଷା ପଧତିକୁ ଗୁରତ୍ୱ ଦେଇ କ୍ରୀଡା କ୍ଷେତ୍ରରେ ଛାତ୍ର ଛାତ୍ରୀ ମାନଙ୍କୁ ଦୃଢକତା କରାନଯାଉ ବୋଲି ମତ ବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଭାଗ୍ୟଶ୍ରୀ ନାୟକ ରାଜୀବ କୁମାର ଦାସ, ସୂର୍ଯ୍ୟ କାନ୍ତ ବେହେରା, ତନୁଶ୍ରୀ ଜେନା, ଭାଗବତ ସାହୁ, ସତ୍ୟନାରାୟଣ ସାମଲ ପ୍ରମୁଖ ପରିଚାଳନା କରିଥିଲେ ପରେ ବିଭିନ୍ନ ବିଭାଗର କୃତି ଛାତ୍ରଛାତ୍ରୀ ମାନଙ୍କୁ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରା ଯାଇଥିଲା।

# 'ମନା' ପକ୍ଷରୁ ନିଉ ଲାଇଫ୍ କେନ୍ଦ୍ରରେ ନିଶା ନିବାରଣ ସଚେତନତା




ବାଲେଶ୍ୱର,୩୦।୦୧(ନି.ପ୍ର): ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ ନିଉଲାଇଫ୍ କେନ୍ଦ୍ରରେ ପାଳିତ ହୋଇଅଛି। ମିଳିତ ନିଶାନିବାରଣ ଅଭିଯାନ (ମନା) ପକ୍ଷରୁ ନିଶାନିବାରଣ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ କୁରୁଡ଼ାସ୍ଥିତ ନିଉ ଲାଇଫ୍ ନିଶା ନିବାରଣ କେନ୍ଦ୍ରର ମିଳିତ ସହଯୋଗରେ ଅନ୍ତେବାସୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଅଛି । 'ମନା'ର ସଭାପତି ଆଇନଜୀବୀ ପ୍ରଭାକର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଏହି କେନ୍ଦ୍ରର ସମ୍ପାଦକ ବିକ୍ରମ କେଶରୀ ଦାସ ଓ କେନ୍ଦ୍ରର ମୁଖ୍ୟ ଶଶୀକାନ୍ତ ନାୟକ ସାଂପ୍ରତିକ ସମାଜ ପାଇଁ 'ମନା'ର ଏଭଳି ଉଦ୍ୟମ ପ୍ରଶଂସନୀୟ ବୋଲି ମତ ରଖିଥିଲେ। ସାଧାରଣ ସମ୍ପାଦିକା ମମତା ମହାପାତ୍ର, ଉପଦେଷ୍ଟା ଶ୍ରୀଯୁକ୍ତ ସୁବ୍ରତ କର ଓ ଡକ୍ଟର କେଶବ ଚରଣ ପଣ୍ଡା, ଉପସଭାପତି ଡକ୍ଟର କ୍ଷିତୀଶ୍ୱର ଦାଶ, ନିରଞ୍ଜନ ପରିଡ଼ା, ନିରଞ୍ଜନ ରାଉତ, ବେଣୁଧର ସାହୁ, ତ୍ରିଦିବ କୁମାର ନାୟକ, ଯୋଗେଶ ଚନ୍ଦ୍ର ପ୍ରଧାନ, ରମେଶ ଚନ୍ଦ୍ର ଜେନା, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ପ୍ରଣିତା ମିଶ୍ର, ସନାତନ ଦାସ, ନିତ୍ୟାନନ୍ଦ ରାଉତ, ରବି ପାଣିଗ୍ରାହୀ ପ୍ରମୁଖ ବକ୍ତବ୍ୟ ରଖି ଅନ୍ତେବାସୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ଶୁଭେଚ୍ଛା ଜଣାଇଥିଲେ। ଶେଷରେ ରବିନାରାୟଣ ଭୋଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ବାରିପଦା,୩୦।୦୧(ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଭିନାଶ ପାଣିଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ବାରିପଦା ଷ୍ଟାଡ଼ିୟମ ସମ୍ମିଳନୀ କକ୍ଷରେଆୟୋଜିତ ହୋଇଯାଇଛି. ମୟୁରଭଞ୍ଜ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ପାଣିଙ୍କ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମଓ)କୁ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ବଦଳି ହୋଇଛି. ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲାର କାର୍ଯ୍ୟରତ ସାମ୍ବାଦିକ ମାନେ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିବାର ଜଣାଯାଇଛି. ସେ ଗତ ୮ ନଭେମ୍ବର ୨୦୨୩ରେ ମୟୂରଭଞ୍ଜ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ. ଏହା ପୂର୍ବରୁ ସେ କପ୍ତିପଦା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ. ତେବେ ତାଙ୍କର କାର୍ଯ୍ୟକାଳ ସମୟରେ ଜଣେ ଦକ୍ଷ ଅଧିକାରୀ ଭାବେ ସେ କାର୍ଯ୍ୟ ସମ୍ପାଦନ କରିଛନ୍ତି. ଉପସ୍ଥିତ ସାମ୍ବାଦିକ ମାନେ ସଭାରେ ପୁରୁଣା ସ୍ମୃତି ମନେପକାଇବା ସହ ତାଙ୍କର ନୂତନ ଦାୟିତ୍ୱକୁ ନେଇ ତାଙ୍କୁ ଶୁଭେଚ୍ଛା ଜଣାଇ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି. ସମ୍ବର୍ଦ୍ଧନା ସଭାରେ ସାମ୍ବାଦିକ ସୁକାନ୍ତ ଜିଉ, ମନୋଜ କୁମାର ପଣ୍ଡା, ଦୀପକ କୁମାର ନାୟକ, ରଞ୍ଜନ କୁମାର ଦାଶ, ଦୋଳ ଗୋବିନ୍ଦ ବାରିକ, ସୁବ୍ରତ କୁମାର ପ୍ରଧାନ, ତରୁଣ କୁମାର ଦାଶ, ପ୍ରିୟବ୍ରତ ମିଶ୍ର, ଶ୍ରୀକାନ୍ତ ସାହୁ, ବିଶ୍ୱଜିତ ଭୂୟାଁ, ଦିଲ୍ଲୀପ କୁମାର ପାତ୍ର, ଦିନେଶ କୁମାର ସେଠୀ, ରୂପମ ସ୍ୱାଇଁ, ସଞ୍ଜୟ କୁମାର ବାରିକ, ଦିଲ୍ଲୀପ ସିଂ, ଦୀପକ କୁମାର ମୁଦୁଲି, ଦୀପକ ପାଣିଗ୍ରାହୀ, ବିଜୁ ସିଂ, ଦେବେନ୍ଦ୍ର ନାଥ ଦାଶ, ଲଳିତ କୁମାର ବାରିକ, ହରେକୃଷ୍ଣ ପାତ୍ର, ଦେବବ୍ରତ ଦେଙ୍କ ସମେତ ସମେତ ବହୁ କାର୍ଯ୍ୟରତ ସାମ୍ବାଦିକ ଉପସ୍ଥିତ ଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo